

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୨ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 12 MAY 2023
Vol.No. 34 ■ No. 124 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଠକ ସଂସ୍ଥାର ୧.୨୨ କୋଟି ଟଙ୍କା ଫ୍ରିଜ୍ କଲା ଇଓଡବ୍ଲୁ

ଭୁବନେଶ୍ୱର, ୧୧/୦୫ (ନି.ପ୍ର): ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ) ଏକ ପୋନଜି ଆପ୍ ଜଏନ୍ ଟ୍ରେଡ୍'ର ୧.୨୨ କୋଟି ଟଙ୍କା ଫ୍ରିଜ୍ କରିଛି । ଅକ୍ଷୟ କୁମାର ଏବଂ ମନୀଷ ପଲଙ୍କ ପରି ବଲିଉଡର ଲୋକପ୍ରିୟ ଅଭିନେତାଙ୍କ ଚିତ୍ର ଦେଇ ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ଭ୍ରମିତ କରିବା ଏବଂ ବିଶ୍ୱାସ ସୃଷ୍ଟି କରିବା ନେଇ ଅନୁସନ୍ଧାନ ପରେ ଜଣାପଡ଼ିଥିଲା । ଠକ ସଂସ୍ଥାର ୧.୨୨ କୋଟି ଟଙ୍କା ଫ୍ରିଜ୍ କରାଯାଇଛି । ଗୁଗୁଲରେ ଜଏନ୍ ଟ୍ରେଡ୍ ନାମକ ଜାଲିଆତିକାରୀ ଆପ୍ ଡାଉନଲୋଡ୍ କରି ୩ଟି ବଡ଼ କଂପାନି ସମେତ ୫ଟି ଏକାଉଣ୍ଟରୁ ୧୮.୬୭ କୋଟି ଟଙ୍କାର ଜମା କରିଥିବା ମଧ ଜଣାଯାଇଥିଲା । ଲୋକଙ୍କଠାରୁ ୧୦୦ରୁ ୨୦ ହଜାର ଟଙ୍କା ଲେଖାଏଁ ଆଦାୟ କରୁଥିଲା ଠକ ସଂସ୍ଥା । ପ୍ରାୟ ୧ ଲକ୍ଷ ଲୋକ ଏହି ଠକାମିର ଶିକାର ହୋଇଥିବା ଜଣାଯାଇଛି ।

# ଇମ୍ରାନ୍ ଖାନ୍ଙ୍କ ବଡ଼ ବିଜୟ

## ଗିରଫଦାରୀକୁ ଅବୈଧ ଘୋଷଣା କଲେ ପାକ୍ ସୁପ୍ରିମ୍‌କୋର୍ଟ



ଇସଲାମାବାଦ୍, ୧୧/୦୫ (ନି.ପ୍ର): ପାକିସ୍ତାନର ସୁପ୍ରିମ୍‌କୋର୍ଟ ଗୁରୁବାର ଇମ୍ରାନ୍ ଖାନ୍ଙ୍କ ଗିରଫଦାରୀକୁ 'ବେଆଇନ' ଘୋଷଣା କରିବା ସହ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଦେଶ ପରେ ଇମ୍ରାନ୍ଙ୍କୁ ଅବିଳମ୍ବେ ମୁକ୍ତ କରାଯାଇଛି । ପାକିସ୍ତାନ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଉମର ଆଟା ବନ୍ଦିଆଲ, ଜଷ୍ଟିସ ମହମ୍ମଦ ଅଲ୍ଲୀ ମଜହର ଏବଂ ଜଷ୍ଟିସ ଅଥହର ମିନାଲ୍ଲାଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ ୭୦ ବର୍ଷୀୟ ଖାନଙ୍କୁ ଅବିଳମ୍ବେ ଜେଲରୁ ମୁକ୍ତ କରି କୋର୍ଟରେ ହାଜର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଲ୍ କାଦିର ଟ୍ରଷ୍ଟ ମାମଲାରେ ଇମ୍ରାନ୍ଙ୍କ ଗିରଫଦାରୀ ବିରୋଧରେ ପାକିସ୍ତାନ ତେହରିକ-ଇ-ଇନସାଫ (ପିଟିଆଇ) ଅଧ୍ୟକ୍ଷଙ୍କ ଆବେଦନର ଶୁଣାଣି କରି ଖଣ୍ଡପୀଠ ଇସଲାମାବାଦ ହାଇକୋର୍ଟ ପରିସରରୁ ଇମ୍ରାନ ଖାନଙ୍କୁ ଯେଉଁଭଳି ଭାବେ ହେପାଜତକୁ ନିଆଯାଇଛି ତାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ଖଣ୍ଡପୀଠ ନ୍ୟାସନାଲ ଆକାଉଣ୍ଟେବିଲିଟି ବ୍ୟୁରୋ (ଏନଏବି)କୁ ନିର୍ଦ୍ଦେଶ ଦେଇଥିଲେ ଯେ କୋର୍ଟ ପୁନର୍ବାର ଶୁଣାଣି ବେଳେ ସ୍ଥାନୀୟ ସମୟ ଅପରାହ୍ନ ସାଢ଼େ ୪ଟା ସୁଦ୍ଧା ଇମ୍ରାନ୍ ଖାନଙ୍କୁ କୋର୍ଟରେ ହାଜର କରନ୍ତୁ । ଏହି ନିର୍ଦ୍ଦେଶ ପରେ କଡ଼ା ସୁରକ୍ଷା ମଧ୍ୟରେ ଖାନଙ୍କୁ କୋର୍ଟକୁ ଅଣାଯାଇଥିଲା । ସେ କୋର୍ଟ ରୁମ୍ ଭିତରକୁ ପ୍ରବେଶ କରିବା ପରେ ଏହାକୁ ବନ୍ଦ କରି ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ବନ୍ଦ କୋର୍ଟରୁମ୍ ଭିତରେ ଖଣ୍ଡପୀଠ ମାମଲାର ଶୁଣାଣି ଆରମ୍ଭ କରିଥିଲେ । ପ୍ରଧାନ ବିଚାରପତି ଜଷ୍ଟିସ୍ ବାନ୍ଦିଆଲ କହିଛନ୍ତି, ଇମ୍ରାନ୍ ଖାନ୍ଙ୍କ ଗିରଫଦାରୀ ବେଆଇନ ବୋଲି ଆମେ ବିଶ୍ୱାସ କରୁଛୁ । ଇସଲାମାବାଦ ହାଇକୋର୍ଟ ଶୁକ୍ରବାର ଏହି ମାମଲାର ଶୁଣାଣି କରିବା ଉଚିତ ବୋଲି ସେ କହିଛନ୍ତି । ତେବେ, ହାଇକୋର୍ଟ ଯାହା ନିଷ୍ପତ୍ତି ନେବେ ତାକୁ ଗ୍ରହଣ କରିବାକୁ ପଡ଼ିବ ବୋଲି ବିଚାରପତି କହିଛନ୍ତି ।

## ୪୩ ଡିଗ୍ରୀ ଟପିଲା ଝାରସୁଗୁଡା ଓ ବୌଦ୍ଧର ତାପମାତ୍ରା



ଭୁବନେଶ୍ୱର, ୧୧/୦୫ (ନି.ପ୍ର): ଗରମ ଓ ଗୁଳୁଗୁଳିରେ ସାରା ରାଜ୍ୟ ସନ୍ତୁଳି ହେଉଛି । ଦେହରୁ ଝାଳ ଶୁଖୁନି କି ଘରେ କିମ୍ବା ବାହାରେ କେଉଁଠି ବି ଶାନ୍ତି ନାହିଁ । ତଣ୍ଟି ବାରମ୍ବାର ଶୁଖିଯାଉଛି । ଖରାରେ ୫ ମିନିଟ୍ ରହିଲେ, ଅଚେତ ହେବା ଭଳି ଲାଗୁଛି । ୪ଦିନ ହେଲା ଏହିଭଳି ପାଗ ଉପକୂଳ ଓଡ଼ିଶାବାସୀଙ୍କୁ ସନ୍ତୁଳି ପକାଇଲାଣି । ବିଶେଷ କରି ଆଜି ରାଜ୍ୟର ୧୬ ସହରର ତାପମାତ୍ରା ୪୦ ଡିଗ୍ରି ଅତିକ୍ରମ କରିଥିଲା । ଏଥିମଧ୍ୟରୁ ଅଧିକାଂଶ ସହର ପଶ୍ଚିମ ଓଡ଼ିଶାର । ଏବେ ପଶ୍ଚିମ ଓଡ଼ିଶାରେ ପ୍ରଚଣ୍ଡ ତାତି ଜାରି ରହିଛି । ବଡ଼କଥା ଯେ ଗତକାଲି ଝାରସୁଗୁଡାରେ ୪୨.୯ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବାବେଳେ ଆଜି ମଧ ଝାରସୁଗୁଡ଼ାରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି । ଝାରସୁଗୁଡା ସହ ବୌଦ୍ଧରେ ମଧ ସର୍ବାଧିକ ତାପମାତ୍ରା ୪୩.୪ ଡିଗ୍ରୀ ରେକର୍ଡ କରାଯାଇଛି । ବୌଦ୍ଧ ଓ ଝାରସୁଗୁଡା ତଳକୁ ସମ୍ବଲପୁରରେ ୪୩.୩ ଡିଗ୍ରୀ, ତାଳଚେରରେ ୪୧ ଡିଗ୍ରୀ, ଅନୁଗୁଳରେ ୪୧.୭ ଡିଗ୍ରୀ, ସୁନ୍ଦରଗଡରେ ୪୨.୧ ଡିଗ୍ରୀ, ବଲାଙ୍ଗୀରରେ ୪୧.୨ ଡିଗ୍ରୀ, ହୀରାକୁଦରେ ୪୨.୩ ଡିଗ୍ରୀ, ରାଉରକେଲାରେ ୪୨ ଡିଗ୍ରୀ, ବରଗଡରେ ୪୦.୨ ଡିଗ୍ରୀ, ସୋନପୁରରେ ୪୧.୩ ଡିଗ୍ରୀ, ବାରିପଦାରେ ୪୦.୬ ଡିଗ୍ରୀ, ଟିଟିଲାଗଡ଼ରେ ୪୧ ଡିଗ୍ରୀ, ନୟାଗଡରେ ୪୦.୨ ଡିଗ୍ରୀ, ମାଲକାନଗିରିରେ ୪୦ ଡିଗ୍ରୀ ରେକର୍ଡ ହୋଇଛି ।

# ଚମ୍ପୁଆର ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କ ଘରେ ଚଢ଼ଉ



କେନ୍ଦୁଝର, ୧୧/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆର ପୂର୍ବତନ ବିଧାୟକ ତଥା ଖଣି ବ୍ୟବସାୟୀ ସନାତନ ମହାକୁଡ଼ଙ୍କ ଘରେ କୌଣସି ଏକ ସରକାରୀ ବିଭାଗ ପକ୍ଷରୁ ଚଢ଼ଉ ଚାଲିଥିବା ସୂଚନା ରହିଛି । କେନ୍ଦୁଝର , ଭୁବନେଶ୍ୱର ଏବଂ ପୈତୃକ ଗ୍ରାମ ନନ୍ଦିରାରେ ଏକକାଳୀନ ଚଢ଼ଉ ହେଉଥିବା ସୂଚନା ରହିଛି । ସନାତନ ମହାକୁଡ଼ଙ୍କ କେନ୍ଦୁଝର ବାସଭବନକୁ ବିଏସଏଫ ଯବାନ ଘେରି ରହିଛନ୍ତି । ଏରେ ଅନ୍ୟ ଏକ ସୂତ୍ରରୁ ଜଣାଯାଇଛି ଯେ ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କ ଭୁବନେଶ୍ୱର, କେନ୍ଦୁଝର ଓ ଯୋଡ଼ା ଘର ସମେତ ୧୦ଟି ସ୍ଥାନରେ ଆୟକର ବିଭାଗ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଉଛି । ଏଥିରେ ବିଭାଗର ୨୦ଜଣିଆ ଟିମ୍ ସାମିଲ ଥିବା କୁହାଯାଉଛି । ରାଜଧାନୀର ସହିଦ ନଗରରେ ଥିବା ତାଙ୍କ ଘରେ ଏବଂ ତାଙ୍କ ପିଏ ବିକାଶ ମହାନ୍ତିଙ୍କ ଘରେ ଚଢ଼ଉ ଜାରି ରହିଛି । ଏହାଛଡ଼ା ଘର ପ୍ଲାରେ ଥିବା ଏକ ଘରେ ବି ଚଢ଼ଉ କରାଯାଉଛି । ଭୋର ୫ଟା ସମୟରୁ ୬ଟି କାରରେ ଆୟକର ବିଭାଗ ଟିମ୍ ଆସି ରାଜଧାନୀରେ ଚଢ଼ଉ କରୁଛନ୍ତି । ଘର ସାମ୍ନାରେ ବିଏସଏଫ ଯବାନ ମୁତୟନ ହୋଇଛନ୍ତି । ତେବେ ଏନେଇ ଆୟକର ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନାହିଁ । ସୂଚନାଯୋଗ୍ୟ, ସନାତନ ମହାକୁଡ଼ ୨୦୧୪ରୁ ୨୦୧୯ ଯାଏ ଚମ୍ପୁଆର ବିଧାୟକ ଥିଲେ ।

# ମୋଦୀଙ୍କୁ ସାକ୍ଷାତ କଲେ ନବୀନ

### ପୁରୀ ବିମାନବନ୍ଦରକୁ ନେଇ ଆଲୋଚନା



ଭୁବନେଶ୍ୱର/ନୂଆଦିଲ୍ଲୀ : ୪ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି । ତେବେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପରେ ନବୀନ କହିଛନ୍ତି ଯେ ଓଡ଼ିଶାର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି । ବିଶେଷ କରି ପୁରୀରେ ଅନ୍ତର୍ଜାତୀୟ ବିମାନବନ୍ଦର ନେଇ ଆଲୋଚନା ହୋଇଛି । ଭୁବନେଶ୍ୱର ଏୟାରପୋର୍ଟର ଟ୍ରାଫିକ ଅଧିକ ହୋଇଗଲାଣି । ତେଣୁ ପୁରୀରେ ଶ୍ରୀଜଗନ୍ନାଥ ଏୟାରପୋର୍ଟ ପାଇଁ ଦାବି କରାଯାଇଛି । ଏହାକୁ ନେଇ ପ୍ରଧାନମନ୍ତ୍ରୀ ସକାରାତ୍ମକ ପ୍ରତିକ୍ରିୟା ଦେଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ଭାରତ ନେଟ୍ ଫେଜ-୨ରେ ଓଡ଼ିଶାକୁ ସାମିଲ କରିବାକୁ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ । ଓଡ଼ିଶାରେ ଅସମ୍ପୂର୍ଣ୍ଣ ଥିବା ଜାତୀୟ ରାଜପଥଗୁଡିକୁ ସମ୍ପୂର୍ଣ୍ଣ କରିବା ସହ ଓଡ଼ିଶାର ପଞ୍ଚାୟତସ୍ତରରେ ଅଧିକରୁ ଅଧିକ ବ୍ୟାଙ୍କ ସ୍ଥାପନ ପାଇଁ ଦାବି କରାଯାଇଛି । ▶▶ପୃଷ୍ଠା ୭

## ୧୧୮୧ ଜଣ ଏଲୋପାଥିକ ଡାକ୍ତର ପାଇଲେ ନିଯୁକ୍ତି

ଭୁବନେଶ୍ୱର, ୧୧/୦୫ (ନି.ପ୍ର): ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟ ସେବା (ଓଏମଏଚଏସ୍) କ୍ୟାଡରରେ ୧୧୮୧ ଜଣ ଏଲୋପାଥିକ ଡାକ୍ତରଙ୍କୁ ଏନଆଇସି ଭୁବନେଶ୍ୱର ଦ୍ୱାରା ଅନଲାଇନ୍ କାଉଂସେଲିଂ ମାଧ୍ୟମରେ ସ୍ଥିର ହୋଇଥିବା ବିଭିନ୍ନ ଜିଲ୍ଲାମାନଙ୍କରେ ନିଯୁକ୍ତି ନିମନ୍ତେ ଆଦେଶ ପ୍ରଦାନ କରିଛନ୍ତି । ଓଡ଼ିଶାବାସୀଙ୍କୁ ଉଚ୍ଚକୋଟୀର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପ୍ରତ୍ୟେକ ବର୍ଷ ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ଡାକ୍ତର ଚୟନ ପ୍ରକ୍ରିୟା କରାଯାଉଛି ।

## ଆଜି ୪ ଦିନିଆ ଓଡିଶା ଗସ୍ତରେ ଆସିବେ ମୋହନ ଭାଗବତ

ଭୁବନେଶ୍ୱର, ୧୧/୦୫ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘ ଚାଳକ ଡ.ମୋହନ ଭାଗବତ ଆସନ୍ତାକାଲି (ଶୁକ୍ରବାର) ୪ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଁଚିବେ । ଏଠାରୁ ସେ କଟକର କେଶବଧାମକୁ ଯାତ୍ରା କରିବେ । ୧୨ ତାରିଖରୁ କେଶବଧାମ, ଗତିରାଉତ ପାଟଣା, କଟକ ଠାରେ ସଂଘର ସଂଘ ଶିକ୍ଷାବର୍ଗ ଅନୁଷ୍ଠିତ ହେଉଛି । ଏହି ପ୍ରଶିକ୍ଷଣ ଶିବିରରେ ▶▶ପୃଷ୍ଠା ୭

### ୧୬ ବିଧାୟକ ଅଯୋଗ୍ୟ ମାମଲା

# ବିଧାୟକଙ୍କ ଅଯୋଗ୍ୟତା ଉପରେ ଆମେ ନେଇପାରିବୁ ନାହିଁ ନିଷ୍ପତ୍ତି: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୧/୦୫ : ଦୀର୍ଘଦିନର ବ୍ୟବଧାନ ପରେ ମହାରାଷ୍ଟ୍ର ରାଜନୈତିକ ମାମଲାକୁ ନେଇ ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୁଡଙ୍କ ଅଧକ୍ଷତାରେ କୋର୍ଟର ୫ ଜଣ ସଦସ୍ୟତା ବାଲା ସାମ୍ବିଧାନିକ ପୀଠ ଗତ ବର୍ଷ ଏହି ମାମଲାକୁ ବଡ ବେଞ୍ଚକୁ ପଠାଇ ଦେଇଥିଲେ । କୋର୍ଟ କହିଥିଲେ କି ବାଚସ୍ପତିଙ୍କୁ ରାଜନୈତିକ ଦଳଙ୍କ ତରଫରୁ ନିଯୁକ୍ତ କରାଯାଇଥିବା ହ୍ୱିପକୁ ମାନ୍ୟତା ଦେବା ଆବଶ୍ୟକ । ଏହାସହ ବାଚସ୍ପତିଙ୍କୁ ହଟାଇବା ନୋଟିସ ବାଚସ୍ପତିଙ୍କ ଅଯୋଗ୍ୟତା ନୋଟିସ ଜାରି କରିବାର କ୍ଷମତାକୁ ସୀମିତ କରିବ କି ନାହିଁ, ସେ ପ୍ରସଙ୍ଗକୁ ଏକ ବୃହତ ଖଣ୍ଡପୀଠ ଯାଂଚ କରିବାର ଆବଶ୍ୟକତା ରହିଛି । ଗଣତନ୍ତ୍ର ଅନୁସାରେ ହ୍ୱିପକୁ ଦଳରୁ ଅଲଗା କରିବା ଠିକ୍ ହେବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଦଳ ଯେତେବେଳେ ଲୋକଙ୍କ ଠାରୁ ଭୋଟ ମାଗୁଛି ସେତେବେଳେ କିଏ ସଚେତକ ହେବ ତାହା କେବଳ ବିଧାୟକମାନେ ସ୍ଥିର କରିପାରିବେ ନାହିଁ । ଦଳୀୟ ବିଧାୟକଙ୍କ ବୈଠକରେ ଉଦ୍ଧବ ଠାକରେଙ୍କ ନେତା ଭାବେ ଚୟନ କରାଯାଇଥିଲା । ଜୁଲାଇ ୩ ତାରିଖରେ ବାଚସ୍ପତି ଶିବସେନାର ନୂଆ ସଚେତକଙ୍କୁ ଅନୁମୋଦନ କରିଥିଲେ । ଏହି ପରିପେକ୍ଷୀରେ ସେଠାରେ ଦୁଇଜଣ ନେତା ଓ ଦୁଇଜଣ ସଚେତକ ଥିଲେ । ବାଚସ୍ପତି ନିରପେକ୍ଷ ତଦନ୍ତ କରି ନିଷ୍ପତ୍ତି ନେବା କଥା ।

▶▶ପୃଷ୍ଠା ୭

# କେନ୍ଦ୍ର ସହ କ୍ଷମତା ଯୁଦ୍ଧ: ସୁପ୍ରିମକୋର୍ଟରେ ଦିଲ୍ଲୀ ସରକାରଙ୍କ ବଡ଼ ବିଜୟ



ନୂଆଦିଲ୍ଲୀ,୧୧/୦୫ : କେନ୍ଦ୍ର ଓ ଦିଲ୍ଲୀ ସରକାର ମଧ୍ୟରେ ଚାଲିଥିବା କ୍ଷମତା ଯୁଦ୍ଧରେ ବଡ଼ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ । କ୍ଷମତା ଯୁଦ୍ଧରେ ଦିଲ୍ଲୀ ସରକାରଙ୍କର ହୋଇଛି ବଡ଼ ବିଜୟ । କେନ୍ଦ୍ର ସରକାର କେବେ ହେଲେ ରାଜ୍ୟର ଶାସନ ଅଧିକାର ହଡ଼ପ କରିପାରିବେ ନାହିଁ । ପ୍ରକୃତ କ୍ଷମତା ନିର୍ବାଚିତ ସରକାରଙ୍କ ପାଖରେ ରହିବ । ଗଣତାନ୍ତ୍ରିକ ଉପାୟରେ ଗଠନ ହୋଇଥିବା ସରକାର ପାଖରେ ପ୍ରକୃତ ପ୍ରଶାସନିକ କ୍ଷମତା ରହିବ । କେନ୍ଦ୍ର କେବଳ ଜମି, ଆଇନ ଶୃଙ୍ଖଳା ଓ ପୁଲିସ୍ ? ଉପରେ ନିଜର ନିୟନ୍ତ୍ରଣ ରଖିପାରିବେ ବୋଲି ଆଜି ସର୍ବୋଚ୍ଚ ଅଦାଲତ କହିଛନ୍ତି । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ୫ ଜଣିଆ ଖଣ୍ଡପୀଠ ସର୍ବସମ୍ମତିକ୍ରମେ ଦିଲ୍ଲୀର ପ୍ରଶାସନିକ କ୍ଷମତା ନିର୍ବାଚିତ ସରକାରଙ୍କ ହାତରେ ରହିବ ବୋଲି କହିଛନ୍ତି । ଖଣ୍ଡପୀଠ କହିଛନ୍ତି, ସମସ୍ତ ପ୍ରକାରର ସେବା ଉପରେ ଦିଲ୍ଲୀ ସରକାରଙ୍କ ନିୟନ୍ତ୍ରଣ ରହିବ ଓ ଏହାର ନିଷ୍ପତ୍ତିକୁ ଉପ ରାଜ୍ୟପାଳ ମାନିବାକୁ ବାଧ୍ୟ । ଦିଲ୍ଲୀ ବିଧାନସଭା ବିଧାୟକମାନଙ୍କୁ ଲୋକଙ୍କ ଇଚ୍ଛା ଉପସ୍ଥାପନ କରିବାକୁ ଅଧିକାର ଦେଇଛି । ଯଦି ଅଫିସରମାନେ ମନ୍ତ୍ରୀଙ୍କୁ ରିପୋର୍ଟ କରିବେ ନାହିଁ କିମ୍ବା ତାଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବେ ନାହିଁ, ତା'ହେଲେ ସାମୁହିକ ଦାୟିତ୍ୱ ପ୍ରଭାବିତ ହେବ । କେନ୍ଦ୍ରକୁ ଦିଲ୍ଲୀରେ ପ୍ରତିନିଧିତ୍ୱ କରୁଥିବା ଉପ ରାଜ୍ୟପାଳ ସେବା କ୍ଷେତ୍ରରେ ନିର୍ବାଚିତ ସରକାର ଓ ମନ୍ତ୍ରିମଣ୍ଡଳର ପରାମର୍ଶ ମାନିବାକୁ ବାଧ୍ୟ । ରାଷ୍ଟ୍ରପତି ନ୍ୟସ୍ତ କରିଥିବା ପ୍ରଶାସନିକ କ୍ଷମତାରେ ଉପ ରାଜ୍ୟପାଳଙ୍କ ଭୂମିକା ଅଛି ସତ । କିନ୍ତୁ ପ୍ରଶାସନ ସଂପୂର୍ଣ୍ଣ ଭାବେ ଦିଲ୍ଲୀ ସରକାରଙ୍କ ଉପରେ ବୋଲି ଏହାକୁ ଭାବିବା ଉଚିତ ନୁହେଁ । ଯଦି ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରଙ୍କ ପାଖରେ ଅଫିସରଙ୍କୁ ନିୟନ୍ତ୍ରଣ କରିବାର କ୍ଷମତା ନ ରହିବ ଓ ସେମାନଙ୍କୁ ଉତ୍ତରଦାୟିତ୍ୱ କରାନଯିବ, ତା'ହେଲେ ଲୋକଙ୍କ ମାନଙ୍କ ସ୍ୱାର୍ଥ ପ୍ରଭାବିତ ହେବ । ଯଦି ଜଣେ ଅଫିସର ସରକାରଙ୍କୁ ଜବାବ ନ ଦେବେ, ତା'ହେଲେ ସାମୁହିକ ଦାୟିତ୍ୱ ପ୍ରଭାବିତ ହେବ ।" ସୁପ୍ରିମକୋର୍ଟ ଦିଲ୍ଲୀ ସରକାରଙ୍କ ସପକ୍ଷରେ ରାୟ ଦେଇ କହିଛନ୍ତି, ପ୍ରଶାସନିକ ଅଧିକାରୀଙ୍କ ଉପରେ ନିର୍ବାଚିତ ସରକାରଙ୍କ ନିୟନ୍ତ୍ରଣ ରହିବ । ▶▶ପୃଷ୍ଠା ୭

# କନ୍ଧମାଳ ଜିଲ୍ଲା ସମିତିସଭ୍ୟ/ସଭ୍ୟା ବୈଠକ: ଅଧିକାର ପାଇଁ ଲଢ଼େଇ

କନ୍ଧମାଳ, ୧୧/୦୫ (ନି.ପ୍ର): କନ୍ଧମାଳ ଜିଲ୍ଲା ସମିତିସଭ୍ୟ/ସଭ୍ୟା ବୈଠକ ଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି ସମିତିସଭ୍ୟ ବୈଦ୍ୟନାଥ ବେହେରାଙ୍କ ନେତୃତ୍ୱରେ ଫୁଲବାଣୀ ସ୍ଥିତ ଅମଲାପଡ଼ା ମା' ବ୍ରାହ୍ମଣୀ ଦେବୀ ମନ୍ଦିର ପ୍ରାଙ୍ଗଣ ରେ କନ୍ଧମାଳ ଜିଲ୍ଲା ସମିତିସଭ୍ୟ/ ସଭ୍ୟାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପ୍ରଶାସନିକ କ୍ଷେତ୍ରରେ ସମିତିସଭ୍ୟ ମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇ ସେମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଥିବାରୁ ସମସ୍ତଙ୍କ ଅସନ୍ତୋଷ ପ୍ରକାଶ କରି ଏହି ସମିତିସଭ୍ୟ ପଦବୀ କାହା ସ୍ୱାର୍ଥ ରେ ବୋଲି ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବାକୁ ଆଜିର ବୈଠକରେ ନିଷ୍ପତି ହୋଇଛି। ଜଣେ ସରପଂଚ ପଂଚାୟତରୁ ଯେମିତି ନିର୍ବାଚିତ ହୋଇ ଆସୁଛି ସେଭଳି ଜଣେ ସମିତିସଭ୍ୟ ମଧ ନିର୍ବାଚିତ ହୋଇ ଆସୁଛି। ହେଲେ ବ୍ଲକ ଅଧକ୍ଷ ପଦବୀ ନିର୍ବାଚନ ସେସହୋଇ ଗଲାପରେ ଆଉ ସମିତିସଭ୍ୟ ମାନଙ୍କୁ ସେମାନଙ୍କ ଆଧିକାରରୁ ସମ୍ପୂର୍ଣ୍ଣ ବଂଚିତ ରଖା ଯାଉଥିବା ଯୋଗୁଁ ଜିଲ୍ଲାରେ ସମିତିସଭ୍ୟମାନେ ଏକତା ସୃଷ୍ଟି କରି ନିଜର ଅଧିକାରକୁ ଜାହିର କରିବାକୁ ଏହି ବୈଠର ମୁଖ୍ୟ ଉଦେଶ୍ୟ ବୋଲି ସମିତି ସଭ୍ୟମାନେ ଗଣମାଧମ ଆଗରେ ପ୍ରକାଶ କରିଛନ୍ତି। ଅଗାମି ଦିନରେ ସମିତିସଭ୍ୟ/ସଭ୍ୟା ଏକତ୍ରିତ ହୋଇ ଏହାର ପ୍ରତିବାଦ କରିବେ ଓ ସରକାର ନଶୁଣିଲେ ଆନ୍ଦୋଳନକୁ ଓହ୍ଲାହିବେ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ୧୭ ତାରିଖରେ ଜିଲ୍ଲାର କ''ନୂଆଗାଁ ଠାରେ ସମସ୍ତଙ୍କୁ ନେଇ ପୁଣି ଏକ ବିରାଟ ବୈଠକ ବସିବାପାଇଁ ସ୍ଥିରୀକୃତ ହୋଇଛି। ଏଠାରେ ଯାହାସବୁ ନିଷ୍ପତି ହେବ ସେ ଅନୁସାରେ ଆଗକୁ କାର୍ଯ୍ୟକାରୀ କରାଯିବ ବୋଲି ଉପସ୍ଥିତ ସମିତିସଭ୍ୟ/ସଭ୍ୟାଙ୍କ ମତ ପ୍ରକାଶ କରିଛନ୍ତି।

# ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟିର ଦିଶା ବୈଠକ ଅନୁଷ୍ଠିତ

ମାଲକାନଗିରି, ୧୧/୦୫ (ନି.ପ୍ର): କେନ୍ଦ୍ର ସରକାରଙ୍କ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନ ହିତକାରୀ ଯୋଜନାଗୁଡ଼ିକର ସମୟୋଚିତ ସଫଳତା ପାଇଁ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟିର ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦ ରମେଶ ଚନ୍ଦ୍ର ମାଝୀ ଅଧକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦର ଅଧକ୍ଷ ସମାରୀ ଟାଙ୍ଗୁଲ, ବିଧାୟକ, ମାଲକାନଗିରି, ଆଦିତ୍ୟ ମାଢ଼ି ବିଧାୟକ ମାଲକାନଗିରି, ପୂର୍ଣ୍ଣଚନ୍ଦ୍ର ବାକା ଚିତ୍ରକୋଣ୍ଡା ବିଧାୟକ ଜିଲ୍ଲାପାଳ ବିଶାଲ ସିଂ, ମାଲକାନଗିରି ପୌର ପରିଷଦର ଅଧକ୍ଷ ମନୋଜ ବାରିକ, ବିଜ୍ଞାପିତ ଅଂଚଳ ପରିଷଦ ବାଲିମେଳା ଅଧକ୍ଷ ପ୍ରଦୀପ ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଳଭଦ୍ର ଦୀପ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ମାନ୍ୟବର ସାଂସଦ ଶ୍ରୀ ମାଝୀ ଜିଲ୍ଲାର ସାମଗ୍ରିକ ବିକାଶ ନିମନ୍ତେ ଜନସାଧାରଣଙ୍କଠାରୁ ବାସ୍ତବିକ ସମସ୍ୟା ସମ୍ପର୍କରେ ଅବଗତ ହୋଇ ମିଳିମିଶି କାମ କରିବା ସହ ସମୟ ସୀମା ମଧରେ ସମସ୍ତ କାର ?ୟ ସମାପନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଦିଶା କମିଟିର ସମସ୍ତ ସଦସ୍ୟ କ୍ଷେତ୍ର ଗସ୍ତ କରି ସମସ୍ୟାର ସମାଧାନ କରିବା ନିମନ୍ତେ ମଧ ସେ ଗୁରୁତ୍ୱାରୋପ କରିଛନ୍ତି। ସେ ଜିଲ୍ଲାର ରେଳ ପ୍ରକଳ୍ପର ଅଗ୍ରଗତି ବିଷୟରେ ସମୀକ୍ଷା କରି ସମସ୍ତ ପ୍ରକଳ୍ପ ସହ ଜଡ଼ିତ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଅଗ୍ରାଧିକାର ଭିତିରେ ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ୨୦୨୭ ସୁଦ୍ଧା ଜିଲ୍ଲାରେ ରେଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ବୋଲି ଏଠାରେ ସୂଚନା ଦିଆଯାଇଛି। ସେହିପରି ଜିଲ୍ଲାରେ ୧୨୮ଟି ଜିଓ ମୋବାଇଲ ଟାୱାର ମଞ୍ଜୁର ହୋଇଥିବା ବେଳେ ୮୫ଟି ଟାୱାର ସ୍ଥାପନ ହୋଇସାରିଛି। ସେହିପରି ବିଏସଏନଏଲର ୫୧ ଟି ଟାୱାର ମଞ୍ଜୁର ହୋଇଥିବା ଏଠାରେ ଜଣାଯାଇଛି। ପ୍ରତ୍ୟେକ ସେତୁ ନିର୍ମାଣର ସଂପୂର୍ଣ୍ଣ ସମୟସୀମା ଜିଲ୍ଲାପାଳଙ୍କୁ ଅବଗତ କରାଇବେ ବୋଲି ଜାତୀୟ ରାଜପଥ କାର ?ୟର ଅଗ୍ରଗତି ସମୀକ୍ଷା କରି ଜିଲ୍ଲାପାଳ ଶ୍ରୀ ସିଂ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ଶେଷ ସୁଦ୍ଧା ଜିଲ୍ଲାରେ ନିର୍ମାଣାଧିନ ବିମାନ ବନ୍ଦର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ମଧ ବୈଠକରେ କୁହାଯାଇଛି। ଆଗାମୀ ମୌସୁମୀର ଆଗମନ ପୂର୍ବରୁ ନଷ୍ଟ ହୋଇଯାଇଥିବା ସମସ୍ତ ରାସ୍ତା ଓ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ସଂଯୋଗିକରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧିନରେ ୮୭ ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ ୮୦ ଟି ଅମୃତ ସରୋବର ନିର୍ମାଣ ହୋଇପାରିଛି। ଏହି ଅବସରରେ ମାନ୍ୟବର ବିଧାୟକ ଶ୍ରୀ ବାକା ପ୍ରତ୍ୟେକ ଗ୍ରାମ ପଂଚାୟତରେ ଗୋଟିଏ ଲେଖାଏଁ ଖେଳ ପଡିଆ ତିଆରି କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ତତ୍ ସହିତ ସ୍ୱାଭିମାନ ଅଂଚଳରେ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପ ଗୁଡିକୁ ଅଗ୍ରାଧିକାର ଭିତିରେ ମୌସୁମୀ ଆଗମନ ପୂର୍ବରୁ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଜୀବିକା ମିଶନ ଅଧିନରେ ଜିଲ୍ଲାରେ ୧୧୧ଟି ଜିପିଏଲଏଫ, ୮୫୧୪ ଟି ଏସଏଚଜି, ୮୫୪ ସିଏଲଏଫ, ୯୪ ଏମବିକେ, ୪୨ ବ୍ୟାଙ୍କ୍ ମିତ୍ର, ୭୫୬ ସିଆରପି ସିଏମ୍, ୨୪୭ କୃଷି ମିତ୍ର ଓ ୧୭୬ ପ୍ରାଣୀ ମିତ୍ର ଥିବା ସୂଚନା ଦିଆଯାଇଛି। ବହୁତ ଶୀଘ୍ର ଜିଲ୍ଲାରେ ନୂତନ ଡାକ୍ତର ମାନେ କାର୍ଯ୍ୟରେ ଯୋଗ ଦେବେ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି। ଜିଲ୍ଲାରେ ଡାକ୍ତରଙ୍କ ଆବଶ୍ୟକତାକୁ ଉପଲବ୍ଧ କରି ସ୍ୱତନ୍ତ୍ର ଭାବେ ମାଲକାନଗିରି ଜିଲ୍ଲା ପାଇଁ ଡାକ୍ତର ପଦବୀ ସଂରକ୍ଷଣ କରି ନିଯୁକ୍ତି ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇବେ ବୋଲି ଜିଲ୍ଲାପାଳ ଶ୍ରୀ ସିଂ କହିଛନ୍ତି।

## ରେଳ ଉପଭୋକ୍ତା ସଂଘର ସାଂସଦଙ୍କୁ କୃତଜ୍ଞତା ଜ୍ଞାପନ

ବଲାଙ୍ଗୀର, ୧୧/୦୫ (ନି.ପ୍ର): ବଲାଙ୍ଗୀର ରେଳ ଉପଭୋକ୍ତା ସଂଘ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟାକୁ ନେଇ ଲୋକଲୋଚନକୁ ଆଣି ଜିଲ୍ଲାର ପ୍ରତିନିଧି ଏବଂ ରେଳ ବିଭାଗର ଉପରିସ୍ଥ କର୍ମଚାରୀଙ୍କୁ ଜଣାଇ ଆସିଛନ୍ତି। ଆଜି ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଏହି ଦାବୀଗୁଡିକୁ ନେଇ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଚିଠି ମାଧମରେ ବଲାଙ୍ଗିରବାସୀଙ୍କ ଦୁଃଖ ଜଣାଇଥିବାରୁ ସଂଘ ତରଫରୁ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ଦିବାକର ହୋତା, ଅଶୋକ ଚାନ୍ଦ, ନାରାୟଣ ପାଢୀ, ପ୍ରଭାକର ମିଶ୍ର, ଧର୍ମବ୍ରତ ରଥ ପ୍ରମୁଖ ସାଂସଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ଦାବିମାନଙ୍କ ମଧରେ ମୁଖ୍ୟତଃ ଦିଲ୍ଲୀ-ପ୍ରୟାଗରାଜକୁ ସିଧାସଳଖ ଟ୍ରେନର ବ୍ୟବସ୍ଥା, ଭୁବନେଶ୍ୱରକୁ ଗୋଟିଏ ଦିନରେ ଫେରି ଆସିବା ବ୍ୟବସ୍ଥା, ବଲାଙ୍ଗିର ଖୋର୍ଦ୍ଧା ରେଳପଥର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ବଲାଙ୍ଗିର ଷ୍ଟେସନକୁ ଗ୍ରେଡ ଏ ମାନ୍ୟତା ଦେବା, ରେଳ ବଗି ଧୋଇବା ବ୍ୟବସ୍ଥା, ଖରାକୁ ଦେଖି ଯାତ୍ରୀଙ୍କ ଉପରେ ଶୀତଳ ଜଳ ସିଂଚନ ଓ ପ୍ରାଥମିକତା ଭାବରେ ବୟସ୍କ ଓ ରୋଗୀମାନଙ୍କ ପାଇଁ ଦୁଇଟି ଲିଫ୍ଟର ବ୍ୟବସ୍ଥା ସହ ଅନ୍ୟ ଏକ ପାଦଚଲା ପଥ ନିର୍ମାଣ, ୨ ଏବଂ ୩ ନଂ. ପ୍ଲାଟଫର୍ମରେ ପିଇବା ପାଣିର ବ୍ୟବସ୍ଥା କରିବା ପାଇଁ ଏଥିରେ ଉଲ୍ଲେଖ ଅଛି।

# ବୌଦ୍ଧ ଜିଲ୍ଲାର ଜିଲ୍ଲା ପରିଷଦ, ଦିଶା ଏବଂ ଜିଲ୍ଲା ଯୋଜନା କମିଟି ବୈଠକ ଅନୁଷ୍ଠିତ

ବୌଦ୍ଧ, ୧୧/୦୫ (ନି.ପ୍ର): ବୌଦ୍ଧ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହ ରେ ବୌଦ୍ଧ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ପଂଚାୟତି ରାଜ ଓ ପାନୀୟ ଜଳ, ଜଙ୍ଗଲ ଓ ପରିବେଶ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କନ୍ଧମାଳ ସାଂସଦ ଡଃ. ଅଚ୍ୟୁତାନନ୍ଦ ସାମନ୍ତ, କଂଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ମହୀଧର ରଣା ଏବଂ ଜିଲ୍ଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ ଯୋଗ ଦେଇଥିଲେ। ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ସମସ୍ତ ପଂଚାୟତ ସମିତି ଅଧକ୍ଷ ଅଧକ୍ଷା, ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ହୋଇ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ ଯୋଜନାଗୁଡିକର ଅଗ୍ରଗତୀ ଉପରେ ସମୀକ୍ଷା ରେ ଭାଗ ନେଇ ଥିଲେ। ଜିଲ୍ଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଆବାହକତ୍ୱରେ ଏହି ବୈଠକ ସହିତ କନ୍ଧମାଳ ସାଂସଦ ଡଃ. ସାମନ୍ତଙ୍କ ସଭାପତିତ୍ୱ ରେ ଜିଲ୍ଲା ଉନ୍ନୟନ ସମନ୍ୱୟ ପରିଚାଳନା କମିଟି ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ତତ୍ପରେ ମାନ୍ୟବର କଣ୍ଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ମହୀଧର ରଣାଙ୍କ ଅଧକ୍ଷତା ରେ ଜିଲ୍ଲା ଯୋଜନା କମିଟି ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲା କୃଷି ଅଧିକାରୀ ଜିଲ୍ଲାରେ କପା ଚାଷ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଥିବା ପ୍ରକାଶ କରିଥିଲେ। ଏଥିନିମନ୍ତେ ଆବଶ୍ୟକୀୟ ସାର କୀଟନାଶକ ଓ ରସାୟନ ଯୋଗାଇ ଦେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ ଜିଲ୍ଲାରେ ହଳଦୀ ଓ ଅଦା ଚାଷ ପାଇଁ ଚଳିତ ବର୍ଷ ୧୦୦ ହେକ୍ଟର ଲକ୍ଷ୍ୟ ଥିବା କହିଥିଲେ। ଆମ୍ବ ଚାଷ ସହିତ ଏହି ଚାଷ କରାଯାଇ ପାରିବ। ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ୨୫୦ ମେଟ୍ରିକ ଟନ ବିଶିଷ୍ଟ ସୌର ଚାଳିତ ପନିପରିବା ସାଇତା ଘର ପ୍ରତି ବ୍ଲକ୍ ରେ ନିର୍ମାଣ କରାଯିବାର ଯୋଜନା ରହିଥିବା କହିଥିଲେ। ପି. ଡି. ୱାଟରସେଡ କଂଟାମାଳ ବ୍ଲକରେ ଚେକ ଡ୍ୟାମ ଓ ଫାର୍ମ ପଣ୍ଡ ରେ ଅନିୟମିତତା କରିଥିବା ଗୃହରେ ଅଭିଯୋଗ ଆସିଥିଲା। ଏଥି ନିମନ୍ତେ ଜିଲ୍ଲାପାଳ ନିଜେ ଅନୁଧ୍ୟାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବୈଠକରେ ମତାମତ ପ୍ରକାଶ ପାଇଥିଲା। ୯ ଗୋଟି କମିଟି ମଧରୁ ୬ ଗୋଟି ଗଠିତ ହୋଇଛି। ଅନ୍ୟ ୩ ଗୋଟି ଯେପରି ଶୀଘ୍ର ଗଠିତ ହେବ ପଦକ୍ଷେପ ନେବାକୁ କୁହା ଯାଇଥିଲା। କାର୍ଯ୍ୟ ସରିଥିବା କ୍ଷେତ୍ରରେ ଏମ.ଆର. ଦ୍ୱାରା ୭ ଦିନ ଭିତରେ ତୁରନ୍ତ ପେମେଣ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କେଉଟିପାଲି ଆଦି ଗ୍ରାମରେ ପେମେଂଟ ହେଉ ନ ଥିବା ଅଭିଯୋଗ ଆସିଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ କରିଥିଲେ ଯେ ତିନି ପର୍ଯ୍ୟାୟ ରେ ଅଦ୍ୟାବଧି ଜିଲ୍ଲାରେ ୫୭ ଗୋଟି ଉଚ୍ଚ ବିଦ୍ୟାଳୟକୁ ୫ଟି ଅଧୀନରେ ହାତକୁ ନିଆ ଯାଇ ସାରିଛି। ଆଉ ୧୯ ଗୋଟି ମଧ ଖୁବ ଶୀଘ୍ର ହାତକୁ ନିଆଯିବ। ଆମିକସ କ୍ୟୁରୀଙ୍କ ଦ୍ୱାରା ଜିଲ୍ଲାର ୭ ଗୋଟି ବିଦ୍ୟାଳୟ ପରିଦର୍ଶନ କରଯାଇଥିଲା ଏବଂ ତାଙ୍କ ରିପୋର୍ଟ ଆଧାରରେ ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ଗୁଡିକରେ ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ପଦକ୍ଷେପ ନିଆଯାଉଛି। ସର୍ବ ଶିକ୍ଷା ଅଭିଯାନରେ କେତେ ଟଙ୍କା ଆବଶ୍ୟକ ଆକଳନ କରି ପ୍ରସ୍ତାବ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଧନୁଷ୍ଟଙ୍କାର ଆଦି ରୋଗ ମୂଳୋତ୍ପାଟନ ହେତୁ ଜିଲ୍ଲା ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଗୃହରେ ପ୍ରକାଶ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଜଳସେଚନଙ୍କୁ ବାଘ ନଦୀ ଏବଂ ମହାନଦୀ କୂଳରେ ଆଡି ବନ୍ଧ ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିଲ୍ଲାରେ ଚଳିତ ବର୍ଷ ୮୫ଲକ୍ଷ ମାଛ ଜାଆଁଳ ଯୋଗାଇ ଦେବାର ଲକ୍ଷ୍ୟ ଥିବା କହିଥିଲେ। ଏମ. ଆଇ. ପ୍ରକଳ୍ପ ଗୁଡିକରେ ମାଛ ଚାଷ ସହିତ ଚିଙ୍ଗୁଡି ଚାଷ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ତିନି ଗୋଟି ବ୍ଲକରେ ତିନିଗୋଟି ଆଦର୍ଶ ଅଙ୍ଗନ ବାଡି କେନ୍ଦ୍ର ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ହିତାଧିକାରୀଙ୍କ ଖାତାକୁ ଯେପରି ଭତା ପଇସା ସୁରୁଖୁରୁରେ ଯାଇପାରିବ ବ୍ୟାଙ୍କ ଗୁଡିକ ସହିତ ନିୟମିତ ବୈଠକ କରି ସ୍ଥିର କରିବାକୁ କୁହାଯାଇଥିଲା। ମୃତ୍ୟୁ ଜନିତ ହରିଶଚନ୍ଦ୍ର ସହାୟତା ରାଶି ଯେପରି ତୁରନ୍ତ ପଇଠ ହୋଇପାରିବ ନିର୍ଦ୍ଦେଶ ଦିଆଗଲା। ନିର୍ବାହୀ ସଂସ୍ଥା ଗୁଡିକ ଦ୍ୱାରା ଯେପରି ସବୁ ପ୍ରକଳ୍ପ ରେ ସୂଚନା ଫଳକ ଲଗାଯାଇ ପାରିବ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ସାମ୍ବାଦିକ ଭବନ ପରିଦର୍ଶନ କଲେ ପୌରାଧକ୍ଷା

ବଲାଙ୍ଗୀର, ୧୧/୦୫ (ନି.ପ୍ର): ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଆଜି ସାମ୍ବାଦିକ ଭବନ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାମ କରାଯିବା ନେଇ ପ୍ରତିଶୃତି ଦେଇଛନ୍ତି। ସଂଘର ସଭାପତି ଶିବପ୍ରସାଦ ପରିଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ପୂର୍ବରୁ ପୌରାଧକ୍ଷାଙ୍କୁ ସାକ୍ଷାତ କରି ସମସ୍ୟା ଉପସ୍ଥାପନ କରିଥିଲେ। ପୌରାଧକ୍ଷା ଆଜି ସାମ୍ବାଦିକଭବନ ଗସ୍ତ କରି ଦରକାର ଥିବା ବିଭିନ୍ନ କାର୍ଯ୍ୟ ନିହାତି କରାଯିବ ବୋଲି କହିଛନ୍ତି। ପରିଦର୍ଶନ ସମୟରେ ସଂଘର ସଭାପତି ଶ୍ରୀ ପରିଡା, ସଂପାଦକ ଶିଶିରକାନ୍ତ ଶତପଥି ଓ ସଦସ୍ୟମାନେ ଉପସ୍ଥିତ ରହି ସଂଘର ଉନ୍ନୟନମୂଳକ କାମ କଣ ସବୁ ଦରକାର ସେ ନେଇ ବିଷଦ ଭାବରେ ଆଲୋଚନା କରିଥିଲେ। ସାମ୍ବାଦିକ ଭବନ ପଛ ପଟ ଖାଲି ସ୍ଥାନରେ ଏକ ଓପନ ଥିଏଟର ଏବଂ ସାମ୍ବାଦିକ ଭବନ କୋଠାର ଆବଶ୍ୟକୀୟ ମରାମତି କାମ ସବୁ କରାଯିବା ନେଇ ସଦସ୍ୟମାନେ ପୌରାଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯାହା ସମ୍ଭବ ସବୁ କାମ କରାଯିବ ବୋଲି ପୌରାଧକ୍ଷା ଲିକା ସାହୁ କହିଥିଲେ। ଆଲୋଚନା ସମୟରେ ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଗୋପବନ୍ଧୁ ଶତପଥି, ବଳରାମ ମିଶ୍ର, ବିଭୂକଲ୍ୟାଣ ଗଡତ୍ୟା, ଚନ୍ଦ୍ରଭାନୁ ମୌଲାନା, ଗୋପାଳ ପ୍ରଧାନ, ଦୀପକ ପୁରୋହିତ, ସୁନିଲ ମହାନ୍ତି, ପ୍ରଦୀପ୍ତ କୁମାର ମିଶ୍ର, ଶରତଚନ୍ଦ୍ର ମିଶ୍ର, ବିଶ୍ୱଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଉଳ ଦୁର୍ନୀତି ବିରୁଦ୍ଧରେ କଂଗ୍ରେସର ବିକ୍ଷୋଭ

ବଲାଙ୍ଗୀର, ୧୧/୦୫ (ନି.ପ୍ର): ଚାଉଳ ଦୁର୍ନୀତି ବିରୁଦ୍ଧରେ କଂଗ୍ରେସ ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଗରିବ ଖଟିଖିଆଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାର ବିଭିନ୍ନ ଯୋଜନା ମାଧମରେ ଗରିବ ଜନସାଧାରଣଙ୍କୁ ଚାଉଳ ପ୍ରଦାନ କରୁଛନ୍ତି। କିନ୍ତୁ ବଲାଙ୍ଗିର ପୌରାଂଚଳରେ ଏହି ଗରିବମାନଙ୍କ ପାଇଁ ଆସୁଥିବା ଚାଉଳରେ ଅନିୟମିତତା କରି ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଭଗୀୟ ଅଧିକାରୀମାନେ ଏଥିରୁ କୋଟି କୋଟି ଟଙ୍କାର ବେଆଇନ ଅର୍ଥ ଉପାର୍ଜନ କରୁଛନ୍ତି। ପୌରପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବୈଠକରେ ସଦ୍ୟ ଘଟିଯାଇଥିବା ଏକ ଘଟଣାରେ ଏହା ଆହୁରି ସ୍ପଷ୍ଟ ହୋଇ ପଡୁଛୁ ଯେ, ଦୁର୍ନୀତିରେ କେବଳ ଏସ୍ଏଚ୍ଜି କି ଅଧିକାରୀ ନୁହନ୍ତି, ପୌରାଂଚଳର କିଛି ନିର୍ବାଚିତ ଜନପ୍ରତିନିଧି ମଧ ସାମିଲ ଅଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଗତ କାଉନସିଲ ବୈଠକରେ ସରକାରୀ ଦଳର ଦୁଇ ଜଣ କାଉନସିଲର ଚାଉଳ ଦୁର୍ନୀତିକୁ ନେଇ ପରସ୍ପରଙ୍କୁ ଦୁର୍ନୀତିଗ୍ରସ୍ତ ବୋଲି ଆକ୍ଷେପ କରୁଥିବା ଭିଡିଓରେ ପ୍ରମାଣ ମିଳୁଛି। ଯାହାକି ସହରରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ନେଇ ବଲାଙ୍ଗିର ବିଧାୟକ ଏକ ସାମ୍ବାଦିକ ସମ୍ମିଳନୀ ମାଧମରେ ତଦନ୍ତ ଦାବୀ କରିଥିବା ବେଳେ ନଗର କଂଗ୍ରେସ ମଧ ଜିଲ୍ଲା ପ୍ରଶାସନକୁ ଦାବୀପତ୍ର ଦେଇ ଦାବୀକୁ ପୂର୍ବରୁ ଦୋହରାଇ ସାରିଛି। ତା'ସତ୍ୱେ ମଧ ଆଜି ପର୍ଯ୍ୟନ୍ତ କୌଣସି ଦୋଷୀ ଉପରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଆଜି ବାଧ ହୋଇ ନଗର କଂଗ୍ରେସ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ନଗର ସଭାପତି ବୁଲୁ ଦାନୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସମାବେଶରେ ବିଧାୟକଙ୍କ ପୌର ପରିଷଦ ପ୍ରତିନିଧି ଅଜୟ ବାଲୀ ଏହି ଦୁର୍ନୀତିରେ ଲିପ୍ତ ଥିବା କାଉନସିଲର, ଏସ୍ଏଚ୍ଜି ଓ ଅଧିକାରୀମାନଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ। ସେ କହିଥିଲେ ୧୫ନଂ କାଉନସିଲର ମହେନ୍ଦ୍ର ବାଗ ଚାଉଳ ଦୁର୍ନୀତିରେ ୧୬ନଂ ୱାର୍ଡ କାଉନସିଲର ସନ୍ତୋଷିନୀ କୁଅଁରଙ୍କୁ ଚାଉଳ ବାଟମାରଣା କରିବାର ଅଭିଯୋଗ କରିଥିବା ବେଳେ ପ୍ରତିଅଭିଯୋଗରେ ମହେନ୍ଦ୍ର ବାଗ ତାଙ୍କୁ ପ୍ରତ୍ୟେକ ମାସ କୋଡିଏ ହଜାର ଟଙ୍କା ଲାଂଚ ଦେବାକୁ ବାଧ କରୁଛନ୍ତି ବୋଲି ସନ୍ତୋଷିନୀ ମିଡିଆ ସମ୍ମୁଖରେ କହିଥିଲେ ଏବଂ ଲାଂଚ ଟଙ୍କା ନଦେଲେ ୧୫ନଂ ୱାର୍ଡରେ ଚାଉଳ ବଣ୍ଟନ କରାଯିବ ନାହିଁ ବୋଲି ଧମକ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଜିଲ୍ଲା ଉପସଭାପତି ସନ୍ତକ ବହିଦାର, ଉମାଶଙ୍କର ସାହୁ, ସାନନ୍ଦ ମିଶ୍ର, ଅଙ୍କିତ ସାହୁ, ନିତିଶ ପ୍ରଧାନ, ମୀରା ମଣ୍ଡଳ ପ୍ରମୁଖ ପୌର ପରିଷଦର ଚାଉଳ ଦୁର୍ନୀତିରେ ପୌର କାର୍ଯ୍ୟାଳୟ, କାଉନସିଲର ଓ ଯୋଗଣ ବିଭାଗର ମିଳି ଭଗତ ଥିବାର ପ୍ରମାଣ ଧିରେ ଧିରେ ମିଳୁଛି ବୋଲି କହିବା ସହ ଏହାର ଭିଜିଲାନ୍ସସ୍ତରୀୟ ଅନୁସନ୍ଧାନ କରାଗଲେ ପ୍ରକୃତ ଦୋଷୀମାନେ ଦଣ୍ଡ ପାଇ ପାରିବେ ବୋଲି ନିଜ ଭାଷଣରେ ଗର୍ଜିଥିଲେ। ଭିଜିଲାନ୍ସ ଏସ୍ପିଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ଏକ ଅଭିଯୋଗ ଫର୍ଦ୍ଦ ଭିଜିଲାନ୍ସ ଅଧିକାରୀ ଗିତାଞ୍ଜଳି ପ୍ରଧାନଙ୍କୁ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରଦୀପ ମିଶ୍ର, ଅରବିନ୍ଦ ପରୁଆ, ରଜନୀ ବନଛୋର, ଉପସଭାପତି ମନୀଷ ମିଶ୍ର, ଜୁଲୁ ପଟ୍ଟନାୟକ, ସମିର କୁମ୍ଭାର, ସାଏନା ବେଗମ, ବବିତା ସାହୁ, ସବିତା ଶତପଥି, ଅନ୍ନପୂର୍ଣ୍ଣା, ବିଜୟ ଖର୍ସେଲ, ଶ୍ୟାମ ନାଗ, ସଞ୍ଜୟ ମିଶ୍ର, ବିଟୁନ ସ୍ୱାଇଁ, ଲୋପନ ମିଶ୍ର, ସଦା ସେଠ, ଭୀକାରି ସାହୁ, କୈଳାସ ମିଶ୍ର, ଘୁଣ୍ଟୁ ଦାସ, ସରୋଜ ରଥ, ଗଗନ ନାଥ, ରାଜେଶ, ସୁରେନ୍ଦ୍ର ଅଗ୍ରପାଲ, ବିଦ୍ୟାଧର ସାହୁ, ରବି ପାଣିଗ୍ରାହୀ, ବ୍ରଜ ସେଠୀ, କୁଳମଣୀ ସାହୁ, ମଙ୍ଗଲୁ ପାଣି, ଆକବର ଖାନ, ମହେଶ ପୁରୋହିତ, ସନୋଜ ପଟ୍ଟନାୟକ, ଜୟନାରାୟଣ ବହିଦାର, ରକ୍ଷା ନାଏକ, ଆଲୋକ ସାହୁ, ନିରଞ୍ଜନ ମିଶ୍ର, ପ୍ରତ୍ୟୁଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନାସିର ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟ ଛପର ଉଡ଼େଇନେଲା କାଳବୈଶାଖୀ: ୭ଜଣ କୁନି ଛାତ୍ରଛାତ୍ରୀ ଆହତ

ହରିଚନ୍ଦନପୁର, ୧୧/୦୫ (ନି.ପ୍ର): ବର୍ତମାନ ଅସୟ ଗୁଳୁଗୁଳି ସାଙ୍ଗକୁ କାଳବୈଶାଖୀ ବର୍ଷା ସହ ପବନରେ ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଶିକ୍ଷାନୁଷ୍ଠାନ ଅନ୍ତର୍ଗତ ସୁନାପେଣ୍ଠ ଗ୍ରାମପଂଚାୟତ ଟିଗିରିଆ ଠାରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଛପର ଉଡେଇନେଲା କାଳବୈଶାଖୀ ୭ଜଣ କୁନି ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଆହତ ଅବସ୍ଥାରେ ଗ୍ରାମବାସୀ ଉଦ୍ଧାର କରି ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଇଛନ୍ତି। ବିଶେଷତ୍ୱରୁ ପ୍ରକାଶ ଯେ ଉକ୍ତ ଗ୍ରାମପଂଚାୟତ ମାଟିହୁଡି ଗ୍ରାମର ତ୍ରିଲୋଚନ ମହାନ୍ତ ନାମକ ବ୍ୟକ୍ତି ଟିଗିରିଆ ଗ୍ରାମ୍ୟ ଖସରା ଜଙ୍ଗଲକୁ ସଫା କରି ବେନିୟମ ଭାବେ ବିଦ୍ୟାଳୟ ନିର୍ମାଣ କରିଥିଲେ। ଗ୍ରାମବାସୀଙ୍କ ବିରୋଧ ସତ୍ୱେ ବି ରାତି ଅଧିଆ ପ୍ରଶାସନକୁ ଚ୍ୟାଲେଞ୍ଜ ଦେଇ ବିଦ୍ୟାଳୟ ଗୃହ ନିର୍ମାଣ କରିବାରେ ସଫଳ ହୋଇଥିଲେ। ସେଠାରେ ଦୀର୍ଘ ୩ବର୍ଷରୁ ଉର୍ଦ୍ଧ୍ୱ ହେବ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ନାମରେ ବିଦ୍ୟାଳୟ ଖୋଲି ସେଠାରେ ଅସୁରକ୍ଷିତ ଗୃହରେ ୪୦ରୁ ଉର୍ଦ୍ଧ୍ୱ କୁନି ଛାତ୍ରଛାତ୍ରୀଙ୍କୁ ହଷ୍ଟେଲରେ ରଖି ଶିକ୍ଷାଦାନ ଦେଉଥିଲେ। ହେଲେ ବୁଧବାର ଅପରାହ୍ନ ସମୟର କାଳବୈଶାଖୀ ବିଦ୍ୟାଳୟକୁ ଭାଙ୍ଗିରୁଜି ଛାରଖାର କରିଥିବା ବେଳେ ଅଳ୍ପକେ ବର୍ତିଗଲେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ। ସେଥିମଧରୁ ଛୋଟୁଙ୍ଗ ଗ୍ରାମର ୪ର୍ଥ ଶ୍ରେଣୀର ଛାତ୍ର ସତ୍ୟଜିତ ଦେହୁରୀ ଓ ଚିଲିକିଧରା ଗ୍ରାମର ମୁକେଶ ପାତ୍ର, ସାନ୍ତରାପୁର ଗ୍ରାମର ୩ୟ ଶ୍ରେଣୀର ଛାତ୍ର ସୁଭମ ମହାନ୍ତ, ସାନଶିଆଡିମାଳ ଗ୍ରାମର ଧର୍ମପ୍ରସାଦ ମୁଣ୍ଡା, ୧ମ ଶ୍ରେଣୀର ଛାତ୍ର ତପୁ ମୁଣ୍ଡା, ଅଁଳାଯୋଡ଼ି ଗ୍ରାମର ରାଜେଶ୍ୱର ମୁଣ୍ଡା, ଏବଂ କଂଚୁଳା ଗ୍ରାମର ଛାତ୍ରୀ ଦୀପିକା ମହାନ୍ତ ଆହାତ ହୋଇଛନ୍ତି। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଚିକିତ୍ସା କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଏଠାରେ ବଡ଼ ପ୍ରଶ୍ନ ଯେ ବର୍ତମାନ ଭୀଷଣ ଗରମ ସହ ଗୁଳୁଗୁଳି ନିମନ୍ତେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ବିଦ୍ୟାଳୟ ବନ୍ଦ ରହିଥିବା ବେଳେ କିଭଳି ଏହି ବିଦ୍ୟାଳୟ ଖୋଲା ରହିଥିଲା। ଅଭିଭାବକଙ୍କ କହିବା ଅନୁସାରେ ସ୍କୁଲର ମାଲିକ ତ୍ରିଲୋଚନ ମହାନ୍ତ ଟିଉସନ୍ ସହ କୋଚିଂ ଦିଆଯିବ କହି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ଛାଡ଼ିବା ପାଇଁ କହିଥିଲେ। ତେଣୁ ଆମେ ତାଙ୍କ କଥା ଅନୁସାରେ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟରେ ଛାଡ଼ିଥିଲୁ। ଅନ୍ୟପଟେ ଅଭିଭାବକଙ୍କୁ ଶ୍ରୀମହାନ୍ତ ବିଭିନ୍ନ ପ୍ରଲୋଭନ ଦେଖାଇ ଘଟଣାର ସତ୍ୟତା ଲୁଚାଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର୍ କରି ବିନା ଖାତା ଖତିଆନରେ ଚାଲୁଥିଲା ବିଦ୍ୟାଳୟ। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ସହ ଜିଲ୍ଲା ଶିକ୍ଷା ବିଭାଗ ଦୃଷ୍ଟି ଦେଇ ଏଭଳି ବେଆଇନ ବିଦ୍ୟାଳୟକୁ ବନ୍ଦ କରାଇବାକୁ ଜନସାଧାରଣଙ୍କ ଦାବି ହୋଇଛି।

## କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ଜିଲାସ୍ତରୀୟ ସମୀକ୍ଷା ବୈଠକ

ଜୟପୁର, ୧୧/୦୫ (ନି.ପ୍ର): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାଯ୍ୟାଳୟରେ ଜିଲାସ୍ତରୀୟ ସମିକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ସମିକ୍ଷା ବୈଠକରେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ରହି ସଭାପତିତ୍ୱ କରିଥିଲେ। ଏଥିରେ ବ୍ୟାଙ୍କର ବରିଷ୍ଠ ନିର୍ଦ୍ଦେଶକ ରମାକାନ୍ତ ରାଉଳ, ରାଜ୍ୟ ସମବାୟ ବ୍ୟାଙ୍କର ନିଦ୍ଦେଷକ ଜଗନ୍ନାଥ ନୁନ୍ଦ୍ରୁକା, ଡିଆରସିଏସ ସିଏଚ ପ୍ରଭାନୀ ପ୍ରସାଦ, ଏଆରସିଏସ ଲକ୍ଷ୍ମୀ ଧର ରାଉତ, ବ୍ୟାଙ୍କର ସମ୍ପାଦକ କୃଷ୍ଣ ଚନ୍ଦ୍ର ଜାନି, ବରିଷ୍ଠ ଅଧିକାରି ହରି ହର ତ୍ରିପାଠି, ଅରୁଣ କୁମାର ସାହୁ. ଲ୍ୟାମ୍ପ ଓ ବ୍ୟାଙ୍କ ୟୁନିୟନର ସଭାପତି ଦିଗାମ୍ବର ନାୟକ ଉପସ୍ଥିତ ଥିଲେ। ଉକ୍ତ ସଭାରେ ସମବାୟ ଆନ୍ଦୋଳନକୁ ଜିଲାରେ ଅଧିକ କ୍ରିୟାଶିଳ କରି ଚାଷ ଓ ଚାଷୀର ଉନ୍ନତିରେ ସମବାୟ ସଂସ୍ଥାର ସହଭାଗିତା ସୁନିଶ୍ଚିତ କରିବା ପାଇ ତଥା ଓଡିଶା ରାଜ୍ୟ ସରକାରଙ୍କ କୃଷି ଓ କୃଷକର ଉନ୍ନତି ପାଇ ପ୍ରଣିତ ବିଭିନ୍ନ ଯୋଜନା ଗୁଡିକ କାଯ୍ୟକାରି କରିବା ପାଇଁ ଆଲୋଚନା କରାଯାଇଥିଲା।

# କେନ୍ଦୁଝରରେ ଦନ୍ତାହାତୀର ଉତ୍ପାତ : ଭାଙ୍ଗିଲା ଘର ଓ ନଷ୍ଟକଲା କଦଳୀବଗିଚା

କେନ୍ଦୁଝର, ୧୧/୦୫ (ନି.ପ୍ର): କେନ୍ଦୁଝରରେ ବଣୁଆ ହାତୀଙ୍କର ଉପଦ୍ରବ କମିବାର ନାମ ଧରୁନାହିଁ। ପ୍ରାୟ ସମୟରେ ବଣୁଆ ହାତୀଙ୍କର ଉପଦ୍ରବ ଲାଗି ରହୁଛି। କେତେବେଳେ ଦଳବଦ୍ଧ ହାତୀଙ୍କର ଉପଦ୍ରବ ତ ଆଉ କେତେବେଳେ ଦନ୍ତା ହାତୀର ଉପଦ୍ରବ। ଏବେ କେନ୍ଦୁଝର ଜିଲ୍ଲାର ପାଟଣା ରେଞ୍ଜ ଅଂଚଳରେ ଗୋଟିଏ ଗୋଠଛଡା ଦନ୍ତାହାତୀ ମାତିଥିବା ବେଳେ ସମଗ୍ର ଅଂଚଳରେ ଏକ ଅଜଣା ଭୟର ବାତା ବରଣ ସୃଷ୍ଟି ହୋଇଛି। ଦନ୍ତାହାତୀଟି ମଙ୍ଗଳବାର ଭୋର ସମୟରେ ଘଟଗାଁ ରେଞ୍ଜରୁ ଆସି ପାଟଣା ରେଞ୍ଜରେ ଉପଦ୍ରବ ଆରମ୍ଭ କରିଛି। ପାଟଣା ରେଞ୍ଜରେ ୪ ଟି ପରିବାର ଙ୍କର ଘର ଭାଙ୍ଗି ସେମାନଙ୍କର ସଂଚିତ ଧାନ ଚାଉଳ ଖାଇଯାଇଥିଲେ ମଧ୍ୟ ପରିବାର ଲୋକମାନେ ଅଳ୍ପକେ ବର୍ତିଯାଇଥିଲେ। ତେଲକୋଇ ରେଞ୍ଜର ମଲ୍ଲୀପଶି ବିଟର ରାମଚନ୍ଦ୍ରପୁର ସୁମି ମୁଣ୍ଡାଙ୍କ ଘର ଉପରେ ଆକ୍ରମଣ କରି ଦନ୍ତାଟି ତାଙ୍କର ଦୁଇ ବଖରା ଖପର ଘର ଭାଙ୍ଗି ଦେଇଥିବା ବେଳେ ଧନୁର୍ଜୟପୁର ଗାଁର ବିରାମ ମାଝୀଙ୍କର ଗୋଟିଏ ଘର ଏବଂ ଟଙ୍କଧର ମହାନ୍ତଙ୍କର ଟାଇଲ ଘର ସହ ଗୋବରବେଡା ଗ୍ରାମର ଦିବାକର ମହାନ୍ତଙ୍କ ଟାଇଲ ଛପର ଘରକୁ ମଧ୍ୟ ଭାଙ୍ଗି ଦେଇଛି। ଏବଂ ରାମଚନ୍ଦ୍ରପୁର ଗାଁର ତନୁ ନାଏକଙ୍କ କଦଳୀ ବଗିଚାକୁ ସଂପୁର୍ଣ୍ଣ ନଷ୍ଟ କରିଦେଇଛି। ମଙ୍ଗଳବାର ଦିନ ହାତୀଟି ଜମୁନାପଶି ଜଙ୍ଗଲରେ ଡେରା ପକାଇଥିବା ରେଞ୍ଜର ଘାସିନାଥ ପାତ୍ର ସୂଚନା ଦେବା ସହ କ୍ଷତିଗ୍ରସ୍ତ ଲୋକଙ୍କର କ୍ଷୟକ୍ଷତି ଆକଳନ କରାଯିବା ପରେ କ୍ଷତି ପୁରଣ ଦିଆଯିବ ବୋଲି କହିଛନ୍ତି। ଜମୁନାପଶି ଜଙ୍ଗଲରେ ଡେରା ପକାଇଥିବା ଦନ୍ତା ଟି ଗତକାଲି ସଂଧ୍ୟା ସମୟରେ ବଡପାଟଣା ପଂଚାୟତ ମାଧପୁର ଗ୍ରାମରେ ପ୍ରବେଶ କରି ସୁହାଗ ନାଏକ ଓ ଦାଶରଥି ମୁଣ୍ଡାଙ୍କର ଘର ଭାଙ୍ଗିଛି। ଫଳରେ ଲୋକମାନଙ୍କ ମଧ୍ୟରେ ଏକ କୋକୁଆ ଭୟ ସୃଷ୍ଟି ହୋଇଛି। ପରେ ପରେ ଦନ୍ତା ହାତୀଟି ବେଗନା ଗ୍ରାମରେ ନରହରି ସେଠୀ ଓ ଆର୍ତତ୍ରାଣ ସେଠୀଙ୍କର ଘରର ପ୍ରାଚୀର ଭାଙ୍ଗି ଦେଇଛି। ଅନୁରୁପ ଭାବେ ସିଲିପଦା ଗ୍ରାମର ଗୁଣନିଧି ମହାନ୍ତ, ମାଳତୀ ମହାନ୍ତ, ବଲାଣୀପଶି ଗ୍ରାମର ଦମୟନ୍ତୀ ମହାନ୍ତ ଓ ଖୁଟଂାପଡା ଗ୍ରାମର ଗହ୍ଲା ମୁଣ୍ଡାଙ୍କର ଘରକୁ ମଧ୍ୟ ଦନ୍ତା ଭାଙ୍ଗି ଦେଇଛି।

# ମାନସିକ ବିକାର ଗ୍ରସ୍ତ ଦୁଇ ମହିଳାଙ୍କୁ ଉଦ୍ଧାର କରି ଥଇଥାନ କଲା ଜଗବନ୍ଧୁ ଜରାଶ୍ରମ

ଭୁବନ, ୧୧/୦୫ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ଦୟଣକ୍ଷବିଲି ଗ୍ରାମରେ ଗୋଟିଏ ପରିବାରର ସମସ୍ତ ବ୍ୟକ୍ତି ମାନସିକ ବିକାର ଗ୍ରସ୍ତ ଓ ଅତ୍ୟନ୍ତ ଅସହାୟ ଅବସ୍ଥାରେ ରହୁଥିବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଭୁବନ ର ଅନନ୍ୟ ତଥା ନିଆରା ସେବା ପ୍ରତିଷ୍ଠାନ ଜଗବନ୍ଧୁ ଜରାଶ୍ରମ ଏ ସଂପର୍କ ରେ ଖବର ପାଇ ଦୟଣକ୍ଷବିଲି ଗ୍ରାମ ରେ ପହଂଚି ସ୍ଥିତି ଅନୁଧ୍ୟାନ କରିଥିଲା। ସ୍ଥାନୀୟ ସରପଂଚ ଦିଲ୍ଲୀପ କୁମାର ସାହୁ ଙ୍କ ସହ ଆଲୋଚନା କରି ଢ଼େଙ୍କାନାଳ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଙ୍କୁ ସବିଶେଷ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ପରେ ଜରାଶ୍ରମ ସମ୍ପାଦକ ଆଶୁତୋଷ ମିଶ୍ର ଲିଖିତ ଅଭିଯୋଗ କରି ଅସହାୟ ପରିବାରକୁ ସାହାଯ୍ୟ କରିବାକୁ ନିବେଦନ କରିଥିଲେ। ଆଜି ଜିଲ୍ଲା ପ୍ରଶାସନ ଓ ଜଗବନ୍ଧୁ ଜରାଶ୍ରମ ମିଳିତ ଉଦ୍ୟମରେ ମାନସିକ ବିକାର ଗ୍ରସ୍ତ ମହିଳା କୁମ ନାୟକ (୫୮) ଓ ତାଙ୍କ ଝିଅ ସୁକୁମାରୀ ନାୟକ (୨୫) ଙ୍କୁ ଉଦ୍ଧାର କରି ଯାଜପୁର ଜିଲ୍ଲା ସୁକିନ୍ଦା ସ୍ଥିତ ମିଶନ ଆଶ୍ରାରେ ଥଇଥାନ କରି ସେମାନଙ୍କର ଆଜୀବନ ସମସ୍ତ ଆବଶ୍ୟକତା ର ସୁବନ୍ଦୋବସ୍ତ କରିଥିଲେ। ଜାରାଶ୍ରମ ର ଏତାଦୃଶ କାର୍ଯ୍ୟକୁ ଜନ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି। ବାସ୍ତବରେ ନିରାଶ୍ରୟ ଙ୍କ ପାଇଁ ଆଶ୍ରୟ ସ୍ଥଳ ଓ ଆଶା ଭରସା ଜଗବନ୍ଧୁ ଜରାଶ୍ରମ ବୋଲି ବୁଦ୍ଧିଜିବି ମହଲରେ ଚର୍ଚ୍ଚା ହେଉଛି।

## କନ୍ଦମୂଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ ଶରୀରର ଥକ୍କାପଣ ଓ ଦୁର୍ବଳତା କମ୍ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଶରୀରକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।



କନ୍ଦମୂଳ ପୋଷକ ତତ୍ତ୍ୱରେ ଭରା । ଶୀତଦିନେ ଏହା ବଜାରରେ ବହୁ ମାତ୍ରାରେ ମିଳିଥାଏ । ଏଥିରେ ବହୁ ମାତ୍ରାରେ ଫାଇବର, ପ୍ରୋଟିନ୍, ପୋଟାସିୟମ୍, ଆଇରନ୍ ଓ ଭିଟାମିନ୍ ସି ମିଳିଥାଏ । କନ୍ଦମୂଳ କେବଳ ଖାଇବାକୁ ବେଶ୍ ସ୍ୱାଦିଷ୍ଟ ନୁହେଁ, ଶରୀର ପାଇଁ ମଧ ସ୍ୱାସ୍ଥ୍ୟକର । ଶୀତରେ ଶରୀରକୁ ହାଲ୍କା ଉଷୁମର ଆବଶ୍ୟକତା ରହିଥାଏ ।

କନ୍ଦମୂଳ ଶରୀରକୁ ଉଷୁମ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଏହାକୁ ସିଝାଇ ବା ପୋଡି ଖାଇପାରିବେ । ପିଲାଙ୍କୁ କନ୍ଦମୂଳ ଚାଟ୍ ଖାଇବାକୁ ଦେଇପାରିବେ । କିନ୍ତୁ ମଧୁମେହ ରୋଗୀ ଏହାକୁ ଯେତେବେ କମ୍ ଖାଇବେ, ସେତେ ଭଲ । ଏଥିରେ ବହୁ ମାତ୍ରାରେ ଶର୍କରା ରହିଥାଏ । ତେଣୁ ଯଥାସମ୍ଭବ କମ୍ ଖାଇବା ଉଚିତ୍ । କନ୍ଦମୂଳ ଫାଇବରରେ ଭରା, ଯାହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ । କନ୍ଦମୂଳ ଚାଟ୍ ଖାଇବା ଦ୍ୱାରା ଗ୍ୟାସ୍ ଏବଂ କବ୍ଜ ସମସ୍ୟା ହୋଇ ନଥାଏ ।

କନ୍ଦମୂଳ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢିବା ସହ ଶରୀରର ଥକ୍କାପଣ ଓ ଦୁର୍ବଳତା କମ୍ ହୋଇଥାଏ । ଏଥିରେ ଥିବା ଭିଟାମିନ୍-ସି ଶରୀରକୁ ଦୀର୍ଘ ସମୟ ଯାଏ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । କନ୍ଦମୂଳ ଖାଇବା ଦ୍ୱାରା ଆଖି ଦୀର୍ଘ ଦିନଯାଏ ସୁସ୍ଥ ରହିଥାଏ । ଏଥିରେ ଥିବା ଭିଟା-କ୍ୟାରେଟିନ୍ ଆଖିକୁ ଦୀର୍ଘଦିନ ଯାଏ ସୁସ୍ଥ ରଖିଥାଏ ।

ସେହିପରି ଏହାକୁ ଖାଇବା ଦ୍ୱାରା ଆଖି ଜନିତ ସମସ୍ତ ସମସ୍ୟା ଆପେ ଆପେଦୂର ହୋଇଯାଇଥାଏ । ଏଥିରେ ଥିବା ପୋଟାସିୟମ୍ ହୃଦୟକୁ ସୁସ୍ଥ ରଖିବା ସହ ରକ୍ତଚାପକୁ ନିୟନ୍ତ୍ରିତ କରିଥାଏ । ଏହା ହାର୍ଟ ଷ୍ଟ୍ରୋକ୍ ଓ ଉଚ୍ଚ ରକ୍ତଚାପର ଆଶଙ୍କାକୁ କମ୍ କରିଥାଏ । ଏଥିରେ ଥିବା ଫାଇବର ପେଟକୁ ଭରା ରଖିଥାଏ, ଫଳରେ ଭୋକ କମ୍ ଲାଗିଥାଏ । ଭୋକ ନିୟନ୍ତ୍ରିତ ହେବା ଫଳରେ ଓଜନ ବଢ଼ି ନଥାଏ । ଏଥିରେ ଖୁବ୍ କମ୍ କ୍ୟାଲୋରୀ ରହିଥାଏ । ତେଣୁ ଓଜନ ବଢ଼ିବାର ସମ୍ଭାବନା କମ୍ ରହିଥାଏ ।

## ଦାନ୍ତ ହଳଦିଆପଣରୁ ପାଆନ୍ତୁ ମୁକ୍ତି

**ଚେହେରାର ସୌନ୍ଦର୍ଯ୍ୟ ଠିକ ରଖିବା ପାଇଁ ଆପଣ ନିଶ୍ଚୟ ଅନେକ ଉପାୟ ଚେଷ୍ଟା କରିଥିବେ କିନ୍ତୁ ଆପଣ ଆପଣଙ୍କର ଦାନ୍ତର ଯତ୍ନ ନେଉଛନ୍ତି କି ? ଅନେକ ଲୋକ ଦାନ୍ତକୁ ସଠିକ୍ ଭାବରେ ସଫା କରନ୍ତି ନାହିଁ, ପରେ ଧୀରେ ଧୀରେ ଦାନ୍ତ ହଳଦିଆ ହେବାକୁ ଲାଗିଥାଏ । ଯାହା ଖରାପ ମଧ ଦେଖାଯାଏ । ଅନେକ ଲୋକ ଗୁଟଖା ଖାଇବା ହେତୁ ଦାନ୍ତ ନଷ୍ଟ ହୋଇଯାଏ ଏବଂ ପରେ ସେମାନେ ଅନୁତାପ କରନ୍ତି । ଦାନ୍ତର ଏହି ହଳଦିଆ ରଙ୍ଗ ଅତି ସହଜରେ ସଫା ହୋଇପାରିବ । ତେବେ ଆସନ୍ତୁ ଜାଣିବା ଦାନ୍ତକୁ କିପରି ସଫା କରିପାରିବେ ।**

### ‹ଲେମ୍ବୁ ରସ ଏବଂ ବେକିଂ ସୋଡା›

ଏଥିପାଇଁ ଏକ ଚାମଚ ବେକିଂ ସୋଡାକୁ ଏକ ପ୍ଲେଟରେ ନେଇ ସେଥିରେ ଅଳ୍ପ ବୁନ୍ଦା ଲେମ୍ବୁ ରସ ମିଶାନ୍ତୁ । ଏହି ପେଷ୍ଟକୁ ଟୁଥ୍ ବ୍ରଶରେ ଲଗାନ୍ତୁ ଏବଂ ଏହାକୁ ଦାନ୍ତରେ ଭଲ ଭାବରେ ଘଷନ୍ତୁ । ପରେ ଦାନ୍ତରେ ଏହାକୁ ୧ ମିନିଟ୍ ପାଇଁ ଛାଡି ଦିଅନ୍ତୁ ଏବଂ ତା'ପରେ ପାଟି ଭଲ ଭାବେ ଧୋଇ ଦିଅନ୍ତୁ । ଏହି ପେଷ୍ଟକୁ ଦାନ୍ତରେ ୧ ମିନିଟରୁ ଅଧିକ ସମୟ ରଖନ୍ତୁ ନାହିଁ, ନଚେତ୍ ଦାନ୍ତ ନଷ୍ଟ ହୋଇପାରେ ।



### ‹ତୁଳସୀ›

ତୁଳସୀ ହେଉଛି ଔଷଧୀୟ ଗୁଣର ଭଣ୍ଡାର । ଯଦି ଆପଣ ଦାନ୍ତ ସଂକ୍ରମଣକୁ ଶେଷ କରିବାକୁ ଚାହୁଁଛନ୍ତି, ତେବେ ତୁଳସୀ ବ୍ୟବହାର କରନ୍ତୁ । ଆପଣ ଏହାର ପତ୍ରକୁ ଦାନ୍ତରେ ଘଷନ୍ତୁ, ଏହା ଆପଣଙ୍କ ଦାନ୍ତକୁ ସଫା କରିଥାଏ । ଏହା ଜୀବାଣୁ ଏବଂ ଅନ୍ୟାନ୍ୟ ବିଷାକ୍ତ ପଦାର୍ଥକୁ ମଧ ବାହାର କରିଥାଏ । କିନ୍ତୁ ଏହାକୁ ଦାନ୍ତରେ ଅତ୍ୟଧିକ ବ୍ୟବହାର କରିବା ଉଚିତ ନୁହେଁ ।

### ‹ଉଷୁମ ପାଣି›

ଯଦି ଆପଣ ପ୍ରତିଦିନ ସଠିକ୍ ଭାବରେ ବ୍ରଶ୍ କରନ୍ତି ଏବଂ ଚା-କଫି ପିଇବା ପରେ ଉଷୁମ ପାଣିରେ ପାଟି ଧୋଇଦିଅନ୍ତି, ତେବେ ଆପଣଙ୍କୁ ଦାନ୍ତ ହଳଦିଆ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ନାହିଁ । ସେଥିପାଇଁ ପ୍ରତିଦିନ ଖାଦ୍ୟ ଖାଇବା ପରେ କିମ୍ବା ଚା-କଫି ପିଇବା ପରେ ନିଶ୍ଚିତ ଭାବେ ପାଟିକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ । ଏହା ଦ୍ୱାରା ଆପଣଙ୍କ ଦାନ୍ତକୁ ଲାଭ ମିଳିବ ।

### ‹କମଳା›

ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ କମଳା ଖାଇବା ଦ୍ୱାରା ଦାନ୍ତର ହଳଦିଆପଣ ଦୂର ହୋଇଥାଏ । କମଳା ରେ ଭିଟାମିନ୍-ସି ଥାଏ । ଯାହା ଦାନ୍ତକୁ ଧଳା କରିବାରେ ସାହାଯ୍ୟ କରିଥାଏ । ଦାନ୍ତରୁ ଜୀବାଣୁ ବାହାର କରିବାରେ କମଳା ବହୁତ ପ୍ରଭାବଶାଳୀ ହୋଇଥାଏ । ଆପଣ ଦାନ୍ତରେ କମଳା ଚୋପା ମଧ ଘଷି ପାରନ୍ତି ଏଥିରୁ ଆପଣଙ୍କୁ ଲାଭ ମିଳିବ ।

## ଘର ବାଲକୋନିରେ ବା ଅଗଣାରେ ଏହି ପକ୍ଷୀ ଦେଖାଦେଲେ ଖୋଲିଯିବ ଭାଗ୍ୟ

**ଜୀବନରେ ସର୍ବଦା ଦୁଇ ପ୍ରକାରର ସମୟ ଜୀବନରେ ଦେଖାଯାଇଥାଏ । ତାହା ହେଉଛି ଦୁଃଖ ଏବଂ ସୁଖ । ତେବେ ଧର୍ମ, ଜ୍ୟୋତିଷ ଏବଂ ବାସ୍ତୁ ଶାସ୍ତ୍ରକୁ ଛାଡି ଶକୁନ ଶାସ୍ତ୍ରରେ ଏମିତି କିଛି ଶୁଭ-ଅଶୁଭ ସଙ୍କେତ ଦେଇଥାନ୍ତି । ଆଜି ଆମେ ଏମିତି ଏକ ଘଟଣା କଥା କହିବୁ ଯାହା ହେବା ଦ୍ୱାରା ଆପଣଙ୍କ ଭାଗ୍ୟ ଖୋଲିଯିବ ।**



♦ ଅଗଣାରେ କିମ୍ବା ବାଲକୁନିରେ ଯଦି ଘରଚଟିଆ ଚଢେଇ ଆସି ପହଁଚେ ତେବେ ଏହା ଅତ୍ୟନ୍ତ ଶୁଭ ଦାୟକ । ସକାଳୁ ସକାଳୁ ଯଦି ଏମାନେ ଯିବା ଆସିବା କରନ୍ତି ତେବେ ଏହା ଅତ୍ୟନ୍ତ ଶୁଭ ଦାୟକ ଘର ପାଇଁ । ଏମାନେ ଆସିବା ଦ୍ୱାରା ଆପଣଙ୍କ ଜୀବନରେ ଖୁସି , ସଫଳତା ଏବଂ ଧନ ଆସିବାର ସମ୍ଭାବନା ରହିଛି ।

♦ ହିନ୍ଦୁ ଶାସ୍ତ୍ରରେ ଗୋରୁଙ୍କୁ ପୂଜା କରାଯିବା ସହ ଗୋବରକୁ ମଧ ଶୁଭ ମନାଯାଏ । ତେବେ ଆପଣଙ୍କ ଘର ସାମ୍ନାକୁ ଯଦି ଗାଇ ଆସୁଛନ୍ତି ଏବଂ ଗୋବର କରି ଯାଉଛନ୍ତି ତେବେ ଆପଣ ଗୋମାତାଙ୍କୁ ନ ମାରି ଖାଇବାକୁ ଦିଅନ୍ତୁ । ଏହାମଧ ଆପଣଙ୍କ ଭଲ ଦିନ ଆସିବାର ସଂକେତ ପ୍ରଦାନ କରିଥାଏ ।

♦ ସକାଳୁ ସକାଳୁ ଯଦି ଆପଣ ପୂଜା ହୋଇଥିବା ନଡିଆ, ବା ମନ୍ଦିରରେ ଘଣ୍ଟି, ଶଙ୍ଖ ବାଜୁଥିବାର ଶୁଣିବେ ତାହା ଆପଣଙ୍କୁ ଏହା ସୂଚାଇ ଥାଏ ଯେ, ଆଗକୁ ଆପଣ ସଫଳତା ହାସଲ କରିବାକୁ ଯାଉଛନ୍ତି ।

## ଆଳୁରେ ହେବ ଚେହେରା ରଙ୍ଗରେ ପରିବର୍ତ୍ତନ: କରନ୍ତୁ ଏହି ଉପାୟ

ବର୍ତ୍ତମାନ ଶୀତ ଋତୁ ଚାଲିଛି । ଏପରି ପରିସ୍ଥିତିରେ ଆପଣଙ୍କ ତ୍ୱଚାର ଯତ୍ନ ନେବା ଜରୁରୀ ହୋଇଥାଏ । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଆପଣ ଆଳୁକୁ ଏକ ପରିବା ଭାବରେ ଜାଣିଥିବେ । କିନ୍ତୁ ଆପଣ ଜାଣନ୍ତି କି ଆଳୁ ଅନେକ ଚର୍ମ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ । ବର୍ତ୍ତମାନ ସମୟରେ ସମସ୍ତେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି, ଏପରି ପରିସ୍ଥିତିରେ ତ୍ୱଚାର ରଙ୍ଗ ବିଷୟରେ ମହିଳାମାନଙ୍କ ମଧରେ ଏକ ଭିନ୍ନ କ୍ରେଜ୍ ଦେଖିବାକୁ ମିଳିଛି । ସୁନ୍ଦର ଦେଖାଯିବାରେ ଆଳୁ ଆପଣଙ୍କୁ ସାହାଯ୍ୟ କରି ପାରିବ । ତେବେ ଜାଣି ରଖନ୍ତୁ ଆଳୁ କିପରି ଆପଣଙ୍କ ତ୍ୱଚାର ରଙ୍ଗକୁ ପରିବର୍ତ୍ତନ କରି ପାରିବ ।

### ଏହି ଉପାୟରେ ମୁହଁରେ ଆଳୁ ଲଗାନ୍ତୁ-

ଆଳୁ ଏବଂ ମହୁ: ଚେହେରାର ରଙ୍ଗକୁ ଉନ୍ନତ କରିବା ପାଇଁ ଆଳୁ ରସରେ ମହୁ ମିଶାନ୍ତୁ ଏବଂ ପରେ ଏହାକୁ ଭଲ ଭାବରେ ମିଶାଇ ମୁହଁ ଏବଂ ବେକରେ ଲଗାନ୍ତୁ । କିଛି ସମୟ ପରେ ଏହାକୁ ଭଲ ପାଣିରେ ଧୋଇ ଦିଅନ୍ତୁ । ଏହି ଫେସ୍ ମାସ୍କକୁ ପ୍ରତିଦିନ ଲଗାଇବା ଦ୍ୱାରା ତ୍ୱଚା କୋମଳ ହେଇଥାଏ ଏବଂ ଚେହେରାରେ ଚମକ ଆସିଥାଏ ।

ଆଳୁ ଏବଂ ଲେମ୍ବୁ: ଆଳୁ ଏବଂ ଲେମ୍ବୁରେ ତିଆରି ଏକ ଫେସ୍ ପ୍ୟାକ୍ ବ୍ୟବହାର କଲେ ଚେହେରାରେ ଚମକ ଆସିଥାଏ । ଏହି ପ୍ୟାକ୍ ପ୍ରସ୍ତୁତ କରିବା ପାଇଁ ୨ ଚାମଚ ଲେମ୍ବୁ ଏବଂ ମହୁକୁ ୨ ଚାମଚ ଆଳୁ ରସରେ ମିଶାନ୍ତୁ, ଏହି ତିନୋଟି ରସକୁ ମିଶ୍ରଣ କରିବା ପରେ ଏହି ପ୍ୟାକ୍ ମୁହଁରେ ଲଗାନ୍ତୁ । ଏହା ଶୁଖିଗଲେ ମୁହଁକୁ ପାଣିରେ ଧୋଇ ଦିଅନ୍ତୁ । ଏହା କରିବା ଦ୍ୱାରା ତ୍ୱଚା ସଫା ହୋଇଥାଏ ।



## ନଖ ଉପରେ ହେଉଛି କି ଧଳା ଚିହ୍ନ : ସାବଧାନ ହୋଇପାରେ ଏହି ବଡ଼ ସମସ୍ୟା

ନଖ ଆମ ସ୍ୱାସ୍ଥ୍ୟର ଅନେକ ରହସ୍ୟ ପ୍ରକାଶ କରିଥାଏ । ଯଦି ଶରୀରରେ କୌଣସି ପ୍ରକାରର ରୋଗ ଥାଏ ତେବେ ଏହାର ପ୍ରଭାବ ନଖରେ ଦେଖାଯିବା ଆରମ୍ଭ କରେ । ଅନ୍ୟପଟେ ନଖରେ ଧଳା ଦାଗ ହେବାର ଅନେକ କାରଣ ଥାଇପାରେ । ନଖରେ ଧଳା ଦାଗ ହେବାର କାରଣ ସାଧାରଣ ହୋଇନଥାଏ । ଏହା ଲ୍ୟୁକୋନିସିଆ ଦ୍ୱାରା ମଧ ହୋଇପାରେ । ନଖରେ ଆଘାତ ହେତୁ ଲ୍ୟୁକୋନିସିଆ ହୁଏ । ତେବେ ଆପଣ ଜାଣି ରଖନ୍ତୁ ନଖରେ ଧଳା ଚିହ୍ନ ହେବାର କାରଣ କ'ଣ ହୋଇପାରେ ।

### ନଖ ଉପରେ ଧଳା ଚିହ୍ନର କାରଣ-

ନଖରେ ଧଳା ଚିହ୍ନ ପଛରେ ଏକ ଆଲର୍ଜି ପ୍ରତିକ୍ରିୟା ମଧ ହୋଇଥାଏ । ଏହା ପଛର କାରଣ ନେଲପଲିସ୍, ଗ୍ଲୋସ୍, କିମ୍ବା ନେଲପଲିସ୍ ରିମୋଭର୍ ହୋଇଥାଏ । ଆଲର୍ଜି ମଧ ନଖରେ ଧଳା ଦାଗର କାରଣ ହୋଇଥାଏ । କେବଳ ଏତିକି ନୁହେଁ, କୃତ୍ରିମ ନଖ ମଧ ନଖର କ୍ଷତି ଘଟାଇଥାଏ ।ଫଙ୍ଗାଲ୍ ସଂକ୍ରମଣ ନଖରେ ଧଳା ରଙ୍ଗ ସୃଷ୍ଟି କରିଥାଏ । ସଂକ୍ରମଣର ପ୍ରଥମ ଲକ୍ଷଣ ହେଉଛି ନଖ ଉପରେ କିଛି ଛୋଟ ଧଳା ଦାଗ । କେବଳ ଏତିକି ନୁହେଁ, ସଂକ୍ରମଣ ବୃଦ୍ଧି ହେଲେ ନଖ ମୋଟା ଏବଂ ଶୁଷ୍କ ହୋଇପାରେ । ଏପରି ପରିସ୍ଥିତିରେ, ଯଦି ଆପଣଙ୍କର ନଖରେ ଧଳା ଚିହ୍ନ ଥାଏ, ତେବେ ନିଶ୍ଚିତ ଭାବରେ ଏହାକୁ ଡାକ୍ତରଙ୍କୁ ଦେଖାନ୍ତୁ । ଅନେକ ଥର ନଖରେ ଆଘାତ ଲାଗେ । ତେବେ ଆଘାତର ୩ ସପ୍ତାହ ପରେ ନଖରେ ଧଳା ଚିହ୍ନ ଦେଖାଯାଏ । ତେଣୁ ଏହାକୁ ଅଣଦେଖା କରନ୍ତୁ ନାହିଁ । ଶରୀରରେ ଖଣିଜ ପଦାର୍ଥ କିମ୍ବା ଭିଟାମିନ୍ର ଅଭାବ ଥିଲେ ମଧ ନଖରେ ଧଳା ଚିହ୍ନ କିମ୍ବା ଦାଗ ଦେଖାଯାଏ । ପ୍ରାୟତ ଏହା ଜିଙ୍କ ଏବଂ କ୍ୟାଲସିୟମର ଅଭାବ ହେତୁ ହୋଇଥାଏ ।



### ଧଳା ଚିହ୍ନ କମାଇବା ପାଇଁ ଚିକିତ୍ସା-

୧-ଫଙ୍ଗାଲ୍ ଔଷଧ ସେବନ କରନ୍ତୁ ।
୨- ରକ୍ତରେ କୌଣସି ଅସୁବିଧା ହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।
୩-ଅଧିକ କସମେଟିକ୍ ବ୍ୟବହାର କରନ୍ତୁ ନାହିଁ ।

## ଏହି ଲୋକମାନେ ଭୁଲରେ ବି ଖାଆନ୍ତୁ ନାହିଁ କାଜୁ

**ଫାଇଦା ବଦଳରେ ଭୋଗିବାକୁ ପଡିବ ଅନେକ ସମସ୍ୟା**

**କାଜୁ ଖାଇବାକୁ ଅନେକ ଲୋକେ ଭଲ ପାଇଥାନ୍ତି । କାରଣ ଏହା ପାଟିକୁ ଯେତେ ସ୍ୱାଦିଷ୍ଟ ଲାଗେ ଶରୀର ପାଇଁ ମଧ ସେତିକି ଉପଯୋଗୀ ହୋଇଥାଏ । କାଜୁରେ ଭିଟାମିନ୍, ପ୍ରୋଟିନ୍, ଫାଇବର, ଫସଫରସ୍, ସେଲେନିୟମ୍, କ୍ୟାଲସିୟମ୍, ଆଇରନ୍, ଫାଇବର, ଫୋଲେଟ୍, ମ୍ୟାଗ୍ନେସିୟମ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଆଦି ଭରପୁର ମାତ୍ରାରେ ରହିଥାଏ । ଯାହା ଶରୀରକୁ ସୁସ୍ଥ ରଖିବା ସହ ତ୍ୱଚାକୁ ମଧ କୋମଳ ରଖିଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ଏପରି ବି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କୁ କାଜୁ ସେବନ କରିବାକୁ ବାରଣ କରାଯାଏ । ତେବେ ବର୍ତ୍ତମାନ ଆସନ୍ତୁ ଜାଣିବା ସେହି ବ୍ୟକ୍ତିମାନଙ୍କ ବିଷୟରେ...**

ମାଇଗ୍ରେନ ସମସ୍ୟା : ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ଯେଉଁ ବ୍ୟକ୍ତିମାନଙ୍କର ମୁଣ୍ଡ ବ୍ୟଥା କିମ୍ବା ମାଇଗ୍ରେନ ପରି ସମସ୍ୟା ଅଛି ସେହି ବ୍ୟକ୍ତିମାନେ କାଜୁ ସେବନ କରିବା ଉଚିତ ନୁହେଁ । କାରଣ କାଜୁରେ ଥିବା ଆମିନୋ ଏସିଡ୍ ଏହି ସମସ୍ୟାକୁ ଅଧିକ ବଢାଇ ଦେଇଥାଏ । ତେଣୁ ମାଇଗ୍ରେନ୍ ସମସ୍ୟା ଥିଲେ କାଜୁ ସେବନ ଠାରୁ ଦୂରେଇ ରୁହନ୍ତୁ ।

ପେଟ ଗ୍ୟାସ୍ : କାଜୁରେ ଥିବା ଫାଇବର ସ୍ୱାସ୍ଥ୍ୟ ପାଇଁ ବହୁତ ଉପଯୋଗୀ ହୋଇଥାଏ । କିନ୍ତୁ ଅଧିକ ମାତ୍ରାରେ ଫାଇବର ପେଟ ଫୁଲିବା ବା ଗ୍ୟାସ ପରି ସମସ୍ୟାକୁ ଉତ୍ପନ କରିଥାଏ । ତେଣୁ ଏହିପରି ସମସ୍ୟା ଥିବା ବ୍ୟକ୍ତିମାନେ କାଜୁ ଖାଇବା ଉଚିତ୍ ନୁହେଁ ।

ମୋଟାପଣ : ଆପଣ ଯଦି ନିଜର ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି ତେବେ ଅଧିକ ମାତ୍ରାରେ କାଜୁ ସେବନ କରନ୍ତୁ ନାହିଁ । କାରଣ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, କାଜୁରେ ବହୁତ ମାତ୍ରାରେ କ୍ୟାଲୋରୀ ଥାଏ । ଯାହାକି ଶରୀରର ଓଜନ ବୃଦ୍ଧି କରିଥାଏ । ତେଣୁ ଯେଉଁ ବ୍ୟକ୍ତିମାନଙ୍କର ମୋଟପାଣ ସମସ୍ୟା ଅଛି ସେମାନେ କାଜୁ ଠାରୁ ନିଜକୁ ଦୂରେଇ ରଖନ୍ତୁ ।

ଉଚ୍ଚ ରକ୍ତଚାପ : କାଜୁରେ ବହୁତମାତ୍ରାରେ ସୋଡିୟମ ରହିଥାଏ । ଯାହାକି ଅଧିକ ମାତ୍ରାରେ ସେବନ କରିବା ଶରୀର ପାଇଁ କ୍ଷତିକାରକ ହୋଇଥାଏ । ତେବେ ଏପରି ସ୍ଥିତିରେ ଯଦି ଆପଣଙ୍କର ଉଚ୍ଚ ରକ୍ତଚାପ ଜନିତ ସମସ୍ୟା ଥାଏ ତା ହାଲେ ଆପଣ କାଜୁ ଖାଆନ୍ତୁ ନାହିଁ । କାରଣ ଏହା ଶରୀରରେ ସୋଡିୟମର ମାତ୍ରାକୁ ବୃଦ୍ଧି କରିଥାଏ ।ଫଳରେ ଶରୀରରେ ଉଚ୍ଚ ରକ୍ତଚାପ, ଚିନ୍ତା, ଏବଂ ହୃଦଘାତ ପରି ସମସ୍ୟା ସୃଷ୍ଟି କରେ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୨ ମଇ ୨୦୨୩, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପାକିସ୍ତାନର ସାମ୍ପ୍ରତିକ ରାଜନୀତି..

ସପ୍ତାହ ସପ୍ତାହ ଧରି ଦୋଦୁଲ୍ୟମାନ ସ୍ଥିତି ଦେଇ ଗତି କରିବା ପରେ ଶେଷରେ ପାକିସ୍ତାନର ସରକାର ସଫଳତାର ସ୍ୱାଦ ଚାଖିବା ଭଳି ମନେ ହେଉଛନ୍ତି । ଏକ ନାଟକୀୟ ଢଙ୍ଗରେ ପାକିସ୍ତାନର ଦୁର୍ନୀତି-ବିରୋଧୀ ଅନୁଷ୍ଠାନ ପୂର୍ବତନ କ୍ରିକେଟ୍ ଅଧିନାୟକରୁ ପ୍ରଧାନମନ୍ତ୍ରୀ ହୋଇଥିବା ଇମ୍ରାନ୍ ଖାନ୍‌ଙ୍କୁ ଇସଲାମାବାଦ ହାଇକୋର୍ଟଠାରେ ଗିରଫ କରିଛନ୍ତି । ତାଙ୍କ ଗିରଫ ଦୃଶ୍ୟର କ୍ୟାମେରା ଫୁଟେଜ୍‌ରେ ଅନେକ ସଂଖ୍ୟକ ସୁରକ୍ଷା କର୍ମୀ ଦଙ୍ଗା-ନିୟନ୍ତ୍ରଣକାରୀ କୌଶଳ ପ୍ରୟୋଗ କରୁଥିବା ବେଳେ ଆଉ କିଛି ଶ୍ରୀ ଖାନ୍‌ଙ୍କୁ ଏକ ଭ୍ୟାନ୍‌ରେ ଭର୍ତ୍ତି କରି ନେଉଛନ୍ତି ଏବଂ ତାଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ଦଳର ସମର୍ଥକମାନେ ଦଙ୍ଗା ହଙ୍ଗାମା କରିବାରେ ବ୍ୟାପୃତ ରହିଥିବା ଦେଖା ଯାଉଛି । ପାକିସ୍ତାନର ରାଜନୀତି ସାମ୍ପ୍ରତିକ ସମୟରେ ଯେତେବେଳେ ଗୋଳିଆ ପାଣି ସଦୃଶ, ଠିକ୍ ସେତିକି ବେଳେ ନ୍ୟାସନାଲ ଆକାଉଣ୍ଟେବିଲିଟି ବ୍ୟୁରୋ (ଏନ୍ବି) ଦ୍ୱାରା ଇମ୍ରାନଙ୍କ ନାଟକୀୟ ଢଙ୍ଗରେ ଗିରଫ ପରିସ୍ଥିତିକୁ ଅଧିକ ଗୋଳମାଳିଆ କରି ଦେଇଛି ; ତାଙ୍କ ସମର୍ଥକମାନଙ୍କ ଦ୍ୱାରା ଦେଶର ବିଭିନ୍ନ ଭାଗରେ ଦେଖା ଦେଇଛି ପୋଡ଼ାଜଳା, ହିଂସାକାଣ୍ଡ, ଏମିତିକି ତାଙ୍କ ଦଳ ପିଟିଆଇର ସମର୍ଥକମାନେ ରାଓ୍ୱଲପିଣ୍ଡସ୍ଥିତ ସେନା ମୁଖ୍ୟାଳୟ ଭିତରେ ପଶି ଗଣ୍ଡଗୋଳ କରିବା ସହିତ ଲାହୋରସ୍ଥିତ ସେନାଧକ୍ଷଙ୍କ ବାସଭବନରେ ଧସେଇ ପଶି ଗଣ୍ଡଗୋଳ କରିଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ପ୍ରକାଶ କରିଛି । ତାଙ୍କ ଗିରଫ ଦର୍ଶାଇଛି ଯେ ବର୍ତ୍ତମାନର ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ଏବଂ ବିଦେଶ ମନ୍ତ୍ରୀ ବିଲାଲ ଭୁଟ୍ଟୋ ଜର୍ଦାରୀ ହୁଏତ ଶେଷରେ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଯେ ଏହି ପୂର୍ବତନ ଯାଦୁକରୀ କ୍ରିକେଟରଙ୍କୁ ଆଉ ଅଧିକ ଦିନ ଲୋକମାନଙ୍କୁ ମତାଇବା ଏବଂ ତାଙ୍କ କାର୍ଯ୍ୟକଳାପକୁ ସୁରୁଖୁରୁରେ ଆଗେଇ ନେବାକୁ ସୁଯୋଗ ଦେବା ମଧ୍ୟ ନିର୍ବାଚନ ଦୃଷ୍ଟିରୁ ବିପଜ୍ଜନକ ସାବ୍ୟସ୍ତ ହେବ । ସର୍ବୋପରି ଘଟଣାକ୍ରମର ଏହି ନାଟକୀୟ ମୋଡ଼ ଅଧିକ ସମ୍ବେଦନଶୀଳ ହୋଇ ପଡ଼ିଛି ଦେଶର ପାରମ୍ପରିକ କ୍ଷମତା ନିର୍ଣ୍ଣାୟକ ପାକିସ୍ତାନ ସେନା ଦ୍ୱାରା । ଶ୍ରୀ ଖାନ୍‌ଙ୍କ ଦ୍ୱାରା ଅନେକ ଥର ସମାଲୋଚନାର ଶିକାର ହେବା ପରେ ଦେଶର ସେନାବାହିନୀ ନିଜର ସ୍ଥିତିକୁ ସର୍ବକାଳୀନ ନିମ୍ନ ସ୍ତରରେ ରହିଥିବା ଅନୁଭବ କରିଥିଲା । ତେଣୁ ଇମ୍ରାନ୍‌ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କର ପାଟି ଚୁପ୍ କରାଇବାକୁ ଏହା ଉଦ୍ୟମ କରିବା ସ୍ୱାଭାବିକ । ଇମାନଙ୍କୁ ଆୟତ୍ତ କରିବାକୁ ତେର ମାସ ତଳୁ କାର୍ଯ୍ୟ ଆରମ୍ଭ ହୋଇ ସାରିଥିଲା ଯେତେବେଳେ ଏପ୍ରିଲ ୨୦୨୨ରେ ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ବହିଷ୍କାର କରା ଯାଇଥିଲା । ଏହା ପାକିସ୍ତାନବାସୀଙ୍କ ନଜରରେ ନାୟକ ଭାବରେ ଉଭା ହୋଇଥିବା ଇମାନ୍‌ଙ୍କ ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବା ପାଇଁ ବୋଧହୁଏ ଯଥେଷ୍ଟ ନଥିଲା । ତା'ପରେ ତାଙ୍କ ନାମରେ ଅଣା ଯାଇଥିଲା ଅର୍ଥ ତୋଷରପାତଠାରୁ ଦୁର୍ନୀତି ପର୍ଯ୍ୟନ୍ତ ଅନେକ ଅଭିଯୋଗ । ବର୍ତ୍ତମାନ ସୁଦ୍ଧା ତାଙ୍କ ନାମରେ ୧୪୦ରୁ ଅଧିକ ମାମଲାରେ ସମ୍ପୃକ୍ତ ଥିବାର ଅଭିଯୋଗ ରହିଛି, ଯାହା ମଧ୍ୟରେ ସରକାରୀ ଉପହାରଗୁଡ଼ିକରୁ ମଧ୍ୟ ଫାଇଦା ଉଠାଇବା ଅଭିଯୋଗ ସାମିଲ ରହିଛି । ତେବେ ଏସବୁ ଅଭିଯୋଗ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଗୁରୁତ୍ୱପୂର୍ଣ୍ଣ ହେଉଛି ଅତି ସରଳ ପ୍ରଶ୍ନଟିଏ ଯେ କେଉଁ ସମୟରେ ତାଙ୍କୁ ଗିରଫ କରାଯାଇଛି, ଯଦି ଗିରଫ କରାଯାଇ ନଥାନ୍ତା, ନୁହେଁ । ତାଙ୍କ ଗିରଫର କାରଣ ମୁଖ୍ୟତଃ କେନ୍ଦ୍ରିତ ସେନାବାହିନୀ ବିପକ୍ଷରେ ସ୍ୱର ଉତ୍ତୋଳନ କରିବା, ଯିଏକି ତାଙ୍କୁ ପ୍ରଧାନମନ୍ତ୍ରୀ ପଦରେ ରହିବାରେ ପୃଷ୍ଠପୋଷକତା ଯୋଗାଇ ନଥିଲେ । ଆଉ ଏହି ପଦରୁ ଯିବା ପରେ ସେ ନିୟମିତ ଭାବରେ ଲୋକମାନଙ୍କର 'କ୍ୟାପ୍ଟେନ୍'ର ଭୂମିକା ତୁଲାଇବାକୁ ଯାଇ ସେନାବାହିନୀ ଏବଂ ଶେହବାଜ ଶରିଫ୍‌ଙ୍କ ସରକାର ବିରୋଧରେ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରି ଜନତାଙ୍କ ଦରବାରର କାଠଗଡ଼ାରେ ସେମାନଙ୍କୁ ଛିଡ଼ା କରାଇ ଆସୁଥିଲେ । ପରନ୍ତୁ, ଜନ ସମର୍ଥନ ତାଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରୁଥିଲା ତୁରନ୍ତ ଦେଶରେ ନିର୍ବାଚନ କରାଇବା ପାଇଁ ଦାବି କରିବାକୁ ଏବଂ ସରକାରଙ୍କ ପକ୍ଷରୁ ଧୀରେ ଧୀରେ ସ୍ପଷ୍ଟ ହୋଇ ଉଠୁଥିଲା ଯେ ତାଙ୍କୁ ଆଉ ସରକାରର ନେତୃତ୍ୱ ନେବାକୁ ଦିଆଯିବ ନାହିଁ । ଗତ ମାସଠାରୁ ପାକ୍ ସରକାର ଏକ କୋର୍ଟ ଆଦେଶକୁ ଅବମାନନା କରି ଆସୁଛନ୍ତି ଯାହା ସାମ୍ବିଧାନିକ ଭାବରେ ନିର୍ଦ୍ଧାରିତ ଏକ ସମୟ ଅବଧି ମଧ୍ୟରେ ଦୁଇଗୋଟି ପ୍ରାଦେଶିକ ବିଧାନସଭା ନିର୍ବାଚନ ଅନୁଷ୍ଠିତ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲା । ଏ ଦୁଇଟିଯାକ ପ୍ରଦେଶରେ ଇମ୍ରାନ୍ ଖାନ୍‌ଙ୍କ ପିଟିଆଇ ଦଳର ପତିଆରା ବେଶୀ । କୋର୍ଟ ମେ' ୧୪ ତାରିଖରେ ନିର୍ବାଚନ ଅନୁଷ୍ଠିତ କରାଇବାକୁ ଦିନ ଧାର୍ଯ୍ୟ କରିଥିବା ବେଳେ ଏଯାବତ୍ ନିର୍ବାଚନ ହେବା ନେଇ କୌଣସି ସଙ୍କେତ ଦେଖିବାକୁ ମିଳିନାହିଁ । ତା' ପରିବର୍ତ୍ତେ ଦେଖିବାକୁ ମିଳିଛି ଇମ୍ରାନ୍‌ଙ୍କ ଗିରଫ । ଏବେ ଦେଖିବାକୁ ବାକି ରହିଛି ପାକ୍ ସେନାଧକ୍ଷ ଅସୀମ୍ ମୁନୀର କେଉଁଭଳି ଭାବରେ ଏହି ପରିସ୍ଥିତିରେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି ତଥା ଦେଶର ନ୍ୟାୟାଳୟ କିପରି ଇମ୍ରାନ୍‌ଙ୍କ କ୍ଷେତ୍ରରେ ମନୋଭାବ ଆପଣାଉଛନ୍ତି । ପାକିସ୍ତାନରେ ଘଟଣାକ୍ରମ ଏପରି ମୋଡ଼ ନେବା ଯେ କୌଣସି ଦେଶ ପାଇଁ ଏକ ଭଉଁରୀରେ ପକାଇବା ଭଳି ଅବସ୍ଥାକୁ ନେଇଯିବା ସଦୃଶ । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ସଂକଟରୁ ଉଦ୍ଧାର କରିବା ବେଲ୍ ଆଉଟ୍ ନୀତି ଏଯାଏଁ ବାସ୍ତବତାରେ ପରିଣତ ହୋଇନାହିଁ । ଶାସନ କଳ ହାତ ବାନ୍ଧି ବସିବା ଭଳି ମନେହୁଏ । ଭାରତର ପଡ଼ୋଶୀ ଦେଶର ଏଇ ନୀତିଗତ ସ୍ଥାଣୁତା ଏବଂ ରାଜନୀତିକ ଅବସ୍ଥା କେବଳ ଭାରତ ନୁହେଁ, ସମଗ୍ର ଦକ୍ଷିଣ ଏସିଆ ପାଇଁ ଚିନ୍ତାଜନକ । ଗୁଳିଗୋଳା ବିନିମୟ ଉପରେ ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି, କାରଣ କେବଳ ଏଇ ଗୋଟିଏ ପ୍ରସଙ୍ଗ ହିଁ ଦୁଇ ଦେଶଙ୍କ ମଧ୍ୟରେ ସମ୍ପର୍କରେ ତିକ୍ତତା ଭରି ଦେଇଛି ।

## ବିଷ୍ଣୁପ୍ରିୟା : ଓଡ଼ିଶାର 'ନାଇଟେଙ୍ଗଲ୍'

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



୧୯୪୭ ମସିହା ଦ୍ୱିତୀୟାର୍ଦ୍ଧ । ସ୍ୱାଧୀନତାର ସ୍ୱାଦକୁ ଦେଶବାସୀ ଠିକ୍ ଭାବେ ଅନୁଭବ କରିପାରିନଥାନ୍ତି । ସେତିକିବେଳେ, ରକ୍ଷଣଶୀଳ ଓଡ଼ିଆ ସମାଜରେ ଜଣେ ୨୧ ବର୍ଷିୟା ଝିଅ ସୁଦୂର ଦିଲ୍ଲୀ ଯାଇ ନର୍ସିଂ ଭଳି ପେସାର ତାଲିମ୍ ନେବା କିଛି କମ୍ କଥା ନଥିଲା । ଏହି ଝିଅ ଜଣକ ଅନ୍ୟ କେହି ନଥିଲେ - ସେ ଥିଲେ ଓଡ଼ିଶା ନର୍ସିଂ ସମାଜର କୁଳବୃଦ୍ଧା ବିଷ୍ଣୁପ୍ରିୟା ମହାନ୍ତି । ବିଷ୍ଣୁପ୍ରିୟାଙ୍କ ପଦକ୍ଷେପକୁ ସେତେବେଳେ କେବଳ ଯେ ସମାଲୋଚନା କରାଯାଇଥିଲା, ତା ନୁହେଁ; ପରିବାରକୁ ମଧ୍ୟ ଅନେକ ପ୍ରକାର କୁତ୍ସାରଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ହେଲେ ସମଗ୍ର ସମାଜର ଉନ୍ନତି ପାଇଁ ସଂକଳ୍ପ ବଦ୍ଧ ହୋଇଥିବା ବିଷ୍ଣୁପ୍ରିୟା ଏ ସବୁକୁ ଆଡ଼େଇ ଦେଇ ଆଗେଇ ଯାଇଥିଲେ; ଆଉ ରଖି ଯାଇଥିଲେ ସବୁ କ୍ଷେତ୍ରରେ ପ୍ରଥମ ହେବାର ଅନନ୍ୟ ଉଦାହରଣ । ପ୍ରଥମ ଓଡ଼ିଆ ନର୍ସିଂ ଛାତ୍ରୀ, ପ୍ରଥମ ମାଟ୍ରନ୍, ପ୍ରଥମ ଚିଫ୍ ମାଟ୍ରନ୍, ପ୍ରଥମ ପ୍ରିନ୍‌ସପାଲ ଟ୍ୟୁଟର୍, କଲେଜ୍ ଅଫ୍ ନର୍ସିଂର ପ୍ରଥମ ଅଧ୍ୟକ୍ଷା ଓ ଏମିତି ଅନେକ ପ୍ରଥମ । କୁହାଯାଏ ପ୍ରଥମ ହେବାଟା ଯେତିକି କଷ୍ଟ, ପ୍ରଥମ ସ୍ଥାନକୁ ବଜାୟ ରଖିବା ତା ଠାରୁ ଢ଼େର୍ ଅଧିକ କଷ୍ଟ । ହେଲେ, ବିଷ୍ଣୁପ୍ରିୟା କେବଳ ଯେ ପ୍ରଥମ ହୋଇଥିଲେ ତା ନୁହେଁ, ଶେଷ ପର୍ଯ୍ୟନ୍ତ ନିଜର ପ୍ରଥମ ସ୍ଥାନକୁ ବଜାୟ ରଖିଥିଲେ । ଦିଲ୍ଲୀର ରାଜକୁମାରୀ ଅମ୍ରିତା କୌର କଲେଜ୍ ଅଫ୍ ନର୍ସିଂ (ଦିଲ୍ଲୀ କଲେଜ ଅଫ୍ ନର୍ସିଂ ଭାବେ ପରିଚିତ)ରୁ ବିଏସ୍‌ସି ନର୍ସିଂ ଓ ପରେ ଏମ୍.ଏସ୍‌ସି ନର୍ସିଂ ଶିକ୍ଷା ଗ୍ରହଣ କରିଥିଲେ । ଶିକ୍ଷା ଶେଷ ହେବା ପୂର୍ବରୁ ବିଷ୍ଣୁପ୍ରିୟାଙ୍କୁ ସୁଯୋଗ ମିଳିଥିଲା ଦିଲ୍ଲୀର କେତେକ ପ୍ରତିଷ୍ଠିତ ଚିକିତ୍ସାଳୟରେ ଯୋଗଦେବାକୁ । ଅନ୍ୟ କେହି ହୋଇଥିଲେ ବ୍ୟକ୍ତିଗତ ପ୍ରତିଷ୍ଠା ସମ୍ପନ୍ନତା ପାଇଁ ଏହାକୁ କେବେ ହାତଛଡ଼ା କରିନଥାନ୍ତା । ହେଲେ ନିଜ ରାଜ୍ୟର ଅସହାୟ ରୋଗୀମାନଙ୍କ ସେବା କରିବାକୁ ଯିଏ ସଂକଳ୍ପବଦ୍ଧତାକୁ ଏ ସବୁ ଲୋଭ ଅଟକାଇପାରିଥାଆନ୍ତା ବା କେମିତି ? ଶିକ୍ଷା ସମାପ୍ତିରେ ବିଷ୍ଣୁପ୍ରିୟା ବାଛି ନେଇଥିଲେ ଓଡ଼ିଶାକୁ ନିଜର କର୍ମଭୂମି (ବରଂ ସେବା ଭୂମି କହିଲେ ଅଧିକ ଉପଯୁକ୍ତ ହେବ) ଭାବେ । ଏସ୍‌ସିବିରୁ ପ୍ରଥମ ଓଡ଼ିଆ ନର୍ସ ଭାବେ କାର୍ଯ୍ୟ ଆରମ୍ଭ କରିବା ସହିତ ଓଡ଼ିଆ ଝିଅମାନଙ୍କୁ ଅଧିକରୁ ଅଧିକ ଏହି ପେସାପ୍ରତି ଆକୃଷ୍ଟ କରାଇବାର ଉଦ୍ୟମ ଆରମ୍ଭ କରିଦେଇଥିଲେ । ପଦୋନ୍ନତି ଓ ନିଷ୍ପତ୍ତି ନେବାର କ୍ଷମତା ମିଳିବା କ୍ଷଣି ଓଡ଼ିଆ ଝିଅମାନଙ୍କୁ ବାଙ୍ଗାଲୋର, ଭେଲୋର, ଦିଲ୍ଲୀ ଓ ମାଡ୍ରାସ୍‌ର ଚିକିତ୍ସାଳୟକୁ ପାଠଇ ଉନ୍ନତ ସ୍ତରରେ ନର୍ସିଂ ତାଲିମ ଦିଆଇବାରେ ମଧ୍ୟ ସେ କେବେ କୌଣସି ସୁଯୋଗ ହାତଛଡ଼ା କରିନଥିଲେ । ସେଇଥିପାଇଁ 'ବଡ଼ ଦିଦି' ବୋଲି ସମ୍ବୋଧନ କରୁଥିଲେ ବି ଅଧିକାଂଶ ସେବିକା ତାଙ୍କୁ ନିଜ ମା' ଭଳି ଦେଖୁଥିଲେ । ସେ ମଧ୍ୟ ମାତୃବତ୍ ସ୍ନେହ ଦେବାରେ କେବେ କାର୍ପଣ୍ୟତା ଦେଖାଇ ନଥିଲେ । ଚାକିରି କାଳରେ ନର୍ସିଂ ସେବାକୁ ଅଧିକ ଲୋକାଭିମୁଖୀ କରାଇବା ସହ ନର୍ସିଂ କଲେଜ ପ୍ରତିଷ୍ଠା ଭଳି ବହୁ ଯୁଗାନ୍ତକାରୀ ପଦକ୍ଷେପ ତାଙ୍କ ଧ୍ୱଜା ତଳେ ନିଆଯାଇଥିଲା । ଚାକିରିର ଶେଷ ସମୟରେ ବହୁଉଚ୍ଚ ପଦସ୍ଥ ଅଧିକାରୀ ଚାକିରିକାଳକୁ ବଢ଼ାଇବା ପାଇଁ ସରକାରଙ୍କ ଦ୍ୱାରସ୍ଥ ହେଉଥିବା ବେଳେ ବିଷ୍ଣୁପ୍ରିୟାଙ୍କ କ୍ଷେତ୍ରରେ ଠିକ୍ ତାର ଓଲଟା ଘଟିଥିଲା । ସରକାରଙ୍କ ପକ୍ଷରୁ ତାଙ୍କୁ ନିବେଦନ କରାଯାଇଥିଲା ଆଉ ଦୁଇ ବର୍ଷ ଅଧିକ ସେବା କରିବାକୁ । କହିବା ଅନାବଶ୍ୟକ ହିମାଳୟ ପରି ତାଙ୍କର ପ୍ରଚଣ୍ଡ ପ୍ରତିଭା ଓ ନର୍ସିଂ ସେବା ପ୍ରତି ତାଙ୍କର ସମର୍ପଣ ଭାବ ଯୋଗୁଁ ସରକାରଙ୍କ ପକ୍ଷରୁ ନିୟମର ଏଭଳି ପରିବର୍ତ୍ତନ କରାଯାଇଥିଲା । ଅବସର ନେବା ପରେ ମଧ୍ୟ ବିଷ୍ଣୁପ୍ରିୟା ଚୁପ୍ ହୋଇ ବସିନଥିଲେ । ନିଜ ଉଦ୍ୟମରେ 'ଲିଟିଲ୍ ବାର୍ଡ଼' ନାମକ ସ୍କୁଲ ଖୋଲିବା ସହ ଶେଷ ସମୟ ପର୍ଯ୍ୟନ୍ତ 'ଉପେନ୍ଦ୍ର ଟ୍ରଷ୍ଟ କଲେଜ୍ ଅଫ୍ ନର୍ସିଂ'ର ନିର୍ଦ୍ଦେଶିକା ଭାବରେ କାର୍ଯ୍ୟ କରୁଥିଲେ । ବିଷ୍ଣୁପ୍ରିୟାଙ୍କ ସମାଜ ସେବାର କାହାଣୀ ବଖାଣି ବସିଲେ ସମୟ ଓ କାଗଜ କମ୍ ପଡ଼ିଯିବ । ଓଡ଼ିଶା ନର୍ସିଂ ସେବାର ଏହି କୁଳବୃଦ୍ଧାଙ୍କର ପରଲୋକ ହୋଇଥିଲେ ବି ନର୍ସିଂ ସେବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ଓଡ଼ିଶାର ସେବିକା ସମାଜ ପାଇଁ ସେ ସର୍ବଦା ଆଦର୍ଶ ଓ ପ୍ରେରଣାର ମାର୍ଗଦର୍ଶିକା ହୋଇ ରହିବେ ।


ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭


### ଅନ୍ତର୍ଜାତୀୟ ନର୍ସ ଦିବସ

ସମାଜକୁ ନର୍ସଙ୍କ ଅବଦାନକୁ ମନେ ପକାଇବା ଉଦ୍ଦେଶ୍ୟରେ ସମଗ୍ର ବିଶ୍ୱରେ ପ୍ରତି ବର୍ଷ ମେ ୧୨ ତାରିଖ ପାଳନ କରାଯାଏ ଅନ୍ତର୍ଜାତୀୟ ନର୍ସ ଦିବସ। ୧୯୬୫ ମସିହାରୁ ଇଣ୍ଟରନ୍ୟାସନାଲ କାଉନ୍‌ସିଲ ଅଫ୍ ନର୍ସେସ ଏହି ଦିବସ ପାଳନ କରିଆସୁଛି। ଆମେରିକୀୟ ସ୍ୱାସ୍ଥ୍ୟ, ଶିକ୍ଷା ଓ କଲ୍ୟାଣ ବିଭାଗର ଅଧିକାରୀ ଡୋରୋଥି ସଦରଲ୍ୟାଣ୍ଡ ୧୯୫୩ ମସିହାରେ ନର୍ସ ଦିବସ ପାଳନ ପାଇଁ ରାଷ୍ଟ୍ରପତିଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସ୍ୱୀକୃତି ମିଳିନଥିଲା। ୧୯୭୪ ମସିହା ମେ ୧୨ ତାରିଖ ଫ୍ଲୋରେନ୍ସ ନାଇଟ୍‌ଇନଜେଲ୍‌ଙ୍କ ଜନ୍ମ ଜୟନ୍ତୀକୁ ନର୍ସ ଦିବସ ପାଳନ ନିମନ୍ତେ ଘୋଷଣା କରାଗଲା। ତାଙ୍କୁ ଆଧୁନିକ ନର୍ସିଂର ପ୍ରତିଷ୍ଠାତା କୁହାଯାଏ। ପ୍ରତିବର୍ଷ ଇଣ୍ଟରନ୍ୟାସନାଲ କାଉନ୍‌ସିଲ ଅଫ୍ ନର୍ସେସ ଏହି ଦିବସର କିଟ୍ ପ୍ରସ୍ତୁତ କରି ବାଣ୍ଟିଥାଏ। ଏହି କିଟ୍‌ରେ ନର୍ସଙ୍କ ଦ୍ୱାରା ବ୍ୟବହୃତ ଶୈକ୍ଷିକ ଓ ଜନସାଧାରଣ ସୂଚନା ସମ୍ପର୍କିତ ବସ୍ତୁ ଥାଏ।

## ଭଞ୍ଜ ସାହିତ୍ୟର ଆଙ୍ଗିକ ବୈଚିତ୍ର୍ୟ



**ଶ୍ରୀବତ୍ସ ନାୟକ**

ସଖୀ ଯୁଗ ପରେ ଅର୍ଥାତ ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରୁ ଓଡ଼ିଆ ସାହିତ୍ୟର ରୀତିଯୁଗ (୧୬୫୦-୧୮୮୦) ଅୟମାରମ୍ଭ ହୋଇଥିଲା । ଏହି ଯୁଗର କବିମାନେ କାବ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଧ୍ୱନୀ, ରସ, ଶୃଙ୍ଗାର, ଅଳଙ୍କାର ମାନ ପ୍ରୟୋଗ କରୁଥିଲେ । ଅର୍ଜୁନ ଦାସ, ଦେବଦୁର୍ଲଭ ଦାସ, ନରସିଂହ ସେଣ, ବନମାଳୀ ଦାସ,ଚାନ୍ଦ ଦାସ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଯଦୁମଣି ମହାପାତ୍ର, ବ୍ରଜନାଥ ବଡ଼ଜେନା, ରଘୁନାଥ ହରିଚନ୍ଦନ, ପାର୍ଥ ଶ୍ରୀଚନ୍ଦନ, ପ୍ରତାପ ରାୟ, ବିଷ୍ଣୁ ଦାସ, ବଳଦେବ ରଥ ଆଦିକବି ରୀତି ଯୁଗୀୟ କାବ୍ୟର ଗୌରବ ବୃଦ୍ଧି କରିଛନ୍ତି । ପୁଣ୍ୟଶ୍ଳୋକ ଭାରତରେ ବହୁ ସିଦ୍ଧ ସାଧକ, ସାଧୁସନ୍ଥ, ମହାକବି, ମାନଙ୍କର ଆର୍ବିର୍ଭାବ ହୋଇଛି । ନିଜର ସାଧନା ବଳରେ ସେମାନେ ଛାଡ଼ି ଯାଇଛନ୍ତି ଅନେକ ଅମରକୃତୀ । ତାଙ୍କର କାଳଜୟୀ ରଚନା ଓ କୃତିତ୍ୱ ଦ୍ୱାରା ଭାରତୀୟ ସଂସ୍କୃତି, ପରମ୍ପରା, ସାହିତ୍ୟ ଋଦ୍ଧିମନ୍ତ । ତାଙ୍କରି ପାଇଁ ଆମ ଓଡିଆ ସାହିତ୍ୟ ଆଜି ବିଶ୍ୱଦରବାର ରେ ପରିଚିତ ।

ରୀତିଯୁଗର କବି ମାନଙ୍କ ମଧ୍ୟରେ କବି ଉପେନ୍ଦ୍ର ଭଞ୍ଜ ହେଉଛନ୍ତି ଅନ୍ୟତମ । ରାଜ ପରିବାର ରେ ଜନ୍ମ ହୋଇଥିଲେ ମଧ ରାଜକୀୟ ଭୋଗବିଳାସ, ରାଜଗାଦି, ଭୋଗବିଳାସ ଜୀବନଚର୍ଯ୍ୟାକୁ ପ୍ରତ୍ୟାଖାନ କରି ନୀରବ ସାହିତ୍ୟ ସାଧକ ରେ ବ୍ରତୀ ରହିଥିଲେ । ନିଜର ନିଷ୍ଠାପର ସାରସ୍ୱତ ସାଧନାରେ ବୁଡ଼ି ରହି ରୀତିଯୁଗରେ ଅନେକ କାବ୍ୟ ରଚନା କରି ଓଡ଼ିଆ ସାହିତ୍ୟ ଜଗତକୁ ଭେଟି ଦେଇଛନ୍ତି ଅନେକ କାବ୍ୟ । ସ୍ୱରଚିତ କାବ୍ୟ ହିଁ ତାଙ୍କୁ ଅସାଧାରଣ କବିତ୍ୱ ଓ ପାଣ୍ଡିତ୍ୟର ପରିଚୟ ପ୍ରଦାନ କରିଛି । ଜଣେ ସିଦ୍ଧ ସାହିତ୍ୟ ସାଧକ ହିସାବରେ ନିଜ ସୃଷ୍ଟି ସମ୍ଭାର ରସ, ଅଳଙ୍କାର, ଛାନ୍ଦର ବୈଚିତ୍ର ଓ ବର୍ଣ୍ଣନା ପାଟବରେ ପରିପୂର୍ଣ୍ଣ ହୋଇଛି । କବିଙ୍କର କବିତ୍ୱ, ଅଗାଧ ପାଣ୍ଡିତ୍ୟ ସର୍ବଜନବିଦିତ ଯାହାକୁ ଆକଳନ କରିବା ଏକ କଷ୍ଟକର ବ୍ୟାପାର । ଉତ୍କଳ ସାହିତ୍ୟ ଆକାଶର ମଉଡମଣି, ବିରାଟ କାବ୍ୟ ସମାଜର ସମ୍ରାଟ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାହିଁ ପଟାନ୍ତର ।

ଯଦିଓ ରୀତିଯୁଗରେ ବଳଦେବ ରଥଙ୍କ 'କିଶୋର ଚନ୍ଦ୍ରାୟନ ଚମ୍ପୁ', ପୁରୁଷୋତ୍ତମ ଦାସଙ୍କ 'କାଞ୍ଚି କାବେରୀ', ଦନାଇ ଦାସଙ୍କ 'ଗୋପୀଭାଷା', ବ୍ରଜନାଥ ବଡ଼ଜେନାଙ୍କ 'ସମର ତରଙ୍ଗ', 'ଚତୁର ବିନୋଦ', ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ', ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି', 'ପ୍ରେମ ଚିନ୍ତାମଣି', ଅନାଦି ମିଶ୍ରଙ୍କ 'ମଣିମାଳା', ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ', କେଶବ ରାଜ ହରିଚନ୍ଦନଙ୍କ 'ରସସିନ୍ଧୁ ସୁଲକ୍ଷଣା', ଭୂପତି ପଣ୍ଡିତଙ୍କ 'ପ୍ରେମ ପଞ୍ଚାମୃତ', ଆଦି କାବ୍ୟ ରୀତିଯୁଗର ଶୋଭା ମଣ୍ଡିତ କରିଥିଲା କିନ୍ତୁ ଛାନ୍ଦ ଓ ଅଳଙ୍କାରର ପ୍ରୟୋଗ ତଥା ଶବ୍ଦର ବିନ୍ୟାସ ଦୃଷ୍ଟି କୋଣରୁ ଭଞ୍ଜ ସାହିତ୍ୟର ସ୍ୱତନ୍ତ୍ରତା ଥିଲା ନିଆରା । ସଂସ୍କୃତ କାବ୍ୟାଦର୍ଶ ସହିତ ସ୍ୱକୀୟ ଶୈଳୀ ଅବଲମ୍ବନ ପୂର୍ବକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କାବ୍ୟ କଳାର ଶ୍ରେଷ୍ଠତ୍ୱ ପ୍ରତିପାଦିତ ହୋଇଛି । ଭଞ୍ଜ ସାହିତ୍ୟର ସୃଷ୍ଟି ସମ୍ଭାର ମୁଖ୍ୟତଃ ପାଞ୍ଚ ପ୍ରକାରର କାବ୍ୟକୁ ନେଇ ଗଠିତ ଯଥା ପୌରାଣିକ କାବ୍ୟ (ଅବନା ରସତରଙ୍ଗ, କଳାକଉତୁକ, ସୁଭଦ୍ରା ପରିଣୟ, ରାହାସଲୀଳା, ରାମଲୀଳାମୃତ, ବ୍ରଜଲୀଳା, ବୈଦେହୀଶ ବିଳାସ), କାଳ୍ପନିକ କାବ୍ୟ (କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚନ୍ଦ୍ରକଳା, ଚନ୍ଦ୍ରଲେଖା, ପ୍ରେମ ସୁଧାନିଧି, ମନୋରମା, ମୁକ୍ତାବତୀ, ଲାବଣ୍ୟବତୀ ଇତ୍ୟାଦି), ଅଳଙ୍କାରିକ କାବ୍ୟ (ଛାନ୍ଦଭୂଷଣ, ରସମଞ୍ଜରୀ, ଚିତ୍ରକାବ୍ୟ ବନ୍ଧୋଦୟ, ରସପଞ୍ଚକ ଇତ୍ୟାଦି), ଗୀତିକା (ଚଉପଦୀ ଭୂଷଣ, ଗାହା), ବିବିଧ ରଚନା (ଷଡ଼ଋତୁ, ବିଚିତ୍ର ତରଙ୍ଗିଣୀ, ନାରଦ ପୁରାଣ) ।

ଭଞ୍ଜ ସାହିତ୍ୟର ବୈଦେହୀଶ ବିଳାଶ କାବ୍ୟଟି ୫୭ଟି ଛାନ୍ଦକୁ ନେଇ ରାମାୟଣ ବିଷୟବସ୍ତୁ ଉପରେ ଆଧାରିତ ଏକ ଲୋକପ୍ରିୟ ପୌରାଣିକ କାବ୍ୟ । ଏହି କାବ୍ୟରେ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର କାବ୍ୟଟିକୁ ସରସ ସୁନ୍ଦର କରିଛି । ପ୍ରଥମ ଛାନ୍ଦର ପ୍ରଥମ ଦୁଇପଦରେ ମଙ୍ଗଳାଚରଣ ମାଧ୍ୟମରେ ଦେବାଦେବୀଙ୍କ ବନ୍ଦନାଗାନ କରି ନିଜ ଆଧାତ୍ମିକତାର ପରିଚୟ ପ୍ରଦାନ କରିଛନ୍ତି । ଋଷିକୂଲ୍ୟା, ବିରଜା, ପୁରୀ ପ୍ରସଙ୍ଗରେ ଉଲ୍ଲେଖ କରି ମଧ ନିଜ ସ୍ୱଦେଶ ପ୍ରୀତି ପରିଚୟର ପ୍ରମାଣ ଦେଇଛନ୍ତି । କବିଙ୍କର ଅନ୍ୟ ଏକ ସର୍ବଜନାଦୃତ କାବ୍ୟ ହେଉଛି ଲାବଣ୍ୟବତୀ । ୪୮ଟି ଛାନ୍ଦ ବିଶିଷ୍ଟ ସମ୍ପୂର୍ଣ୍ଣ କାବ୍ୟଟି ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କ ପ୍ରଣୟ କାହାଣୀ ଉପରେ ଆଧାରିତ । ଏହି କାବ୍ୟଟି କବିଙ୍କୁ ଏକ ଦିବ୍ୟଶକ୍ତି ସମ୍ପନ୍ନ ତଲିନ କଳ୍ପନା ବିଳାସୀ କବି ଭାବେ ପରିଚୟ ଦେଇଛି । ଶୃଙ୍ଗାର ରସ ପ୍ରୟୋଗର ଚତୁର ସ୍ରଷ୍ଟା ଭାବେ ଲାବଣ୍ୟବତୀ କାବ୍ୟରେ ନାୟିକା ଲାବଣ୍ୟବତୀର ଅପାଦମସ୍ତକ ଶୋଭାକୁ ପ୍ରାକୃତିକ ରୂପ ସହ ତୁଳନା କରିଛନ୍ତି ଯାହାକି କାବ୍ୟ ଭିତରେ ଅନବଦ୍ୟ ସୁଷମା ସୃଷ୍ଟି କରୁଛି । ଏଥିରେ ରାମଚରିତର ମଧ୍ୟ ଅବତାରଣା କରାଯାଇଛି । ରାଜ ପରିବାର କଥା ଉପରେ ଆଧାରିତ କାଳ୍ପନିକ କାବ୍ୟ ପ୍ରେମସୁଧାନିଧିଟି ଷୋହଳ ଗୋଟି ଛାନ୍ଦକୁ ନେଇ ପାରମ୍ପରିକ ରୀତିରେ ମଙ୍ଗଳାଚରଣ, ନାୟକ ନାୟିକାଙ୍କ ଯୌବନ, ମିଳନ, ବିରହର ଚିତ୍ର ଧାରଣ କରିଛି । ଅନ୍ୟତମ କାଳ୍ପନିକ କାବ୍ୟ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ରେ କାବ୍ୟର ନାୟିକାକୁ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଭାବେ ପ୍ରତିଷ୍ଠିତ କରିବା ପାଇଁ କବିଙ୍କର କଳ୍ପନା ବିଳାସ, ଭାଷା ବିନ୍ୟାସ, ଅଳଙ୍କାରର ପ୍ରୟୋଗ କାବ୍ୟଟିକୁ ଜୀବନ୍ତ କରିଛି । ୩୫ଟି ଛାନ୍ଦ ବିଶିଷ୍ଟ ଏହି କାଳ୍ପନିକ କାବ୍ୟଟି ଭଞ୍ଜଙ୍କର ଆଉ ଏକ ସଫଳ କାବ୍ୟ । ୨୨ଟି ଛାନ୍ଦକୁ ନେଇ ଶୃଙ୍ଗାର ରସରେ ରଚିତ କାବ୍ୟ ରସଲେଖା । ପ୍ରତିପାଦ 'ସ', 'ଶ', 'ଷ'କୁ ନେଇ 'ସ' ଅନୁପ୍ରାସ ରେ ଜଗନ୍ନାଥଙ୍କ ମହିମା, ଶ୍ରୀ କ୍ଷେତ୍ରର ବର୍ଣ୍ଣନା ହୋଇଥିବା କାବ୍ୟ ହେଉଛି ସୁଭଦ୍ରା ପରିଣୟ । ସେହିଭଳି କଳାକଉତୁକ କାବ୍ୟଟି ଭିନ୍ନ ଭିନ୍ନ ରାଗକୁ ନେଇ ଦଶଛାନ୍ଦ ବିଶିଷ୍ଟ ଅଟେ । ଶ୍ରୀକୃଷ୍ଣ ବ୍ରଜଲୀଳା ଓ ଯୋଗଲୀଳା ଉପରେ ଆଧାରିତ ଏହି କାବ୍ୟ ଟିରେ ଆଦ୍ୟ ପ୍ରାନ୍ତ ଉଭୟ ରେ 'କ'କୁ ରଖି କବି ନିଜର ଭାଷାର ଦକ୍ଷତା, ଅଳଙ୍କାର, ଅନ୍ୟାନ୍ୟ ବ୍ୟାକରଣଗତ ଜ୍ଞାନର ପ୍ରମାଣ ଦେଇଛନ୍ତି । ଅବନା ଅକ୍ଷର ନିୟମରେ ରଚିତ କବିଙ୍କର ଆଉ ଏକ ଜନାଦୃତ କାବ୍ୟ ହେଉଛି ଅବନା ରସତରଙ୍ଗ । ଶ୍ରୀକୃଷ୍ଣଙ୍କ ବାଲ୍ୟ, ଯୌବନ, ଗୋପାଙ୍ଗନା ମାନଙ୍କ ପ୍ରେମାନୁରାଗକୁ ବର୍ଣ୍ଣନା କରିବାକୁ ଯାଇ ଆଦ୍ୟରେ 'କ'ଠାରୁ 'କ୍ଷ' ପର୍ଯ୍ୟନ୍ତ ରଖି ରଚନା କରିଥିବା କାବ୍ୟଟି ଏକ କ୍ଲିଷ୍ଟ କାବ୍ୟ ଅଟେ ।

ଭଞ୍ଜଙ୍କ ସୃଷ୍ଟି ସମ୍ଭାରକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ଓଡ଼ିଆ ଭାଷା ସାହିତ୍ୟକୁ ସଂସ୍କୃତ ସାହିତ୍ୟ ସହ ସମକକ୍ଷ କରି ଏକ ସ୍ୱତନ୍ତ୍ରତା ପ୍ରଦାନ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା । ରଚନାର ପାରମ୍ପରିକ ଶୈଳୀକୁ ଭାଙ୍ଗି ଅଭିନବ ଶୈଳୀରେ କାବ୍ୟମାନ ରଚନା କରି ଓଡ଼ିଆ ସାହିତ୍ୟାକାଶରେ ନବ ପ୍ରସ୍ଫୁଟିତ ସୂର୍ଯ୍ୟର କିରଣ ବିଛାଇଛନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅଧିକାଂଶ କାବ୍ୟ କାଳ୍ପନିକ ତେଣୁ ଭଞ୍ଜଙ୍କୁ କାଳ୍ପନିକ କବି ବୋଲି କୁହନ୍ତି । ତାଙ୍କର ରଚିତ କାବ୍ୟ ପାଣ୍ଡିତ୍ୟର କଷଟି ପଥର ରୂପେ ପରିଚିତ । ପ୍ରତ୍ୟେକ କାବ୍ୟାରମ୍ଭରେ କବି ମଙ୍ଗଳାଚରଣ ମାଧ୍ୟମରେ ବିଶ୍ୱନିୟନ୍ତାଙ୍କୁ ବନ୍ଦନା ଜଣାଇଛନ୍ତି । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀରେ ଦାରୁବ୍ରହ୍ମ, ସୁଭଦ୍ରା ପରିଣୟରେ ଜଗନ୍ନାଥ, ଲାବଣ୍ୟବତୀରେ ରାମ, ପର୍ଶୁରାମ, ବଳରାମ, ବୈଦେହୀଶ ବିଳାସରେ ବିଷ୍ଣୁ, ସୂର୍ଯ୍ୟ, ଶିବ, ଓ ଜଗନ୍ନାଥଙ୍କୁ ବନ୍ଦନା କରି ନିଜର ଆଧାତ୍ମିକତାର ପରିଚୟ ପ୍ରଦାନ କରିଛନ୍ତି । ଶୈଶବ, କିଶୋର ଅବସ୍ଥାରେ ନାରୀର ସୌନ୍ଦର୍ଯ୍ୟ ସହ ପ୍ରକୃତିର ବର୍ଣ୍ଣନାକୁ କାବ୍ୟ ଲକ୍ଷଣରେ ଅଳଙ୍କୃତ କରି ଓଡ଼ିଆ ସାହିତ୍ୟକୁ ଉଚ୍ଚକୁ ନେଇଛନ୍ତି । କବିଙ୍କର କାବ୍ୟ ରଚନାର ସ୍ୱତନ୍ତ୍ରତା ରହିଛି । କାବ୍ୟ ଗୁଡ଼ିକରେ ଋତୁ ବର୍ଣ୍ଣନା, ନାୟିକାର ରୂପ ବର୍ଣ୍ଣନା, ସାଗରର କାଳ୍ପନିକ ବର୍ଣ୍ଣନାରେ ସେ ଥିଲେ ସିଦ୍ଧହସ୍ତ । ଅସାଧାରଣ ଶବ୍ଦ ପାଣ୍ଡିତ୍ୟର ଅଧିକାରୀ ଭାବେ ଧ୍ୱନୀ, ଅକ୍ଷର ଓ ଶବ୍ଦର ସାଗରକୁ ଜୟ କରିଛନ୍ତି । ଶବ୍ଦର ଯାଦୁକର ଭାବେ ଶବ୍ଦର ଯାଦୁ ପ୍ରଦର୍ଶନ ପାଇଁ ଅନୁପ୍ରାସ, ଶେଷଯୁଦ୍ଧ, ଶ୍ଳେଷ, ଯମକ, ତ୍ରିଭଙ୍ଗା, ଚ୍ୟୁତାକ୍ଷର, ଅବନା,ଏକାକ୍ଷର, ନିରୋଷ୍ଠକ ଆଦିର ପ୍ରୟୋଗ କରି ନିଜର ଅଦ୍ଭୁତ କବି ପ୍ରତିଭାର ପରିଚୟ ଦେଇଛନ୍ତି । ରୀତିଯୁଗରେ ଅନେକ କାବ୍ୟ ରଚନା କରାଯାଇଥିଲେ ମଧ ବୈଚିତ୍ରତା ଦୃଷ୍ଟିରୁ ଭଞ୍ଜ ସାହିତ୍ୟର କୃତିତ୍ୱ ଶ୍ରେଷ୍ଠ ଏଥିରେ ଦ୍ୱିମତ ନାହିଁ ।


ଅଧ୍ୟାପକ, ବାଣିଜ୍ୟ ବିଭାଗ
କଟକ





### ସୋରିଷ ଫୁଲ

**ଜୟନ୍ତ କୁମାର ମଲ୍ଲିକ୍**



ସୋରିଷ ଫୁଲରେ ସୋରିଷ ଫୁଲ
ମନ ହୁଏ ତୋତେ କରିବି ଗେଲ ।
ତୋ ହଳଦୀ ମଖା ଦେହକୁ ଦେଖି
ମନ ମୋର ଯାଏ ତୋଠାରେ ଲାଖି ।
ହସରେ ହସରେ କିଣୁ ତୁ ମନ
ଈର୍ଷା କରେ ତୋତେ ପୁନେଇଁ ଜହ୍ନ ।
ମାଣବସା ବେଳେ ପଡୁ ତୁ ଲୋଡ଼ା
ତୋର ଶସ୍ୟ ହୁଏ ଘଣାରେ ପେଡ଼ା ।
ତୋ ପାଇଁ ମିଳଇ ସୋରିଷ ତେଲ
ସ୍ୱାସ୍ଥ୍ୟ ପାଇଁ ଯାହା ଅଟଇ ଭଲ ।
ତୋ ପ୍ରେମରେ ପଡ଼ି ପରାଜାପତି
ପାଗଳ ପରାୟେ ଧାଏଁତ ନିତି ।
ମହୁମାଛି ସାଥେ ଭ୍ରମର ଆସି
ତୋ ମିଠା ରସକୁ ନିଅନ୍ତି ଶୋଷି ।
ପ୍ରକୃତି ରାଣୀର ତୁ ମଥାମଣି
ଯେମିତି ଚାହାଣୀ ସେମିତି ଠାଣି ।


ଶୂରଡିହ,ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭


### ଏମିତିକା ତୁମେ...

**ନିରଞ୍ଜନ ସାହୁ**



ଗ୍ରୀଷମ ଆସିଲେ ପଣା ସଙ୍କରାନ୍ତି
ଚଉଁରାରେ ବାନ୍ଧ ଠେକି
ଅକ୍ଷୟ ତୃତୀୟା ମୁଠି ଅନୁକୂଳେ
ଅକ୍ଷୀ ମୁଠି ଦିଅ ଟେକି ।

ଜ୍ୟେଷ୍ଠ ଆସିଗଲେ ସାବିତ୍ରୀ ନିମିତ୍ତ
ଫଳମୂଳ ଆଣି ଦିଅ
ରଜ ପହଁଚିଲେ ରଜ ମହୋତ୍ସବ
ବୁଲାଇବା ପାଇଁ ନିଅ
ଆଷାଢ଼ ଆସିଲେ ଶିରୀକ୍ଷେତ୍ର ଯାଅ
ମୋତେ ବନାଇକି ବୋକୀ ।

ଶ୍ରାବଣ ଆସିଲେ କାଉଡ଼ିଆ ସାଜି
ଜଳଭାର ନେଇ ଯାଅ
ଭାଦ୍ରବ ଆସିଲେ ଗଣେଶ ପୂଜାରେ
ମନ ଦେଇ ମାତି ଥାଅ
ଆଶ୍ୱିନ ଆସିଲେ ଦେବୀ ଦେଖିଯାଅ
ଘରକୋଣେ ମୋତେ ରୋକି ।

କାର୍ତ୍ତିକ ଆସିଲେ ଦୀପାବଳି ହେଲେ
ଫୁଟା ଜାତି ଜାତି ବାଣ
ମାର୍ଗଶିରେ ତୁମେ ଧାନ କାଟିଦେଇ
ଖଳାକୁ ତ ହଳା ଆଣ
ପୌଷ ଆସିଗଲେ ନିଆଁ ପାଖେ ବସ
ଶୀତବସ୍ତ୍ର ଦେହେ ଢାକି ।

ମାଘ ଆସିଗଲେ ଶ୍ରୀପଞ୍ଚମୀ ହେଲେ
ଶାରଳା ପୀଠକୁ ଯାଅ
ଫଗୁଣ ଆସିଲେ ଅବିର ହସିଲେ
ଫଗୁଖେଳେ ସୁଖ ପାଅ
ଚଇତ୍ର ଆସିଲେ ମଇତ୍ର ସାଥିରେ
ଖେଳୁଥାଅ ଶୂନଛକି ।
ଝଅଅଅଅଝ


ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩


### ବ୍ୟର୍ଥ ଆଇନ

**ଦେବେନ୍ଦ୍ରନାଥ ମହାଳିକ**

କରୋନା ଦାଉରୁ ରକ୍ଷା ପାଇବାକୁ
ସରକାର କଲେ କେତେ ନିୟମ
ମାସ୍କପିନ୍ଧିବ ଦୂରତା ରଖିବ
ନ ହେବ କେଉଁଠି ବଂଧୁ ମିଳନ

ତୀର୍ଥରେ ଭକ୍ତଙ୍କ ଭିଡ଼ କମିଗଲା
ମନ୍ଦିର ଦୁଆରେ ପଡିଲା ତାଲା
ଦର୍ଶନୀୟ ସ୍ଥାନ ଦେଖିବା ପାଇଁକି
ସବୁ ବାଟଘାଟ ବଂଦ ହେଲା

ଆଇନ୍ ରହିଲା ଆଇନ୍ ବାଟରେ
ନିୟମ ରହିଲା ଫାଇଲ୍ ତଳେ
ସାଧାରଣ ଭକ୍ତ ହେଲେ ନିଷ୍ପେସିତ
ମୁହଁ ଗୁଞ୍ଜି କନ୍ଥା କମଳ ତଳେ

ସତ ଇଛାଥାଇ ଯାଇପାରିଲେନି
ଦେଖିପାରିଲେନି ଦିଅଁଙ୍କୁ ଥରେ
ଆକୁଳରେ ପ୍ରାଣ ବିକଳ ହୁଅଇ
ନୟନରୁ ବାରି ନିରତେ ଝରେ

କଟକଣା ଯେବେ କୋହଳ ହୋଇଲା
ଭକତ ଧାଇଁଲେ ଦିଅଁ ଦର୍ଶନେ
ବାଧା ଦେଲେ ତାଙ୍କୁ ଆଇନ୍ ରକ୍ଷକ
ସ୍ୱାଧୀନ ଦେଶର ପୋଲିସ ମାନେ

ଲାଠିକୁ ଦେଖାଇ ଧମକ ଦେଇସେ
ବାହୁଡାଇ ଦ୍ୟନ୍ତି ଭକତ ଜନେ
ନେତାମନ୍ତ୍ରୀଙ୍କୁ ସେ ନିଅନ୍ତି ପାଛୋଟି
ଏହା ଲେଖା ଅଛିକିବା ବିଧାନେ

ହୁଅନ୍ତୁ ସେ ମନ୍ତ୍ରୀ ହୁଅନ୍ତୁ ସେ ଯନ୍ତ୍ରୀ
ଅବା ପୋଲିସିର ପଦସ୍ଥ କେହି
ସ୍ୱାଧୀନ ଦେଶର ସଭିଏଁ ସମାନ
ଆଇନ୍ ସମାନ ସଭିଙ୍କ ପାଇଁ

ଏଇତ ସ୍ୱାଧୀନ ଭାରତ ବରଷ
ଆଇନ୍ କାହିଁକି ଦୁଇଟା ଏଠି
ବଡ ବଡିଆଙ୍କୁ ହଜାରେ ସଲାମ
ଗରିବ କାହିଁକି ଖଟନ୍ତି ବେଠି

ଗରିବଙ୍କ ପାଇଁ ସବୁ କଟକଣା
ଧନୀକଙ୍କ ପାଇଁ ଖୁଲମ ଖୁଲା
ତୀର୍ଥରୁ ମନ୍ଦିର ପର୍ଯ୍ୟଟନ ସ୍ଥଳୀ
ଭୋଜି ଭାତେ ଭାରି ତାଙ୍କରି ପଲା

ଅନ୍ଧସରକାର ନଜର ପଡୁନି
ପ୍ରଶାସନର ଏ ପକ୍ଷପାତି
କେବଳ କରୋନା କଟକଣା ନୁହେଁ
ସବୁଠାରେ ଭରା ତାଙ୍କ ଦୁର୍ନିତୀ

ସରକାରଙ୍କର ସରଳତା ନେଇ
ଦେଖାନ୍ତି ବହୋପ ଲୋକଙ୍କ ପରେ
ସେ ଜେଣୁ ଅଟନ୍ତି ଶିବଙ୍କର ସାପ
ଗରୁଡ଼ ବି ଏଠି ଭୟରେ ଥରେ

ଧୃତରାଷ୍ଟ୍ର ସାଜି ସରକାର ବସିଚି
ଆଇନ୍ ଆଖିରେ ଅନ୍ଧ ପୁଟୁଳି
ପ୍ରଶାସନ ଏଠି ମହାବଳ ବାଘ
ଜନତା ସକଳେ ଅଟନ୍ତି ଛେଳି
ଝଅଅଅଅଅଝ


ସା ପୋ-ମଙ୍ଗଳପୁର
ଥାନା ତିହିଡି, ଜିଲ୍ଲା ଭଦ୍ରକ




# ନିରାମିଷାଶୀ ହୋଇ ବିଜ୍ଞାପନ ପାଇଁ ଆମିଷ ଖାଇବାର ଟ୍ରୋଲ ହେଲେ ରଶ୍ମିକା





ବିବାଦରେ ସାଉଥ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଦନା। ନିରାମିଷାଶୀ ହୋଇ ବିଜ୍ଞାପନ ପାଇଁ ଆମିଷ ଖାଇବାରୁ ରଶ୍ମିକାଙ୍କୁ ଏବେ ଟ୍ରୋଲ କରାଯାଉଛି। ରଶ୍ମିକା ମାକଡୋନାଲ୍ଡର ଏକ ବିଜ୍ଞାପନରେ ନଜର ଆସୁଥିବା ବେଳେ ଏଥିରେ ସେ ଫ୍ରାଏଡ ଚିକେନ ସହ ଚିକେନ ବର୍ଗର ଖାଉଥିବା ଦେଖିବାକୁ ମିଳିଛି। ଏହି ବିଜ୍ଞାପନର ଭିଡିଓ ଇନଷ୍ଟାରେ ସେୟାର କରାଯିବା ପରେ ଏବେ ତାଙ୍କୁ ଟ୍ରୋଲ କରୁଛନ୍ତି ଲୋକେ। ଆମିଷ ଖାଇବାରେ କିଛି ସମସ୍ୟା ନାହିଁ, ହେଲେ ମିଛ କହି ଆମିଷ ଖାଇବାରେ ସମସ୍ୟା ଅଛି ବୋଲି କହି ଲୋକେ ରଶ୍ମିକାଙ୍କୁ ଟ୍ରୋଲ କରୁଛନ୍ତି। ସୂଚନା ମୁତାବକ, କିଛି ବର୍ଷ ତଳେ ରଶ୍ମିକା ଏକ ସାକ୍ଷାତକାରରେ କହିଥିଲେ ଯେ ସେ ନିରାମିଷାଶୀ। ହେଲେ ଏବେ ତାଙ୍କୁ ଆମିଷ ଖାଉଥିବାର ଦେଖି ଅଭିନେତ୍ରୀ ଦର୍ଶକଙ୍କୁ ବୋକା ବନାଇବାକୁ ଚାହୁଁଥିବା କହିଛନ୍ତି ଲୋକେ। ଜଣେ ଇନଷ୍ଟା ବ୍ୟବହାରକାରୀ ଲେଖିଛନ୍ତି ଯେ, ଏହି କାରଣରୁ ଆମେ ରଶ୍ମିକାଙ୍କୁ ପସନ୍ଦ କରୁନାହୁଁ। ସେ ଏଠି ଗୋଟିଏ କଥା କହିଲେ ଅନ୍ୟ ସ୍ଥାନରେ ଆଉ ଗୋଟିଏ କଥା କୁହନ୍ତି। ଅନ୍ୟ ଜଣେ ଇନଷ୍ଟା ବ୍ୟବହାରକାରୀ ଲେଖିଛନ୍ତି, ଦର୍ଶକଙ୍କୁ ବୋକା ବନାଇବା ବନ୍ଦ କର। ତେବେ ଟ୍ରୋଲିଂ ମଧ୍ୟରେ କିଛି ତାଙ୍କୁ ସମର୍ଥନ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ରଶ୍ମିକାଙ୍କୁ ସମର୍ଥନ କରି ଜଣେ ବ୍ୟବହାରକାରୀ ଲେଖିଛନ୍ତି, ସେଇଟା ପୁରୁଣା ସାକ୍ଷାତକାର ଥିଲା। ସେତେବେଳେ ସେ ବୋଧେ ନିରାମିଷାଶୀ ଥିବେ ହେଲେ ଏବେ ବୋଧହୁଏ ଅମିଷ ଖାଉଥିବେ। ତେବେ ବିଜ୍ଞାପନଙ୍କୁ ନେଇ ଟ୍ରୋଲ କରାଯାଉଥିଲେ ବି ରଶ୍ମିକା ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

# ଟ୍ରେଲର ରିଲିଜରେ ରେକର୍ଡ କଲା 'ଆଦିପୁରୁଷ'



'ବାହୁବଳୀ' ଫେମ୍ ତଥା ସାଉଥ ସୁପରଷ୍ଟାର ପ୍ରଭାସଙ୍କ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ଆଦିପୁରୁଷ'ର ଟ୍ରେଲର ମଙ୍ଗଳବାର ରିଲିଜ ହୋଇଛି। ପୂର୍ବରୁ 'ଆଦିପୁରୁଷ'ର ପୋଷ୍ଟରକୁ ନେଇ ବିବାଦ ଲାଗି ରହିଥିବା ବେଳେ ଶେଷରେ ଟ୍ରେଲରଟି ରିଲିଜ ହୋଇଛି। 'ରାମାୟଣ'ର ପୃଷ୍ଠଭୂମିକୁ ନେଇ ଏହି ଫିଲ୍ମ ନିର୍ମିତ ହୋଇଛି। 'ଆଦିପୁରୁଷ' ଚଳଚ୍ଚିତ୍ରରେ ଦର୍ଶକ ରାମାୟଣର କାହାଣୀକୁ ବଡ଼ ପରଦାରେ ଦେଖିବାକୁ ପାଇବେ। ଟ୍ରେଲର ଟି-ସିରିଜର ଅଫିସିଆଲ ୟୁଟ୍ୟୁବ ଚ୍ୟାନାଲରେ ରିଲିଜ ହୋଇଛି। ତେବେ ଟ୍ରେଲର ରିଲିଜ ହେବାର କିଛି ଘଣ୍ଟା ମଧ୍ୟରେ କୋଟି କୋଟି ଲୋକ ଏହାକୁ ପସନ୍ଦ କରିଛନ୍ତି । ଏପରିକି ଫିଲ୍ମର ଟ୍ରେଲରକୁ ନେଇ ସୋଶାଲ ମିଡ଼ିଆରେ ମଧ୍ୟ ଜୋରଦାର ଚର୍ଚ୍ଚା ହେଉଛି। 'ଆଦିପୁରୁଷ' ଚଳଚ୍ଚିତ୍ରରେ ସାଉଥ ଅଭିନେତା ପ୍ରଭାସଙ୍କ ସହିତ କ୍ରିତି ସାନନ, ସୈଫ ଅଲି ଖାନ ଏବଂ ସନ୍ନି ସିଂ ମୁଖ୍ୟ ଭୂମିକାରେ ନଜର ଆସିବେ। ପୂର୍ବରୁ ରିଲିଜ ହୋଇଥିବା ଟିଜରରେ ରାବଣ ଭୂମିକାରେ ଅଭିନୟ କରୁଥିବା ସୈଫ ଅଲି ଖାନଙ୍କ ଲୁକ୍‌କୁ ନେଇ ବିବାଦ ଦେଖାଦେଇଥିଲା। 'ଆଦିପୁରୁଷ' ଚଳଚ୍ଚିତ୍ର ଚଳିତ ବର୍ଷ ଜୁନ୍ ୧୬ ତାରିଖରେ ରିଲିଜ୍ ହେବ। ଫିଲ୍ମର ନିର୍ଦ୍ଦେଶନା ଓମ୍ ରାଉତ ଦେଇଛନ୍ତି। ଟି-ସିରିଜ୍ ମୁଖ୍ୟ ଭୂଷଣ କୁମାର, ଓମ୍ ରାଉତ, କୃଷ୍ଣ କୁମାର, ପ୍ରସାଦ ସୁତାର ଓ ରାଜେଶ ନାୟର ଏହାର ପ୍ରଯୋଜନା କରିଛନ୍ତି। ହିନ୍ଦୀ, ତେଲୁଗୁ, ତାମିଲ ସମେତ ବିଭିନ୍ନ ଭାଷାରେ ସିନେମା ଜୁନ୍ ୧୬ରେ ସାରା ବିଶ୍ୱରେ ରିଲିଜ୍ ହେବ। ୫୦୦ କୋଟିରେ ନିର୍ମିତ 'ଆଦିପୁରୁଷ'ରେ ଆଉ ୧୦୦ କୋଟି ବିନିଯୋଗ କରାଯାଇ ଠରଢକୁ ବଦଳା ଯାଇଥିଲା। ହଲିଉଡ ଫିଲ୍ମ ଶୈଳୀରେ ପ୍ରସ୍ତୁତ ହୋଇଛି ଏହି ବିଗ ବଜେଟ୍ ଫିଲ୍ମ।



## ସଲମାନ ଖାନଙ୍କୁ ଧମକପୂର୍ଣ୍ଣ ଇ-ମେଲ ପଠାଇବା ପଛରେ ବ୍ରିଟେନରେ ଥିବା ଭାରତୀୟ ଛାତ୍ର

ବଲିଉଡର ଭାଇଜାନ ସଲମାନ ଖାନଙ୍କୁ ବ୍ରିଟେନରେ ରହୁଥିବା ଜଣେ ଭାରତୀୟ ଛାତ୍ର ଧମକପୂର୍ଣ୍ଣ ଇ-ମେଲ ପଠାଇଛନ୍ତି। ଏହି ଛାତ୍ର ଜଣଙ୍କ ସେଠାରେ ମେଡିକାଲ ପାଠ ପଢୁଛନ୍ତି। ତେବେ ସେଠାରୁ ସେ ସଲମାନଙ୍କୁ ଧମକପୂର୍ଣ୍ଣ ଇ-ମେଲ ପଠାଇଥିବା ମୁମ୍ବାଇ ପୁଲିସ୍ ଜାଣିବାକୁ ପାଇଛି। ଏଥିପାଇଁ ମୁମ୍ବାଇ ପୁଲିସ୍ ତାଙ୍କ ନାଁରେ ଲୁକ ଆଉଟ ସର୍କ୍ୟୁଲାର ବା ଏଲଓସି ଜାରି କରିଛି। ଜଣେ ଅଧିକାରୀ କହିଛନ୍ତି ଯେ ଛାତ୍ର ଜଣଙ୍କୁ ଚିହ୍ନଟ କରାଯାଇଛି। ତାଙ୍କୁ ଭାରତ ଆଣିବା ପାଇଁ ସବୁ ପ୍ରକାରର ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯାଇଛି। ସେ କ'ଣ ପାଇଁ ଓ କେଉଁ ପରିସ୍ଥିତିରେ ଏପରି ଧମକପୂର୍ଣ୍ଣ ଇ-ମେଲ ସଲମାନ ଖାନଙ୍କ ପାଖକୁ ପଠାଇଥିଲେ, ସେକଥା ଜାଣିବା ପାଇଁ ପ୍ରୟାସ କରାଯାଉଛି। ଛାତ୍ର ଜଣଙ୍କ ଘର ହେଉଛି ଭାରତର ହରିଆଣାରେ। ସେ ମେଡିକାଲ ପାଠକ୍ରମର ତୃତୀୟ ବର୍ଷ ଛାତ୍ର। ଏହାପରେ ସେ ଭାରତ ଫେରିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ଛାତ୍ର ଜଣଙ୍କ ମାର୍ଚ୍ଚ ମାସରେ ଗ୍ୟାଙ୍ଗଷ୍ଟର ଗୋଲ୍ଡୀ ବ୍ରାର ନାଁରେ ସଲମାନ ଖାନଙ୍କୁ ଧମକପୂର୍ଣ୍ଣ ଇ-ମେଲ ପଠାଇଥିବା ପୁଲିସ୍ କହିଛି। କିଛି ଦିନ ତଳେ ସଲମାନ ଖାନଙ୍କ ପାଖରୁ ଗୋଟିଏ ଇ-ମେଲ ଆସିଥିଲା। ଏଥିରେ ତାଙ୍କୁ ଜେଲରେ ଥିବା ଲରେନ୍ସ ବିଷ୍ଣୋଇର ସହଯୋଗୀ ଗୋଲ୍ଡୀ ବ୍ରାରକୁ ଦେଖା କରି ସେମାନଙ୍କ ମଧ୍ୟରେ ଥିବା ବିବାଦକୁ ସବୁଦିନ ପାଇଁ ଶେଷ କରିବାକୁ କୁହାଯାଇଥିଲା।

# ପଞ୍ଚମ ଦିନରେ 'ଦ କେରଳ ଷ୍ଟୋରି': ବକ୍ସ ଅଫିସ୍ କଲେକ୍ସନ ୫୬ କୋଟି ଟପିଲା




ଅଦାହ ଶର୍ମାଙ୍କ ଅଭିନୀତ ଚଳଚ୍ଚିତ୍ର 'ଦ କେରଳ ଷ୍ଟୋରି'ର ବକ୍ସ ଅଫିସ ପ୍ରଦର୍ଶନ ସମସ୍ତଙ୍କୁ ଚକିତ କରିଦେଇଛି। ୨୦୨୩ରେ ରିଲିଜ ହୋଇଥିବା ଅନେକ ଲୋକପ୍ରିୟ ଚଳଚ୍ଚିତ୍ରକୁ ଏହା ପଛରେ ପକାଇ ଦେଇଛି। ସୁଦୀପ୍ତ ସେନଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ବକ୍ସ ଅଫିସରେ ମଙ୍ଗଳବାର ପଞ୍ଚମ ଦିନରେ ପଦାର୍ପଣ କରିଛି। ଏକ ସପ୍ତାହରୁ କମ୍ ଦିନରେ ଏହାର ରାଜସ୍ୱ ସଂଗ୍ରହ ୫୦ କୋଟିର ମାଇଲଷ୍ଟୋନ ଅତିକ୍ରମ କରିଛି। ମେ ୧୨ରେ ୩୭ଟି ରାଷ୍ଟ୍ରରେ ଏହା ରିଲିଜ ହେବ ବୋଲି ସୂଚନା ମିଳିଛି। ଖବର ଅନୁସାରେ ମଙ୍ଗଳବାର ଏହି ଚଳଚ୍ଚିତ୍ର ପ୍ରଦର୍ଶନରୁ ୧୧ କୋଟି ଟଙ୍କା ଆଦାୟ ହେବା ପରେ ୫ ଦିନରେ ମୋଟ ଆଦାୟ ୫୬.୭୨ କୋଟିରେ ପହଞ୍ଚିଥିଲା। ଚତୁର୍ଥ ଦିନ ଅପେକ୍ଷା ପଞ୍ଚମ ଦିନରେ ସାମାନ୍ୟ ଅଧିକ ଆୟ ହୋଇଥିଲା। ସୋମବାର ପର୍ଯ୍ୟନ୍ତ ପୂର୍ବ ୪ ଦିନର ସଂଗ୍ରହ ଥିଲା ଯଥାକ୍ରମେ ୮.୦୩ କୋଟି, ୧୧.୨୨ କୋଟି, ୧୬.୪୦ କୋଟି ଓ ୧୦.୦୭ କୋଟି ଟଙ୍କା। ଏହି ଚଳଚ୍ଚିତ୍ରକୁ ନେଇ ଜୋରଦାର ବିବାଦ ଉଠିବାରୁ ଏହାକୁ ଦେଖିବା ପାଇଁ ଲୋକଙ୍କ ଆଗ୍ରହ ବୃଦ୍ଧି ପାଇଛି। ଟିକେଟ କାଉଣ୍ଟରଗୁଡ଼ିକରେ ଭିଡ଼ ଜମୁଥିଲେ ମଧ୍ୟ ୨୦୨୨ର ବିବାଦୀୟ ଚଳଚ୍ଚିତ୍ର ଦ କାଶ୍ମୀର ଫାଇଲ୍‌ସଠାରୁ ଏହା ପଛରେ ରହିଛି। ବିବେକ ଅଗ୍ନିହୋତ୍ରୀଙ୍କ ଦ କାଶ୍ମୀର ଫାଇଲ୍‌ସ ପ୍ରଥମ ଦିନ ୧୮ କୋଟି ଟଙ୍କା ଅର୍ଜନ କରିଥିଲା। କେରଳର ମହିଳାଙ୍କୁ ଲଭ୍ ଜିହାଦ ମାଧ୍ୟମରେ ବିବାହ ପରେ ଧର୍ମାନ୍ତରିତ କରି ଆଇଏସ୍‌ଆଇଏସ୍ ଆତଙ୍କବାଦୀ ସଂଗଠନକୁ ଚାଲାଣ କରାଯାଉଥିବା ଅଭିଯୋଗକୁ ଭିତ୍ତି କରି ଦ କେରଳ ଷ୍ଟୋରି ଚଳଚ୍ଚିତ୍ରଟି ପ୍ରସ୍ତୁତ ହୋଇଛି। ତେବେ ଏହି ବିବାଦୀୟ ଚଳଚ୍ଚିତ୍ରକୁ ପଶ୍ଚିମବଙ୍ଗରେ ନିଷିଦ୍ଧ କରାଯାଇଥିବା ବେଳେ ମଙ୍ଗଳବାର ଉତ୍ତରପ୍ରଦେଶ ସରକାର ଏହାକୁ ଟିକସମୁକ୍ତ ଘୋଷଣା କରିଛନ୍ତି। ପୂର୍ବରୁ ମଧ୍ୟପ୍ରଦେଶ ସରକାର ମଧ୍ୟ ଏହାକୁ ଟିକସମୁକ୍ତ କରିଥିଲେ। ତେବେ ଦ କେରଳ ଷ୍ଟୋରି ୫ ଦିନରେ ୫୦ କୋଟି ସଂଗ୍ରହର ସୀମା ଟପିଥିବା ବେଳେ ଅଜୟ ଦେବଗନଙ୍କ ଭୋଲା ଗୋଟିଏ ସପ୍ତାହରେ ଏହି ମାଇଲଷ୍ଟୋନ ଅତିକ୍ରମ କରିଥିଲା। ଅକ୍ଷୟ କୁମାରଙ୍କ ସେଲ୍‌ଫିର ଲାଇଫ୍‌ଟାଇମ୍ କଲେକ୍ସନ (୧୬.୮୫ କୋଟି) ଓ କାର୍ତ୍ତିକ ଆର୍ୟ୍ୟନଙ୍କ ଶେହଜାଦାର ସଂଗ୍ରହ (୩୨.୨୦ କୋଟି) ଏକାଠି ମିଶିଲେ ବି ଦ କେରଳ ଷ୍ଟୋରିର ୫ ଦିନର ସଂଗ୍ରହଠାରୁ କମ୍ ରହୁଛି।

## ମୁହଁ ଖୋଲିଲେ ନୱାଜ

ବଲିଉଡର ଜଣେ ଆଗଧାଡିର ଅଭିନେତା ନୱାଜୁଦ୍ଦିନ ସିଦ୍ଦିକି ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ପୁଣି ଚର୍ଚ୍ଚାରେ ଆସିଛନ୍ତି। ଏହି ଅଭିନେତା



ତାଙ୍କ ପତ୍ନୀ ଆଲିଆ ସିଦ୍ଦିକିଙ୍କ ସହ ବିବାଦ ଘେରରେ ରହିଛନ୍ତି । ଆଲିଆ ସର୍ବସାଧାରଣରେ ନୱାଜଙ୍କ ବିରୋଧରେ ଅନେକ ଅଭିଯୋଗ କରିଥିଲେ। ଯଦିଓ ନୱାଜୁଦ୍ଦିନ ଏହି ଅଭିଯୋଗ ଉପରେ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି ଏବଂ କେବଳ କହିଛନ୍ତି ଯେ ସେ ତାଙ୍କ ପିଲାମାନଙ୍କର ଭବିଷ୍ୟତ ଏବଂ ସେମାନଙ୍କ ଅଧ୍ୟୟନ ପାଇଁ ଚିନ୍ତିତ ଅଛନ୍ତି। ନିକଟରେ ହୋଇଥିବା ଏକ ସାକ୍ଷାତକାରରେ ନୱାଜ କହିଛନ୍ତି ଯେ ତାଙ୍କର କୌଣସି ଅଭିଯୋଗ ନାହିଁ। ବର୍ତ୍ତମାନ ଗଣମାଧ୍ୟମକୁ



ଦିଆଯାଇଥିବା ଏକ ସାକ୍ଷାତକାରରେ ନୱାଜ କହିଛନ୍ତି ସେ କେବଳ ଚାହୁଁଛନ୍ତି ଯେ ତାଙ୍କ ପିଲାମାନେ ବିଦ୍ୟାଳୟକୁ ଯାଇ ଅଧ୍ୟୟନ କରନ୍ତୁ। ବର୍ତ୍ତମାନ ଏହା ଘଟିଛି ଏବଂ ସେ ଏଥିପାଇଁ ଭଗବାନଙ୍କୁ ଧନ୍ୟବାଦ ଦେଉଛନ୍ତି । ତେଣୁ, ତାଙ୍କର କୌଣସି ଅଭିଯୋଗ ନାହିଁ ଏବଂ ଜିନିଷଗୁଡ଼ିକ ଉପରେ ନକାରାତ୍ମକ ପ୍ରଭାବ ପକେଇବାକୁ ଚାହାଁନ୍ତି ନାହିଁ । ସାକ୍ଷାତକାର ସମୟରେ ନୱାଜ କହିଛନ୍ତି, 'ଗୁଜବ ସହିତ ତୁମେ କିଛି କରିପାରିବ ନାହିଁ। ଅତୀତରେ ଏହା ମଧ୍ୟ ଘଟିଛି ଯେ କେହି ଜାଣିଶୁଣି କାହାକୁ ଭିଲେନ୍ କରିବା ପାଇଁ ଗୁଜବ ପ୍ରଚାର କରାଯାଏ । ଯେଉଁଭଳି ଭାବରେ ଗୁଜବ ବ୍ୟାପିଥାଏ, ଅନ୍ୟମାନେ ନିଆଁରେ ଘିଅ ଢ଼ାଳିବା ଭଳି କାର୍ଯ୍ୟ କରିଥାନ୍ତି ଆଉ ଲୋକମାନେ ଏହାକୁ ବିଶ୍ୱାସ କରିବା ଆରମ୍ଭ କରନ୍ତି।

# ୧୯ ତାରିଖରେ ରିଲିଜ ହେବ ରାୟଗଡାରୁ ପ୍ରଯୋଜିତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ପଡ଼ିଗଲି ତୋ ପ୍ରେମରେ'




ରାୟଗଡ଼ା ଜିଲ୍ଲାର ବଛା ବଛା କଳାକାରଙ୍କୁ ନେଇ ପ୍ରଥମ ଥର ନିର୍ମିତ ହୋଇଥିବା ଓଡିଆ ସିନେମା 'ପଡିଗଲି ତୋ ପ୍ରେମରେ' ଆସନ୍ତା ୧୯ ତାରିଖରେ ରିଲିଜ ହେବା ନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ସିନେମାର ପ୍ରଯୋଜକ ଚିରଞ୍ଜୀବୀ ବେହେରା ପ୍ରକାଶ କରିଛନ୍ତି। ମା' ସର୍ବ ମଙ୍ଗଳା ପ୍ରଡକ୍ସନ ହାଉସର ଏହା ହେଉଛି ପ୍ରଥମ ଚଳଚ୍ଚିତ୍ର। ସ୍ଥାନୀୟ କଳାକାରଙ୍କୁ ନେଇ ନିର୍ମାଣ ହୋଇଥିବା ଏହି ଚଳଚ୍ଚିତ୍ର କୌଣସି ବଡ ଚଳଚ୍ଚିତ୍ର ଠାରୁ କମ୍ ନୁହେଁ ବୋଲି ପ୍ରଯୋଜକ ପ୍ରକାଶ କରିଥିଲେ। ଏହାର ନିର୍ଦ୍ଦେଶନା ୟସ ବର୍ମନ ପଣ୍ଡା ଦେଇଥିବା ବେଳେ ସଂଳାପ ଲେଖିଛନ୍ତି ଗୀତ ପ୍ରସାଦ ପାଣିଗ୍ରାହୀ, ଫାଇଟ ନିର୍ଦ୍ଦେଶନାରେ ଶ୍ରୀନିବାସ ହିମିରିକା ରହିଥିବା ବେଳେ ଗୀତ ସଂଯୋଜନା କରିଛନ୍ତି ସୌଭାଗ୍ୟ କୁମାର ସାମଲ।ଗୀତ ରଚନା କରିଛନ୍ତି ଡ.ନିର୍ମଳ ନାୟକ ଓ ଅରୁଣ କୁମାର ମନ୍ତ୍ରୀ। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି କେ.ଦେବୀ ପ୍ରସାଦ। ଗୀତ ଗାଇଛନ୍ତି ହ୍ୟୁମାନ ସାଗର,ସ୍ୱୟଂ ପ୍ରଭାସ ପାଢୀ,ଅସୀମା ପଣ୍ଡା,ଦୀପ୍ତିରେଖା ପାଢୀ ଏବଂ ଅମ୍ରିତ ନାୟକ। ଏହି ଚଳଚିତ୍ରର ଅଭିନେତାମାନେ ହେଲେ ଚିରଞ୍ଜୀବୀ ବେହେରା,ଆର୍ଚି ପ୍ରଧାନ,ଅବତାର ସିଂ,ରିଙ୍କୁ ରାଜଗୁରୁ,ଏମଡି ବବଲୁ,ଟୁନା ଟନ ଟନ,କାଳୀଚରଣ ରଥ,ମୋନାଲିସା ମିଶ୍ର,ତାନଭି ଆଗ୍ରୱାଲ୍ ପ୍ରମୁଖ ରହିଛନ୍ତି। ଫିଲ୍ମ ସଂପାଦନା କରିଛନ୍ତି ଅରୁଣ କୁମାର ପାଢୀ ରହିଛନ୍ତି।

# ଜାଲି ମୁଖାରେ ବନ୍ଦୀଶାଳା ଅନୁଭବ

ସର୍ବଦା ନିଜର ନଗ୍ନ ପୋଷାକ ପରିପାଟି ପାଇଁ ଦର୍ଶକମାନଙ୍କୁ ଚକିତ କରିବା ସହ ଖୁବ୍ ନକାରାତ୍ମକ ଟିପ୍ପଣୀର ଶିକାର ମଧ୍ୟ ହୋଇଥିବା ନଗାବତା ଅଭିନେତ୍ରୀ ଉର୍ଫି ଜାଭେଦ ଏବେ ସମାଲୋଚକମାନଙ୍କୁ ଭିନ୍ନ ପ୍ରକାର ଚ୍ୟାଲେଞ୍ଜ ଦେଇଛନ୍ତି। ମଙ୍ଗଳବାର ସେ ଏକ ନିଆରା ବେଶଭୂଷାରେ ପଦାକୁ ବାହାରି ଏପରି ଖୋଲା ଆହ୍ୱାନ ଆଣିଛନ୍ତି। ଅଣ୍ଟା ତଳକୁ ଏକ କଳା ଟ୍ରାଉଜର, ଦେହରେ ଏକ ଡୋରିବନ୍ଧା ଅଧା ଛାତିଲୁଚା ମୁଣ୍ଡଗଳା ସ୍ୱଚ୍ଛ ଟପ୍ ସାଙ୍ଗକୁ ମୁହଁ ଆଗରେ ଏକ ଜାଲି ମୁଖା ଲଗାଇ ସେ ଏପରି ଏକ ଦୁଃସାହସିକ ପଦକ୍ଷେପ ନେଇଛନ୍ତି। ତେବେ ତାଙ୍କର ଏପରି ବିକୃତ ବେଶକୁ ଦେଖି ପ୍ରଶ୍ନ ହେବାରୁ ପରିହାସରେ ଉକ୍ତ ଜାଲିକୁ ସେ ବନ୍ଦୀଶାଳାର ଲୁହାବାଡ଼ ସହ ତୁଳନା କରି କହିଛନ୍ତି, 'ମୁଁ ଏବେ ମୋର ନିଜସ୍ୱ ବନ୍ଦୀଶାଳାକୁ ସାଙ୍ଗରେ ଧରି ବୁଲୁଛି। ଯେଉଁମାନେ ମୋର ବେଶଭୂଷା ଦେଖି ମୋ ବିରୋଧରେ ମାମଲା ରୁଜୁ କରି ମୋତେ ଜେଲ୍ ପଠାଇବାକୁ ଚାହୁଛନ୍ତି, ସେଥିପ୍ରତି ମୋର ଜମା ପରବାୟ ନାହିଁ। କାରଣ ମୁଁ ତ ବରାବର ଜେଲ୍ ଭିତରେ ରହିଛି।' ତାଙ୍କର ଏହି ନୂଆ ଅବତାର ଦେଖି କିଛି ପ୍ରଶଂସକ ତାଙ୍କ ଦୁଃସାହସିକତାକୁ ତାରିଫ କରିଥିବା ବେଳେ ସମାଲୋଚକମାନେ ମଧ୍ୟ ତାଙ୍କ ବିଷୟରେ ଅଧିକ ଅରୁଚିକର ଟିପ୍ପଣୀ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଉର୍ଫି ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଛାଡ଼ିଥିବା ଫଟୋସମୂହରେ ତାଙ୍କର ଅନ୍ୟ ଏକ ଭିନ୍ନ ପୋଷାକ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଛି। ସେଥିରେ ସେ ଚୁଇଂ ଗମ୍‌ରେ ପ୍ରସ୍ତୁତ ଏକ ଟପ୍ ପିନ୍ଧି ଚର୍ଚ୍ଚାରେ ରହିଛନ୍ତି। ଏପରିକି ନିଜ ପୋଷାକକୁ ଅଧିକ ଜୀବନ୍ତ କରିବା ପାଇଁ ସେ ଏକ ବବଲ୍ ଗମ୍‌କୁ ମଧ୍ୟ ଫୁଲାଇ ଫୁଟାଉଥିବାର ଦୃଶ୍ୟ ଛାଡ଼ିଛନ୍ତି। ତେବେ ତାଙ୍କର ଏପରି ନିଆରା ସୃଜନଶୀଳତାକୁ ଅନେକ ପ୍ରଶଂସା କରିଛନ୍ତି।



# ଖୋର୍ଦ୍ଧା ସହରରେ ଦୁଇ ଚକିଆ ବାଇକ୍, ସ୍କୁଟି ଓ ସାଇକେଲ ଚୋରି ବୃଦ୍ଧି : ଲୋକ ହତାଶ

ଖୋର୍ଦ୍ଧା , ୧୦/୦୫ (ନି.ପ୍ର): ଖୋର୍ଦ୍ଧା ସହର ଭିତରେ ବାଇକ ସାଇକେଲ ଚୋରୀ ହୋଇଛି ।ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ପାଖ ଗାନ୍ଧି ପଡିଆ , ଗାନ୍ଧୀନଗର, ପ୍ରଥମ ଗଳିରେ ଥିବା ଡିଓସେପ୍ଟ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରରୁ ଜଣେ ଛାତ୍ର ବାଇକ ଗ୍ଲାମର, ରଙ୍ଗ ନାଲି, ଗାଡି ଭକ୍ଟ.ଙଉ.୦୨ଡ୨୧୩୪, ଗାଡ଼ି ମାଲିକ ରାଘବ କିଶୋର ଜେନା। ଗ୍ରାମ ଦଳେଇ ପୁଟ, ମୋବାଇଲ ୭୯୭୩୯୫୪୦୪୬ । ଏହା ବେତିତ ପ୍ରାୟ ସବୁଦିନ ସାଇକେଲ ଚୋରୀ ହେଉଛି । ଏହି ଗାଡି ମାଲିକ ଖୋର୍ଦ୍ଧା ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ ପତ୍ର ଦାଖଲ କରିଛନ୍ତି । ମାତ୍ର ସାଇକେଲ ଚୋରୀ ଥାନା ବାବୁ କେଶ କରିବାକୁ ଅମଙ୍ଗ । ଖୋର୍ଦ୍ଧା ଆଦର୍ଶ ଥାନା ରଖୁ ନାହିଁ ଶୁଣି ବାକୁ ମିଳେ। ଗରିବ ଲୋକ ଓ ପିଲାଙ୍କ ସାଇକେଲ ଚୋରି ହେଲେ ହତାଶ ।କାରଣ ସାଇକେଲ ଦାମ ଏବେ ଦଶରୁ ବାର ହଜାରରୁ କମ ନୁହେଁ। ଏହି କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ପାଖରୁ ବର୍ଷକେ ବହୁବାର ମଟର ସାଇକେଲ, ସାଇକେଲ, ଘର ଭିତର ଓ ଘର୍ ପ୍ରୋଟିକୋ ରୁ ପାଚେରୀ ଡେଇଁ ଗେଟ ତାଲା ଭାଙ୍ଗି ଚୋର ଚୋରୀ କରୁଛନ୍ତି । ସିସିଟିଭିରୁ ଚୋର ଗତି ବିଦ୍ଧି ଜଣା ପଡିଲେ ମଧ, ଚୋର ମୁହଁରେ ମାକ୍ସ ମୁଣ୍ଡରେ ଟୋପି ଓ ଗାମୁଛା ଘୋଡାଇ ହୋଇ ଥିବାରୁ ଜଣା ଯାଉନାହିଁ। ଏହି ମାସରେ ଏହି ଗଳିରେ ପ୍ରଶାନ୍ତ ସାହୁ ଘର ମାଲିକ ଘରେ ଭଡା ଥିବା ଜଣେ ଫ୍ରିଜି ମେକାନିକ ଭଡ଼ାଘରୁ ତାଲା ରାତ୍ରୀରେ ଭାଂଗୀ ତାଙ୍କ କ୍ୟାଶ ବାକ୍ସ ରୁ ଟଂକା ଚୋରି କରି ନେଇଥିଲେ । ଉକ୍ତ ଘରେ ଭାଡ଼ାଟିଆ ନ ଥିଲେ, ଘର୍ ନମ୍ବର୍ ୧୪ ୱାର୍ଡ ନମ୍ବର୍ ୫ ଖୋର୍ଦ୍ଧା ପୌର ପରିଷଦ। ଏହି ଗଳିରେ ବହୁ ବାର ଚୋରି ହେଲାଣି , ମାତ୍ର ଲୋକେ କଣ ପାଇଁ ଇତଲା ଦେବେ କହିଛନ୍ତି। ଏକ ତ ଧନ ଗଲା ପୋଲିସ୍ ବାବୁ ଥାନାକୁ ଡକାଇ ବାରମ୍ୱାର ହଇରାଣ କରୁଛନ୍ତି ଓ ଘରକୁ ଆସି ପ୍ରଶ୍ନ ବାଣ ପଚାରିବା ସାର୍ ହେଉଛି କହୁଛନ୍ତି ।ଚୋର ଜଣା ଥିଲେ ଧରିବା ସକ୍ଷମ ନୁହେଁ ଲୋକେ କହୁଛନ୍ତି। ଶୁଣିବାକୁ ମିଳେ ଏହି ଚୋର ଦଳ ନେତା ସ୍ଥାନୀୟ ଜଟଣୀ ଥାନା ବେଣାପଞ୍ଜୁରି ଓ ଖୋର୍ଦ୍ଧା ଗାନ୍ଧୀ ପଡ଼ିଆ, ଗଡ ଖୋର୍ଦ୍ଧା ହାଉସୀଙ୍ଗ ବୋର୍ଡ଼ ଓ ବାହାରୁ ଆସି ବସ୍ତି ଅଂଚଳ ଭଡ଼ା ଥିବା କିଛି ଅସାଧୁ ପରିବାର ତାଙ୍କ ପିଲା ପାଇଁ ନିଶା ଖାଇବା ଦରକାର ଟଙ୍କା। ସବୁଦିନ ବାଇକ, ସାଇକେଲ, ଘର ଉପକରଣ ଚୋରୀ କରନ୍ତି ।ଖୋର୍ଦ୍ଧା ସହର ଅଫିସ, ପାର୍କ ଆଦିରୁ ସବୁଦିନ ଚୋରି ହେଉଛି। ଏହି ଚୋର ଦଳ ପ୍ରଥମେ କବାଡିଆ ଦୋକାନ ଦେବା ଶୁଣା ଯାଏ। ଏହି କବାଡ଼ିଆ ଦୋକାନୀ ଏହି ଚୋରା ଜିନିଷକୁ ତା ଦୋକାନ ନ ରଖି ବିଭିନ୍ନ ଯାଗାରେ ଘର ଭଡ଼ା ନେଇ ରଖନ୍ତି। ତାପରେ ଏହାକୁ ପାର୍ଟ ଖୋଲି ବିକନ୍ତୀ ଶୁଣିବାକୁ ମିଳେ। ଘରୋଇ ସରଜାମ ଶାଗ ମାଛ ଦରରେ ରଖି ତାହାକୁ ଉଚ ମୂଲ୍ୟରେ ବିକିବା ଶୁଣିବାକୁ ମିଳେ ।ଏହି କବାଡିଆ ମାସିକ ବଟି ,କିଛି ଅସାଧୁ ସ୍ଥାନୀୟ ପୋଲିସ ହାତରେ ରଖିଥିବା ଶୁଣା ଯାଏ। କିଛି କବଡିଆ ବେପରୁଆ ଭାବେ କହନ୍ତି ପୋଲିସ କଣ କରିବ ।ସେ କଣ ଭଲ ,ଲୋକ ଆମେ ଚୋର ନା କଣ । ପ୍ରତିମାସର ଆସନ୍ତି ଯାଆନ୍ତି। ଆମେ ଚୋରା ଜିନିଷ ରଖିଲେ ଡରିବୁ। ତେବେ ଏହି ଘରୋଇ ଉପକରଣ କଣ୍ ବାହାର ଡକାୟତ ଆସି ନେଇ ଯାଉଛନ୍ତି । ଏହି ,ପାଉ, ପାର୍ଟି ଏହି ବାଇକ, ସାଇକେଲ, ଘର ଉପକରଣ ଚୋରି କରି କାହାକୁ ଦିଅନ୍ତି ଆମ୍ ପୋଲିସ ତଦନ୍ତ କଲେ ଜାଣି ପାରିବେ। ଖୋର୍ଦ୍ଧା। ପୋଲିସ୍ ଯଦି ସିଭିଲ ଡ୍ରେସ ଜାଇ କିଛି କବାଡିଆ ଦୋକାନ ଓ କିଛି ଗାରେଜ୍ ମେକାନିକ କେଉଁଠି କେତୋଟି ଭଡା ଘର ନେଇଛନ୍ତି ଅନୁସନ୍ଧାନ କରି ପାରିଲେ ଏହି ଚୋର ଦଳ ଧରାହୋଇ ପାରିବେ। ଖୋର୍ଦ୍ଧାରେ ଏହି ଚୋରୀ ସବୁଦିନ ଘଟୁଛି। କିନ୍ତୁ ଗ୍ରାମ ମାନଙ୍କରେ ଏ ପ୍ରକାର ଚୋରି କମ । କାରଣ ଗ୍ରାମ ଭିତରେ ଅପରିଚିତ ଲୋକ ପଶିବା ସାହାସ ନାହିଁ। ସହର ବାସୀ କିପରି ହଇରାଣ ହୁଅନ୍ତି ସେମନେ ଜାଣନ୍ତି। ଯଦି ସହର ବାସୀ ନିଜ ଗଳିରେ ନିଜ ନିଜ ଭିତରେ ସମ୍ପର୍କ ରଖି ପାରନ୍ତେ ଚୋରି ହୁଅନ୍ତା ନାହିଁ।,ପୋଲିସକୁ ସାହାଯ୍ୟ କରିବେ ଚୋରି ହେବ ନାହିଁ ନିଶ୍ଚିତ ।ଏକା ପୋଲିସ କିଛି କରି ପାରିବ ନାହିଁ। ଲୋକଂକ ସଚେତନା ଦରକର। ସହରିଆ ଚାକିରୀଆ, ନେତା, ଧନି, ମାନୀ ଆଦି ନିଜ କୁ ନିଜେ ବଡ ଭାବି ସମ୍ପର୍କ ରଖନ୍ତି ନାହିଁ। ଏ ଘର ଲୋକ ସେ ଘର ଲୋକକୁ ଚିହ୍ନନ୍ତି ନାହିଁ। କି। ପଡୋଶୀ ସଙ୍ଗେ ମେଳ ନାହିଁ , ଚୋରୀ ହେବା ସ୍ୱାଭିକ କଥା।

# ବଡବିଲ ଗୁଳି କାଣ୍ଡ ତଦନ୍ତର ନୀରପେକ୍ଷତା ଉପରେ ଉଠିଲା ପ୍ରଶ୍ନ : ବଡବିଲ ପୌରାଧକ୍ଷଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବି

କେନ୍ଦୁଝର, ୧୧/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ବଡବିଲ ପୌରପାଳିକା ଅନ୍ତର୍ଗତ ୬ନମ୍ବର ୱାର୍ଡ ମନି ଟାୱାର ନିକଟରେ ଗତ ୧ତାରିଖ ସକାଳେ ଠିକାଦାର ସୁନିଲ ସିହ୍ନାଙ୍କୁ ଅତି ନିକଟରୁ ଗୁଳି କରି ହତ୍ୟା କରାଯିବା ଘଟଣା ରାଜ୍ୟରେ ଚାଂଚଲ୍ୟ ସୃଷ୍ଟି କରିଥିଲା । ମୃତକ ଭୋଳା ସିହ୍ନା ବଡବିଲ ପୌରାଧକ୍ଷ ଲକ୍ଷ୍ମଣ ମହାନ୍ତ(ଲାଲଟୁ)ଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଥିବା କୁହାଯାଉଥିବା ବେଳେ ଘଟଣାରେ ୪ଦିନ ପରେ ବଡବିଲ ପୋଲିସ ସିସିଟିଭି ଫୁଟେଜ ଆଧାରରେ ୨ଜଣ ଗିରଫ କରି କୋର୍ଟ ଚାଲାଣ କରିଛି । ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶୁଖବିନ୍ଦର କୌର ଓରଫ ରଜ୍ଜି ବଡବିଲ ପୌରାଧକ୍ଷଙ୍କ ଘନିଷ୍ଠ ସହଯୋଗୀ ଥିବା ବେଳେ ଲାଲଟୁ ମହାନ୍ତ ଏହି ୨ଜଣଙ୍କ ସହାୟତାରେ ରାଜନୀତି ଏବଂ ବ୍ୟବସାୟ କରି ଆସୁଥିବା କୁହାଯାଉଥିଲା। ଏହି ହତ୍ୟାକାଣ୍ଡ ପଛରେ ଖଣି ଅଂଚଳରେ କୋଟି କୋଟି ଟଙ୍କାର ବେଆଇନ ଚାନ୍ଦା ଆଦାୟ ଏକ କାରଣ ହୋଇପାରେ ବୋଲି ବିଜେପି ଅଭିଯୋଗ କରିଛି । ପୋଲିସର କହିବା ଅନୁଯାୟୀ ଲାଲଟୁ ମହାନ୍ତଙ୍କ ଠାରୁ ଚଳିବା ପାଇଁ ମହିଳା ଜଣକ ନିୟମିତ ଭାବେ ଆର୍ଥିକ ସହାୟତା ପାଉଥିଲେ । କିଛି ମାସ ହେବ ସେ ଆର୍ଥିକ ସହାୟତା ନ ପାଇବାରୁ ଏଥିପାଇଁ ଭୋଳାକୁ ଦାୟୀ କରିଥିଲା। ଏବଂ ଆକ୍ରୋଶମୂଳକ ଭାବେ ଭୋଳାକୁ ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ତେବେ ଏଭଳି ଘଟଣା ପଛରେ ଲାଲଟୁ ମହାନ୍ତଙ୍କ ଭୁମିକା ସନ୍ଦେହପୂର୍ଣ୍ଣ ଥିବାବେଳେ ପୋଲିସ ଏଯାବତ୍ ତାଙ୍କୁ ପଚରାଉଚୁରା ମଧ କରୁନଥିବାରୁ ପୋଲିସର ଭୂମିକାର ଉପରେ ସାଧାରଣରେ ସ୍ୱଭାବିକ ସନ୍ଦେହ ସୃଷ୍ଟି ହୋଇଛି । ବିଜେପି ପକ୍ଷରୁ ୮ତାରିଖ ଦିନର ପ୍ରେସ ମିଟରେ ନାଁ ନ ଧରି ଲାଲଟୁ ମହାନ୍ତଙ୍କୁ ଟାର୍ଗେଟ କରିଥିବାରୁ ଏହା ଶାସକ ବିଜୁ ଜନତା ଦଳକୁ ଅଡୁଆରେ ପକାଇଛି । ସୂଚନା ଯୋଗ୍ୟ ଯେ, ବଡବିଲ ଅଂଚଳରେ ଖଣି ବ୍ୟବସାୟକୁ ନେଇ ସବୁବେଳେ ବିବାଦ ଲାଗି ରହୁଛି । କମ୍ ପରିଶ୍ରମରେ ବହୁ ମାଫିଆ ଅଧିକ ଅର୍ଥ ଉପାର୍ଜନ କରି ରାତାରାତି କୋଟିପତି ବନିଛନ୍ତି । ଖଣି ଚୋରୀରେ ଶାସକ ଦଳର ବହୁ ନେତା ସଂଶ୍ଲିଷ୍ଟ ଥିବାରୁ ଏହି ଘଟଣାରେ ସେମାନେ ଚୁପ ବସିଥିବାବେଳେ ବିରୋଧି ସେଭଳି ଦୃଢତାର ସହ ବିରୋଧ କରୁନାହାଁନ୍ତି । ପ୍ରେସ ମିଟ କରି ବିଜେପି ଏଭଳି ସମ୍ବେଦଶୀଳ ଘଟଣାକୁ ହାଲୁକା ଭାବରେ ନେଉଛନ୍ତି । ଗିରଫ ହୋଇଥିବା ମହିଳା ଶୁଖବିନ୍ଦର କୌର ୪ ଲକ୍ଷ ୫୦ ହଜାର ଟଙ୍କା ସାକିର ହୁସେନଙ୍କୁ ଦେଇଥିବାବେଳେ ସେ ଭୋଳାକୁ ମାରିବା ପାଇଁ ଝାଡଖଣ୍ଡର ୨ଜଣ ସୁଟରଙ୍କୁ ସୁପାରୀ ଦେଇଥିବା ପୋଲିସ ତଦନ୍ତ ରୁ ଜାଣିବାକୁ ପାଇଛି ।

# ପ୍ରଧାନାଚାର୍ଯ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଖଇରା, ୧୦/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଅଧୀନ ବଳଭଦ୍ରପୁର ସ୍ଥିତ ଉପେନ୍ଦ୍ର ପ୍ରସାଦ ସଂସ୍କୃତ ବିଦ୍ୟାପୀଠର ପ୍ରଧାନଚାର୍ଯ୍ୟ କମଳାକାନ୍ତ ରାଉତଙ୍କୁ ବୁଧବାର ଦିନ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି,ଜିଲା ସଂସ୍କୃତ ମଣ୍ଡଳର ପ୍ରାକ୍ତନ ସମ୍ପାଦକ ରମାକାନ୍ତ କର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରଧାନାଚାର୍ଯ୍ୟଙ୍କର ବିଦ୍ୟାଳୟ ପ୍ରତିଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ସିଆରସିସି ପ୍ରକାଶ କୁମାର ସାମଲ,ଗୋବିନ୍ଦପୁର ସମିତି ବୋର୍ଡ ସଭାପତି ରବିନ୍ଦ୍ର ବେହେରା,ସମିତି ସଭ୍ୟା ପ୍ରତିନିଧି ଅନନ୍ତ ପ୍ରସାଦ ବାରିକ,ଜିଲା ସଂସ୍କୃତ ମଣ୍ଡଳ ସମ୍ପାଦକ ରମେଶ ପ୍ରଧାନ,ପ୍ରାକ୍ତନ ବିଇଓ ପିତାମ୍ବର ବାରିକ,ଡଗରପଡା ସମିତି ସଭ୍ୟ ବିମ୍ବାଧର ଦଳେଇ,ଶରତ ପଣ୍ଡା,ପୂର୍ଣ୍ଣଚନ୍ଦ୍ର ମହାପାତ୍ର,ନବ କୁମାର ପଣ୍ଡା,ଶୈଳେନ୍ଦ୍ର ପାଢୀ, ନାରାୟଣ ଦାସ,ଚିତ୍ତରଞ୍ଜନ ଷଡଙ୍ଗୀ,ଗଣେଶ୍ୱର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଭାରପ୍ରାପ୍ତ ପ୍ରଧାନାଚାର୍ଯ୍ୟ ସନାତନ ପୃଷ୍ଟି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ।

# ଆରଏସପିର ଇସ୍ପାତ ଜେନେରାଲ ହସ୍ପିଟାଲରେ ଗୁରୁତର ଇଲେକ୍ଟ୍ରିକାଲ୍ ଫ୍ଲାସ୍ ବର୍ଣ୍ଣ ପୀଡିତଙ୍କ ସଫଳ ଚିକିତ୍ସା

## ନର୍ସ ଓ ପାରାମେଡିକାଲ ଷ୍ଟାଫ ଡ଼ିଆଇସିଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ରାଉରକେଲା, ୧୦/୦୫ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଇସ୍ପାତ ଜେନେରାଲ୍ ହସ୍ପିଟାଲ ବର୍ଣ୍ଣ ସେଣ୍ଟରର ଡ୍ରେସର ଓ ନର୍ସଙ୍କୁ ନେଇ ଏକ ଦଳଙ୍କୁ ନବଜୀବନ ଲାଭ କରିଥିବା ଜଣେ ଅତ୍ୟନ୍ତ ଗୁରୁତର ଇଲେକ୍ଟ୍ରିକାଲ୍ ଫ୍ଲାସ୍ ବର୍ଣ୍ଣ ପୀଡିତ ରୋଗୀଙ୍କ ସଫଳ ଚିକିତ୍ସାରେ ପ୍ରଶଂସନୀୟ ସେବାଦାନ ପାଇଁ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଆଇଜିଏଚ ସମ୍ମେଳନ କକ୍ଷଠାରେ ମଇ ୧୦ ତାରିଖରେ ଆୟୋଜିତ ଏକ ଉତ୍ସବରେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା, ସମସ୍ତ ସିଏମଓ, ଅନ୍ୟ ବରିଷ୍ଠ ଡାକ୍ତର, ଆଇଜିଏଚ୍ ର ନର୍ସ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। କର୍ମିକ ବିଭାଗର ଜିଏମ, ଶ୍ରୀ ଜି ଆର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଶ୍ରୀ ଭୌମିକ ଚିକିତ୍ସା ଦଳଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ସମର୍ପିତ ପ୍ରତିବଦ୍ଧ ସେବାଭାବର ଉଚ୍ଚ ପ୍ରଶଂସା କରିଥିଲେ । ସେ ଅନ୍ୟମାନଙ୍କୁ ମଧ ଅନୁରୂପ ସେବାଭାବ ପ୍ରଦର୍ଶନ କରିବା ପାଇଁ ଅନୁପ୍ରେରିତ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, ପାୱାର ଡିଷ୍ଟ୍ରିବ୍ୟୁସନ ବିଭାଗରେ ନିୟୋଜିତ ମେଷର୍ସ ସିମେନ୍ସର ୩୩ ବର୍ଷୀୟ ଶ୍ରୀ ଉମେଶ ମହାତୋ ଗତ ଡିସେମ୍ବର ୧ ତାରିଖରେ ଏକ ଇଲେକ୍ଟ୍ରିକାଲ୍ ଫ୍ଲାସ୍ ବର୍ଣ୍ଣରେ ମୁହଁ, ବେକ, ଛାତି, ପେଟ, ପେରିନିୟମ ଏବଂ ଗୋଡର ନିମ୍ନଅଂଶରେ ଜଳାପୋଡା ଜନିତ ଆଘାତପ୍ରାପ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ବର୍ଣ୍ଣ କେସ୍ ଅନୁଯାୟୀ ମୃତ ଚର୍ମର କ୍ରମିକ ଏକ୍ସାଇଜନ୍ କରାଯାଇଥିଲା ଏବଂ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯାଇଥିଲା। ଏହି କ୍ଷତ ସୁସ୍ଥ ହେବା ପରେ ଡେପୁଟି ସିଏମଓ ଡାକ୍ତର ମନୋରଂଜନ



ସାମନ୍ତରାୟଙ୍କ ନେତୃତ୍ୱରେ ନିଶ୍ଚେତକ ଦଳଙ୍କ ସହଯୋଗରେ ବରିଷ୍ଠ ପରାମର୍ଶଦାତା ଡାକ୍ତର ଗିରିଜା ଶଙ୍କର ସାହୁ ଏବଂ ଆସିଷ୍ଟାଣ୍ଟ ସିଏମଓ ଡାକ୍ତର ସୀମା ଲାକ୍ରା ଅପ୍ରେଲ ମାସରେ ରୋଗୀଙ୍କ ମୁଖ ଓ ଶରୀର ଟିସୁ ବିକୃତିଗୁଡିକୁ ସଠିକ ପୁନଃନିର୍ମାଣ କରିବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀରେ ସ୍ପ୍ଲିଟ୍ ଥିକନେସ ସ୍କିନ୍ ଗ୍ରାଫ୍ଟିଙ୍ଗ୍ କରିଥିଲେ। ନର୍ସିଙ୍ଗ ସେବା ଯୋଗାଇଦେଇଥିବା ସିଷ୍ଟରମାନଙ୍କ ମଧ୍ୟରେ ଜାସିଣ୍ଟା ଏକ୍କା, ସିଷ୍ଟର ପ୍ରଜ୍ଞା ମହାନ୍ତି ଏବଂ ସିଷ୍ଟର ତିଲୋତ୍ତମା ମହାନ୍ତି। ଶଲ୍ୟଚିକିତ୍ସା ପରବର୍ତ୍ତୀ ସନ୍ତୋଷଜନକ ରିପୋର୍ଟ ମିଳିବା ପରେ ରୋଗୀଙ୍କୁ ମଇ ୮ ତାରିଖରେ ଡିସଚାର୍ଜ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ବର୍ଣ୍ଣ ଚିକିତ୍ସା, ପ୍ଲାଷ୍ଟିକ୍ ସର୍ଜରୀ, ସ୍କିନ ଗ୍ରାଫଟିଙ୍ଗ ମାମଲାରେ ଆଇଜିଏଚ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଯାହା ନିକଟସ୍ଥ ଡାକ୍ତରଖାନା ଏବଂ ଏପରିକି ପଡୋଶୀ ରାଜ୍ୟର ଡାକ୍ତରଖାନାଙ୍କ ଦ୍ୱାରା ପଠାଯାଇଥିବା ଅନେକ ଜଟିଳ ମାମଲାରେ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇଦେଉଛି।

# ଯାତ୍ରୀ ବିଶ୍ରାମାଗାର ବିଧାୟକଙ୍କ ଦ୍ୱାରା ଉଦ୍ଘାଟିତ




ଖଇରା, ୧୦/୦୫ (ନି.ପ୍ର): ସୋର-କୁପାରୀ ରାସ୍ତାର ଖଇରା ବଜାର ସଂଲଗ୍ନ ଆଳଦା ଛକରେ ନିର୍ମିତ ଯାତ୍ରୀ ବିଶ୍ରାମାଗାର ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଲୋକାର୍ପିତ ହୋଇ ଯାଇଛି । ଉକ୍ତ ଛକରେ ବିଶ୍ରାମାଗାର ଅଭାବରୁ ଯାତ୍ରୀ ମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଆସୁଥିଲେ । ଏଥିପାଇଁ ସ୍ଥାନୀୟ ସରପଞ୍ଚ ମାଳତୀ ସେଠୀ ଓ ବିଧାୟକଙ୍କ ନିକଟରେ ବାରମ୍ବାର ଦାବୀ ହୋଇ ଆସୁଥିଲା । ଯାତ୍ରୀ ମାନଙ୍କୁ ଆଉ ଖରାବର୍ଷାରେ କଷ୍ଟ ଭୋଗିବାକୁ ପଡିବ ନାହିଁ ବୋଲି ବିଧାୟକ ପାଣିଗ୍ରାହୀ ପ୍ରକାଶ କରିଥିଲେ । ଲୋକାର୍ପଣ ଉତ୍ସବରେ ଜିଲା ପରିଷଦ ସଭ୍ୟା ରଶ୍ମିତା ମାହପାତ୍ର,ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପୂର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର,ବିଜୟ କୁମାର ସାହୁ,ସୁଦର୍ଶନ ମହାରଥା, ଶଶାଙ୍କ ଶେଖର ମହାପାତ୍ର ଙ୍କ ସମେତ ବିଭିନ୍ନ ୱାର୍ଡର ସଭ୍ୟା/ସଭ୍ୟ ଉପସ୍ଥିତ ଥିଲେ ।

# ପଛୁଆ ବର୍ଗର ସାମାଜିକ ଓ ଅର୍ଥନୈତିକ ସର୍ଭେ ଉପରେ ହୋଇଛି ସମୀକ୍ଷା

ଜୟପୁର, ୧୧/୦୫ (ନି.ପ୍ର): ପଛୁଆ ବର୍ଗର ସାମାଜିକ ଓ ଅର୍ଥନୈତିକ ସର୍ଭେ ଆରମ୍ଭ ହୋଇଛି । ମେ୧ରୁ ଆରମ୍ଭ ହୋଇଥିବା ବେଳେ ୨୭ ତାରିଖ ଯାଏ ସର୍ଭେ ହେବ । ଏନେଇ ଆଜି ସର୍ଭେ ର ସ୍ଥିତି ଉପରେ ସମିକ୍ଷା କରାଯାଇଛି । ଜୟପୁର ବ୍ଲ ସଭା ଗୃହରେ ଏବିଡିଓ ମନୋଜ ନାୟକ, ଜିପିଓ ପ୍ରଶାନ୍ତ ମିଶ୍ର ସମୀକ୍ଷା କରିଛନ୍ତି । ଜୟପୁର ପୌରାଂଚଳରେ ୯ଟି ସେଂଟର କରାଯାଇଥିବା ବେଳେ ଜୟପୁର ବ୍ଲକ ୯୩ଟି ସେଂଟର କରାଯାଇଛି । ବିଡିଓ ରାଜୀବ ଦାସ, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ତତ୍ୱବଧାନରେ ସର୍ଭେ ଜାରି ରହିଛି । ଅଙ୍ଗନବାଡୀ କର୍ମି ଓ ଆଇସିଡିଏସ ସୁପରଭାଇଜର. ପୌର କର୍ମଚାରି ଗଣନାକାରୀ ଓ ପରିଦର୍ଶକ ଭାବେ ନିୟୋଜିତ ଅଛନ୍ତି । ଗ୍ରାମ ଓ ସହରରେ ଥିବା ସ୍କୁଲ ଓ ଅଙ୍ଗନବାଡୀ କେନ୍ଦ୍ର ରେ ସେଂଟର କରାଯାଇଛି । ଏନେଇ ଲୋକଙ୍କୁ ସଚେତନ କରାଯିବା ସହ ପଛୁଆ ବର୍ଗ ପରିବାରର କୈଣସି ବ୍ୟକ୍ତି ବିଶେଷ ଯାଇ ସେଂଟରରେ ପରିବାର ସମସ୍ତଙ୍କ ତଥ୍ୟ ପ୍ରଦାନ କରିବେ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ।

# ବଲାଙ୍ଗୀର ଜିଲ୍ଲା ଆଗଲପୁରଠାରୁ ବସ୍ ଗଡ଼ିବ

ବଲାଙ୍ଗୀର, ୧୦/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ସଦର ମହକୁମା ଠାରୁ ପ୍ରାୟ ୫୦ କି.ମି. ଦୂରତାରେ ଆଗଲପୁର ଅବସ୍ଥିତ। ଦେଶ ସ୍ୱାଧୀନତା ହେବା ଠାରୁ ଗୋଟାଏ ଅନୁନ୍ନତ ବ୍ଲକ୍ ଭାବରେ ପରିଚିତ ରହି ଆସୁଥିଲା। ଜିଲ୍ଲାର ଲୋକଙ୍କ ପାଇଁ ଗୋଟାଏ ଢଗ ହୋଇ ରହିଥିଲା "ଯଦି ଯିବୁ ଆଗଲପୁର ଥରିଥିବୁ ଚୁଡ଼ା ଗୁଡ଼"। କିନ୍ତୁ ତାହା ଏବେ ଭୁଲ୍ ପ୍ରମାଣିତ ହୋଇ ସାରିଲାଣି। ରାଜ୍ୟରେ ସରକାର ବଦଳିଲା। ବିଜେଡି ସରକାର ଆସୁ ଆସୁ ବହୁ ଦିନରୁ ଏଠିକାର ଲୋକଙ୍କ ପାଇଁ ଏକ ସ୍ୱପ୍ନ ସାକାର ହେଲା। ମୁଖ୍ୟମନ୍ତ୍ରୀ ନବୀନ ବାବୁ ଏକ ନିର୍ବାଚନୀ ସଭାକୁ ଆସିଥିବା ସମୟରେ ଅଙ୍ଗ ନଦୀ ଉପରେ ଏକ ବିରାଟ ପୋଲ ନିର୍ମାଣ କରିବା ପାଇଁ ପ୍ରତିଶୃତି ଦେଲେ। ସେହି ପୋଲ ନିର୍ମାଣରେ ଅବଶ୍ୟ ସ୍ଥାନୀୟ ତତ୍କାଳୀନ ସରପଂଚ ଓ ଯୁବ ଇଂଜିନିୟର୍ସ ଶ୍ରୀ ନାୟକ ବାବୁଙ୍କ ପ୍ରଚେଷ୍ଟା ମଧ ରହିଛି। ପୋଲ ନିର୍ମାଣ ହେବା ପରେ ଆସ୍ତେ ଆସ୍ତେ ଆଗଲପୁର ବିକାଶ ହେବାରେ ଲାଗିଲା। ପରବର୍ତୀ ସମୟରେ ଭରସୁଜା ଦେଇ ଯାଇଥିବା ଆଗଲପୁର ରାସ୍ତା ଉପରେ ପୁଣି ଅଙ୍ଗ ନଦୀ ଉପରେ ଏକ ବିରାଟ ପୋଲ ନିର୍ମାଣ ହେଲା। ଏଇ କିଛିମାସ ହେବ ସେହି ପୋଲ ଉଦ୍ଘାଟନ ହୋଇ ଲୋକେ ଯିବା ଆସିବା କରିବାର ସୁବିଧା ପାଇଲେ। ବଲାଙ୍ଗୀର ଠାରୁ ପଡ଼ୋଶୀ ରାଜ୍ୟ ରାୟପୁରକୁ ଅଳ୍ପ ରାସ୍ତା ହେଲା। ବାଣିଜ୍ୟ ଓ ପରିବହନ ପାଇଁ ଏକ ସୁଯୋଗ ସୃଷ୍ଟି ହେଲା। ଦୁଇଟି ବଡ଼ ପୋଲ ହିଁ ଆଗଲପୁର ବିକାଶ ପାଇଁ ବଡ଼ ସହଯୋଗ ରହିଲା। ବିଭିନ୍ନ ସମ୍ପ୍ରଦାୟ ଲୋକେ ଏଠି ବସବାସ କରୁଥିବା ଆଗଲପୁର ଏବେ ହୁ ହୁ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ସରକାର ଗମନାଗମନ ସୁବିଧା ପାଇଁ ଏକ ବସ୍‌ଷ୍ଟାଣ୍ଡ ଅନୁମୋଦିତ କରିଛନ୍ତି। ସେହି ବସ୍‌ଷ୍ଟାଣ୍ଡ କେବେ ଠାରୁ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ଆଗଲପୁର ଠାରୁ ବସ୍ ଗଡ଼ିବା ଆରମ୍ଭ ହୋଇଥାନ୍ତା କିନ୍ତୁ ବିଡ଼ମ୍ବନା ବିଷୟ ରାଜ୍ୟ ସଡ଼କ ପରିବହନ ନିଗମ ଅଧିକାରୀ ଓ ପୂର୍ବତନ ତହସିଲଦାରଙ୍କ ମଧ୍ୟରେ କାଗା ଚିହ୍ନଟରେ ଟଣାଓଟରା ହୋଇ ତାହା ପଡ଼ିରହିଲା। ଏବେ ନୂତନ ତହସିଲଦାର ଯୋଗଦେବା ପରେ ତହସିଲଦାର ମହୋଦୟା ସ୍ଥାନ ନିରୂପଣ କରି ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ରାଜ୍ୟ ସଡ଼କ ପରିବହନ ନିଗମ ଅଧିକାରୀ ଯଥାଶୀଘ୍ର ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ ଓ ଆଗଲପୁର ଠାରୁ ହିଁ ବିଭିନ୍ନ ଦିଗକୁ ବସ୍ ଗଡ଼ିବ ବୋଲି ଜଣାପଡ଼ିଛି।

# ବଲାଙ୍ଗୀର ମାଲପଡା ନାଗରିକ କମିଟି ବୈଠକ

ବଲାଙ୍ଗୀର, ୧୦/୦୫ (ନି.ପ୍ର): ବଲାଙ୍ଗୀର ମାଲପଡା ୱାର୍ଡ ନଂ. ୧୫ ଓ ୧୬ର ଉନ୍ନତିକରଣ ଓ ସମସ୍ୟାକୁ ନେଇ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଶେଷତଃ ଲୋକଙ୍କ ପାନୀୟ ଜଳ, ରାସ୍ତାଘାଟ ଉନ୍ନତିକରଣ ଇତ୍ୟାଦି ଉପରେ ସଭ୍ୟମାନେ ଆଲୋକପାତ କରିଥିଲେ । ପଡାର ରାସ୍ତା, ଖାଲ ଢିପରେ ପରିପୂର୍ଣ୍ଣ ହୋଇଥିବାରୁ ନାଳ ନର୍ଦ୍ଦମା ସଫା ସୁତୁରା ନିୟମିତ କରିବା ପାଇଁ ପ୍ରସ୍ତାବ ହୋଇଥିଲା । ଟିକ୍ରାପଡା ପ୍ରହରି ଛକ ଠାରୁ ଆଶୁତୋଷ ଛକ ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ପାଇଁ ଓ ନାଳ ନର୍ଦ୍ଦମା ପ୍ରଶସ୍ତିକରଣ ପାଇଁ ସିମେଣ୍ଟ ନାଳ ପୌର ପାଳିକାଙ୍କୁ ଅନୁରୋଧ କରାଯାଇଥିଲା। ମାଲପଡା ସ୍କୁଲର ଗୃହ ଭାଙ୍ଗି ଯାଇଥିବାରୁ ନୂତନ ଭାବେ ନିର୍ମାଣ ପାଇଁ ପ୍ରସ୍ତାବମାନ ଦିଆଯାଇଥିଲା। ଉକ୍ତ ଆଲୋଚନାର ସଭା ମାଧମରେ ଉପଦେଷ୍ଟା ତରୁଣ ମିଶ୍ର, ଉପ-ସଭାପତି ଗୋପବନ୍ଧୁ ପୁରୋହିତ, ଶ୍ୟାମ ସୁନ୍ଦର ଆଚାର୍ଯ୍ୟ, ସଂପାଦକ ପଂଚାନନ ସେଠ ଆଲୋଚନାରେ ଭାଗ ନେଇଥିଲେ। ଶ୍ରୀ ସେଠ ଗତ ମାସର ବିବରଣୀ ପାଠ କରିଥିଲେ। ଉକ୍ତ ସଭାରେ ପଡାର ସମସ୍ତ ବରିଷ୍ଠ ସଭ୍ୟ ଭବାନୀ ଶଙ୍କର ଶତପଥି, ବସୁଦେବ ନାଗ, ଅଶୋକ କୁମାର ଚାନ୍ଦ, ଆକୁଳ ବେହେରା, ଦେବଜ୍ୟୋତି ଯୋଷୀ, ଛବିଲାଲ ବେହେରା ଆଦି ସମସ୍ତେ ଆଲୋଚନାରେ ଭାଗ ନେଇଥିଲେ । ପରିଶେଷରେ ସଂପାଦକ ପଂଚାନନ ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ଜେପିଏଲ ପ୍ରିମିୟର ଲିଗ ୨ର ଖେଳ ଉଦ୍ଘାଟିତ

ଜୟପୁର, ୧୧/୦୫ (ନି.ପ୍ର): ଜେପିଏଲ ଜୟପୁର ପ୍ରୀମୀୟର ଲିଗ ୨ର କ୍ରିକେଟ ଖେଳ ଉଦଘାଟିତ ହୋଇଛି । ଜୟପୁର ଦଶହରା ପଡିଆ ଠାରେ ଏସଡିପିଓ ହରିସ ବିସି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି। ଏହି ଖେଳକୁ ଓରିଅନ କ୍ରିକେଟ କ୍ଲବ ଆୟୋଜନ କରୁଥିବା ବେଳେ ଏସଆର ଏହି ଖେଳ ପ୍ରଯୋଜକ । ଜେପିଏଲର ସମ୍ପାଦକ ସିମାଂଚଳ ରାଉତ, ସଭାପତି ସୁବାସ ରାଉତ, ଟେକଲନିକାଲ ହେଡ ଅଶିତ ପଟ୍ଟନାୟକ, ମିଡିଆ ମ୍ୟାନେଜର କାର୍ତିକ ରାଉତ, ଗ୍ରାଉଣ୍ଡ ଏବଂ ଇଭେଂଟ ମ୍ୟାନେଜକ ବାପି ପରିଡା । ଯୁଗ୍ମ ସମ୍ପାଦକ ସଚିଦାନନ୍ଦ ପରିଡା, ବଳ ରାମ ପାଣିଗ୍ରାହୀ, ଅନୁପ ପାତ୍ର. ରବି ନାୟକ, ବାଲା ରାୟ, ବିକାଶ ପାତ୍ର ଉପସ୍ଥିତ ରହିଥିଲେ ।

# ନରିପୁରରେ ଶ୍ରୀରାମ ନବମୀ ଦେଢ଼ମାସ ବ୍ୟାପି ପାଳିତ



ଭଦ୍ରକ, ୧୧/୦୫ (ନି.ପ୍ର): ଭଦ୍ରକ ସହର ନରିପୁର ଅସ୍ତଳ ଗ୍ରାମ ସ୍ଥିତ ମା' ବୁଢ଼ୀ ଜାଗୁଲାଇ ଜାଡ଼ି ବାସୁଳୀ ପାର୍ଶ୍ୱ ରାମ ମନ୍ଦିରରେ ଶ୍ରୀରାମ ନବମୀ ମହୋତ୍ସବ ରାମ ନବମୀ ଠାରୁ ଏକମାସ ୧୨ ଦିନ ଧରି ପାଳିତ ହୋଇଛି। ଗତକାଲି ଏହାର ଭସାଣୀ ଉତ୍ସବ ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ଏଥିରେ ପୂଜା କର୍ମକର୍ତ୍ତା, କାଉନସିଲର, ସାମ୍ବାଦିକ, ଶୁଭେଚ୍ଛୁ ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜା କର୍ମରେ ପ୍ରତ୍ୟେକ ଦିନ ପ୍ରସାଦ ସେବନ, ସନ୍ଧ୍ୟା ଆଳତୀ ଶ୍ରଦ୍ଧାଳୁମାନେ ଦର୍ଶନ କରିଥାଆନ୍ତି। ଦୈନନ୍ଦିନ ବିଗ୍ରହଙ୍କଠାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ହୋଇଥାଏ। ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ପାଠ, ପ୍ରବଚନ, ପାଲା, ପାରାୟଣ, ହନୁମାନ ଚାଳିଶାପାଠ, ଧର୍ମ ଚର୍ଚ୍ଚା ହେବା ସହ ବିଶିଷ୍ଟ ସଂଗୀତଜ୍ଞ ଶ୍ରୀଚରଣ ମହାନ୍ତିଙ୍କ ଟ୍ରୁପ୍‌ଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ତେବେ ଏହି ଶ୍ରୀରାମ ନବମୀରେ ପ୍ରତିଦିନ ଗ୍ରାମବାସୀଙ୍କ ପକ୍ଷରୁ ପାଳି ଭୋଗ ଲାଗି ହୋଇ ପ୍ରସାଦ ସେବନ ସମସ୍ତେ କରିଥାନ୍ତି। ଉଲ୍ଲେଖ ଯୋଗ୍ୟ ଯେ ପାଳି ଭୋଗ ଶେଷ ନହେବା ଯାଏ ପ୍ରଭୁ ପୂଜା ପାଇଥାନ୍ତି। ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ଦେବୀ ସୀତା, ହନୁମାନଙ୍କ ବିଗ୍ରହ ମେଢ ଏକ ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ଶାଙ୍ଖ ଧ୍ୱନୀରେ ଗ୍ରାମରୁ ନିଆଯାଇ ନଗର ପରିକ୍ରମା ସମୟରେ ବଲାଙ୍ଗୀରର ଦୁଲ୍‌ଦୁଲି, ପୁରୀ ସାହିଯାତ, ଘୋଡ଼ାନାଚ, ଦଶଭୂଜା ମା'କାଳୀ, ନୃସିଂହ, ଶ୍ରୀଗଣେଶ, ନାଗାର୍ଜୁନ ବେଶ ପ୍ରଦର୍ଶନ ହୋଇଥିବାରୁ ଜନସାଧାରଣ ଏବଂ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଶ୍ରୀରାମ ନବମୀ ପାଳନର ବିଭିନ୍ନ ଦିବସରେ ବିଧାୟକ ସଂଜୀବ କୁମାର ମଲ୍ଲିକ, ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଯୁବନେତା ସୂର୍ଯ୍ୟକୁମାର ଦାସ, କାଉନସିଲର ଗୀତାଞ୍ଜଳୀ ଦାସ, ପୂର୍ବତନ କାଉନସିଲର ତଥା ଶ୍ରୀରାମ ନବମୀ ପୂଜା କମିଟି ସମ୍ପାଦକ ଗଜେନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଅମର ନାୟକ, ଦୁର୍ଗାଶଙ୍କର ବିଶ୍ୱାଳ, ସମାଜସେବୀ ବୀରେନ୍ଦ୍ର ଦାସ, ସତ୍ୟ ଦାସ, ମୃତ୍ୟୁଞ୍ଜୟ ମହାପାତ୍ର, ସୁଧର ପାଢ଼ୀ, ପତିତପାବନ ଦାଶ, ଶିକ୍ଷାବିତ୍ ତ୍ରିଲୋଚନ ନାୟକ, ବାସୁଦେବପୁର ସାଂସଦ ପ୍ରତିନିଧି ସୁରେଶ ମହାନ୍ତି, ଆକାଶବାଣୀ ସମ୍ବାଦଦାତା ଅଶୋକ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଶ୍ରୀରାମ ନବମୀ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନା ଯେ ୧୯୮୫ରୁ ଅଦ୍ୟାବଧି ୩୮ ବର୍ଷ ଧରି ପୂଜା କମିଟି ସମ୍ପାଦକ ଶ୍ରୀ ଗଜେନ୍ଦ୍ର ପଣ୍ଡା, ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଅସ୍ତଳ ଶ୍ରୀରାମ ମଣ୍ଡପର ଉନ୍ନତି ଓ ବିକାଶ ଉପରେ ବିଭିନ୍ନ ଦାବି ବିଧାୟକ ସଂଜୀବ ମଲ୍ଲିକ, ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସେମାନେ ଏ ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ଭସାଣ ଶୋଭାଯାତ୍ରା ଶେଷ ହୋଇ ସାଳନ୍ଦୀ ନଦୀଘାଟରେ ବିସର୍ଜନ କରାଯାଇଥିଲା। ଭସାଣ ଯାତ୍ରାରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିବା ବେଳେ ଶୋଭାଯାତ୍ରାରେ ଶତାଧିକ ପୁରୁଷ ମହିଳା ଯୋଗ ଦେଇଥିଲେ। ଇତି ମଧ୍ୟରେ ଏହି ଅସ୍ତଳ ଗ୍ରାମର ସାର୍ବଜନୀନ ମା' ଶୀତଳା ଦେବୀଙ୍କ ପୂଜା ଉତ୍ସବ ଓ ଭସାଣ ହୋଇ ଯାଇଅଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ମୋଦୀଙ୍କୁ ସାକ୍ଷାତ ....

ବର୍ତ୍ତମାନ ଓଡିଶାର ୬୭୯୮ ପଞ୍ଚାୟତ ମଧ୍ୟରୁ ୨୮୪୪ ଗ୍ରାମ ପଞ୍ଚାୟତରେ ବ୍ୟାଙ୍କ ସେବା ଅଛି । ଅନ୍ୟ ପଞ୍ଚାୟତଗୁଡ଼ିକୁ ବ୍ୟାଙ୍କ ସେବାରେ ସାମିଲ ପାଇଁ ନବୀନ ମୋଦୀଙ୍କ ନିକଟରେ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଏହି ସମୟରେ କୌଣସି ରାଜନୈତିକ ପ୍ରସଙ୍ଗ ବାବଦରେ ଆଲୋଚନା ହୋଇନି ବୋଲି ନବୀନ କହିଛନ୍ତି । କିଛିଦିନ ତଳେ ବିହାର ମୁଖ୍ୟମନ୍ତ୍ରୀ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନବୀନଙ୍କୁ ସାକ୍ଷାତ କରିଥିଲେ । ଆଉ ଏହାକୁ ନେଇ ସାମ୍ବାଦିକମାନେ ନବୀନଙ୍କୁ ପ୍ରଶ୍ନ କରିଥିଲେ ଯେ ତୃତୀୟ ସାମ୍ମୁଖ୍ୟ ନେଇ କୌଣସି ଆଲୋଚନା ହୋଇଛି କି ? ଏହାର ଉତ୍ତରରେ ନବୀନ କହିଥିଲେ ଯେ କୌଣସି ରାଜନୈତିକ ପ୍ରସଙ୍ଗରେ ଆଲୋଚନା ହୋଇନାହିଁ । ଏଥିସହ ତୃତୀୟ ସାମ୍ମୁଖ୍ୟ ଗଠନ ନେଇ ସେ କୌଣସି ସମ୍ଭାବନା ଦେଖୁନାହାନ୍ତି ବୋଲି ସ୍ପଷ୍ଟ କରିଥିଲେ।

### କେନ୍ଦ୍ର ସହ କ୍ଷମତା...

ଯଦି ପ୍ରଶାସନିକ ସେବାକୁ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାରୁ ବାଦ ଦିଆଯାଏ, ତା'ହେଲେ ମନ୍ତ୍ରୀମାନେ ଅଫିସରମାନଙ୍କୁ ନିୟନ୍ତ୍ରଣ କରିବା ଦାୟିତ୍ୱରେ ବାଦ ପଡ଼ିବେ। କାରଣ କାର୍ଯ୍ୟପାଳିକାର ନିର୍ଦ୍ଦେଶକୁ ଅଫିସରମାନେ ହିଁ ଲାଗୁ କରିବେ। ପ୍ରଶାସନିକ କ୍ଷମତା କେବେ ହେଲେ ଆଇନ ଶୃଙ୍ଖଳା, ଜମି ଓ ପୁଲିସ୍ ଉପରେ ଲାଗୁ ହେବନି। ଏହାର ଅର୍ଥ ଆଇନ ଶୃଙ୍ଖଳା ଓ ଜମି ଉପରେ କେନ୍ଦ୍ରର ଅଧିକାର ରହିବ। ସୁପ୍ରିମକୋର୍ଟ ଆହୁରି କହିଛନ୍ତି, କେନ୍ଦ୍ର ସମସ୍ତ ପ୍ରକାରର ବ୍ୟବସ୍ଥାପିକା କ୍ଷମତାକୁ ନିଜ ହାତକୁ ନେଲେ ସଂଘୀୟ ବ୍ୟବସ୍ଥା ପ୍ରଭାବିତ ହେବ। ସଂଘୀୟ ବ୍ୟବସ୍ଥାକୁ ସମ୍ମାନ କରାଯିବା ଦରକାର। କେନ୍ଦ୍ର ସବୁ ବିଧେୟକ ଓ ନିଯୁକ୍ତି ଶକ୍ତି ନିଜ ହାତକୁ ନେଇ ପାରିବ ନାହିଁ। ଯଦି ନିର୍ବାଚିତ ସରକାର ପ୍ରଶାସନିକ କ୍ଷମତାର ଅଧିକାର ନ ରଖିବେ, ତା'ହେଲେ ସେ କେମିତି ଲୋକଙ୍କ ପାଇଁ ସାମୁହିକ ଦାୟିତ୍ୱର ଭୂମିକା ନିର୍ବାହ କରିବେ ଅଧିକାରୀମାନଙ୍କ ବଦଳି ଓ ନିଯୁକ୍ତି ଉପରେ ଦିଲ୍ଲୀ ସରକାରଙ୍କ ଅଧିକାର ରହିଛି। ନିର୍ବାଚିତ ସରକାରଙ୍କ ହାତରେ ପ୍ରଶାସନିକ କ୍ଷମତା ରହିବ ବୋଲି କୋର୍ଟ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏପରି ରାୟକୁ ଆପ୍ ଐତିହାସିକ କହିଛି। ଆପ୍ ନେତ୍ରୀ ତଥା ଦିଲ୍ଲୀ ମନ୍ତ୍ରୀ ଆତିଶୀ ଟ୍ୱିଟ କରି କହିଛନ୍ତି ଯେ "ସତ୍ୟ ମେବ ଜୟତେ। ଦୀର୍ଘ ବର୍ଷର ଲଢ଼େଇ ପରେ ସୁପ୍ରିମକୋର୍ଟ ଅରବିନ୍ଦ କେଜ୍ରିୱାଲ ସରକାରଙ୍କୁ ନିଜର ହକ ଦେଇଛନ୍ତି। ଏବେ ଦିଲ୍ଲୀବାସୀଙ୍କ କାମରେ କେହି ବାଧା ସୃଷ୍ଟି କରିପାରିବେ ନାହିଁ। ଏହି ଐତିହାସିକ ନିଷ୍ପତ୍ତି ଦିଲ୍ଲୀବାସୀଙ୍କ ବିଜୟ। ଏବେ ଦିଲ୍ଲୀ ଦୁଇ ଗୁଣା ବେଗରେ ବିକାଶ କରିବ। ସମସ୍ତଙ୍କୁ ଶୁଭେଚ୍ଛା।"

### ଆଜି ୪ ଦିନିଆ...

ଯୋଗଦେବା ପାଇଁ ଡ. ଭାଗବତ ଏଠାରେ ୪ ଦିନ ପାଇଁ ଅବସ୍ଥାନ କରିବେ । ଏଠାରେ କୌଣସି ସାର୍ବଜନିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ। ଏହି ପ୍ରବାସ କେବଳ ସାଂଗଠନିକ କାର୍ଯ୍ୟପାଇଁ ଉଦ୍ଦିଷ୍ଟ । ଏହାପରେ ଡ.ଭାଗବତ ଚାରି ଦିନିଆ ଓଡିଶା ପ୍ରବାସ ସାରି ମେ ୧୫ ତାରିଖ ଦିନ ପ୍ରତ୍ୟାବର୍ତନ କରିବେ ବୋଲି ସଂଘର ଓଡିଶା ପୂର୍ବ ପ୍ରାନ୍ତ ପ୍ରଚାର ପ୍ରମୁଖ ରବିନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି ।

### ବିଧାୟକଙ୍କ ଅଯୋଗ୍ୟତା...

ଗୋଗାଭାଲେଙ୍କୁ ଦଳ ନିଯୁକ୍ତ କରିଥିବାରୁ ତାଙ୍କୁ ସଚେତକ ଭାବେ ବିବେଚନା କରିବା ଭୁଲ ଥିଲା ବୋଲି କୋର୍ଟ କହିଛନ୍ତି । ସେପଟେ ଶିବସେନାରୁ ଯାଇ ଏକନାଥ ସିନ୍ଦେ ଗୋଷ୍ଠୀରେ ସାମିଲ ହୋଇଥିବା ୧୬ ଜଣ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରାଯାଉ ବୋଲି ଉଦ୍ଧବ ଠାକରେଙ୍କ ତରଫରୁ କୋର୍ଟରେ ଯେଉଁ ଆବେଦନ ହୋଇଥିଲା ତାହା ଉପରେ କୋର୍ଟ କହିଛନ୍ତି କି ବିଧାୟକଙ୍କ ଅଯୋଗ୍ୟତା ଉପରେ କୋର୍ଟ କୌଣସି ନିଷ୍ପତ୍ତି ନେଇ ପାରିବ ନାହିଁ । ଏହି ମାମଲାରେ ତୁରନ୍ତ ନିଷ୍ପତ୍ତି ନେବାକୁ କୋର୍ଟ ବାଚସ୍ପତିଙ୍କୁ ଆଦେଶ ଦେଇଛନ୍ତି । କୋର୍ଟ କହିଛନ୍ତି କି ଅଯୋଗ୍ୟତା ପ୍ରକ୍ରିୟା ଏଡାଇବା ପାଇଁ ଦଳରେ ବିଭାଜନ ଏକ ଆଧାର ହୋଇପାରିବ ନାହିଁ । ଏଣୁ ଉଦ୍ଧବ ଠାକରେଙ୍କୁ ପୁନଃ ଅବସ୍ଥାପିତ କରାଯାଇପାରିବ ନାହିଁ ।

## କବି ବ୍ରଜେନ୍ଦ୍ର ଗିରିଙ୍କୁ ଅଭିନନ୍ଦନ

ଜଳେଶ୍ୱର , ୧୧/୦୫ (ନି.ପ୍ର): କବି ବ୍ରଜେନ୍ଦ୍ରନାଥ ଗିରି ଜଣେ ସୁନାମଧନ୍ୟ ସାହିତ୍ୟିକ, ସଂଗଠକ ଓ ଦୀନକୃଷ୍ଣ ସ୍ମୃତିପରିଷଦର କାର୍ଯ୍ୟକାରୀ ସଭାପତିଭାବେ କାର୍ଯ୍ୟ କରି ଆସୁଛନ୍ତି । ନିକଟରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ଦୀନକୃଷ୍ଣ ସ୍ମୃତିପରିଷଦ, ସମାଜ କଲ୍ୟାଣ ବିକାଶ ପରିଷଦ ଓ ଦୀଗମ୍ବରୀ ଦେବୀ ଗ୍ରୁପ ଅଫ ଇନିଷ୍ଟିଚ୍ୟୁସନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳ, ହାଇକୋର୍ଟର ବରିଷ୍ଠ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ଦୀଗମ୍ବରୀ ଦେବୀ ଗ୍ରୁପ ଅଫ ଇନିଷ୍ଟିଚ୍ୟୁସନର ଡ. ଅଜିତ୍ ମହାନ୍ତି, ସଂପାଦିକା ମଧୁଛନ୍ଦା ମହାନ୍ତି, ପ୍ରଶାସନୀକ ଅଧିକାରୀ ଶରତ ଚନ୍ଦ୍ର ପରିଡା, ରବିନ୍ଦ୍ର ପାତ୍ର, ବେଣୁଧର କାମିଳା, ଯେଗେଶ ରାଉ, ଗଣେଶ ପରିଡା, ରଂଜନ ଦେ, ମାନସ ମାଇତି, ପ୍ରକଶା ଦିନ୍ଦା, ଅବନୀ ଚାନ୍ଦ ପ୍ରମୁଖ କବିଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋଚନା କରିଥିଲେ ।

## ମୟୂରଭଞ୍ଜ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଏବଂ କର୍ମକର୍ତ୍ତା ଚୟନ



ବାରିପଦା, ୧୧/୦୫ (ନି.ପ୍ର): ମୟୁରଭଂଜ ମାଟିର କଳା ସଂସ୍କୃତିର ବିକାଶ ପାଇଁ ଚଳିତବର୍ଷ ଷଷ୍ଠ ବାର୍ଷିକ ମୟୁରଭଞ୍ଜ ମହୋତ୍ସବ ଚଳିତ ବର୍ଷର ପ୍ରଥମ ପ୍ରସ୍ତୁତି ବୈଠକ ଆଜି ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ବେଳ ନେଭମ୍ବର ମାସ ପ୍ରଥମ ସପ୍ତାହରେ ମେହୋତ୍ସବ ଅନୁଷ୍ଠିତ ହେବାର ନିଷ୍ପତ୍ତି ନିଆଯାଇଛି । ସେହିଭଳି ସବର୍ସମ୍ମତି କ୍ରେମ ମେହୋତ୍ସବ କମିଟି ଅଧକ୍ଷ ସେିନ ତାରକା ଉତ୍ତମ ମହାନ୍ତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ତାଙ୍କୁ ପରାମର୍ଶ କମିଟି ସଦସ୍ୟ ଭାବେ ଅବସ୍ଥାପିତ କରାଯାଇଥିବା ବେଳେ ସଭାପତି ଅସିତ ପତିଙ୍କୁ ଅଧକ୍ଷ ଭୋବ ଚୟନ କରାଯାଇଛି । ନୂତନ ସଭାପତି ଭୋବ କୃଷ୍ଣନନ୍ଦ ମହାନ୍ତିଙ୍କୁ ସବର୍ସମ୍ମତି କ୍ରମେ ଚୟନ କରାଯାଇ ଥିବାର ଜଣାଯାଇଛି. ସବୁବର୍ଷ ଭଳି ପ୍ରଥମ ଦିନରେ କାରନିଭାଲ ସୋ ସହ ୧୦ ଦିନ ଧରି ବାରିପଦାର ଐତିହାସିକ ଛଉ ପଡିଆରେ ଅନୁଷ୍ଠିତ ହେବ ଏହି ମହୋତ୍ସବ । ଏହି ମେହୋତ୍ସବେର ମୟୁରଭଞ୍ଜ ଜିଲ୍ଲାର ହସ୍ତଶିଳ୍ପ, କୁଟୀର ଶିଳ୍ପ, ସହ ଘରକରଣା ସାମଗ୍ରୀ ଏବଂ ପାରମ୍ପାରିକ ଖାଦ୍ୟ ବିକ୍ରୟ ଏବଂ ପ୍ରଦଶର୍ନ ପାଇଁ ୧୫୦ରୁ ଉର୍ଦ୍ଧ ଷ୍ଟଲ ଖୋଲିବ ବୋଲି ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା କହିଛନ୍ତି। ଏହି ପ୍ରସ୍ତୁତି ବୈଠକେର ମେହାତ୍ସବ କମିଟିର ବରିଷ୍ଠ ସଦସ୍ୟ ଫାଲଗୁନୀ ମହାନ୍ତି, ସଂଜୀବ ଦ୍ୱିବେଦୀ, ସମାଜ ପତି, ଉମେଶ ପଟ୍ଟନାୟକ, ଉମେଶ ସାହୁ, ତାପସ ପାଢ଼ୀ, ଲଡ୍ଡୁ କେଶର ରଣା, ବିଜୟ ମହାପାତ୍ର, ସଂଜୀବ ମିଶ୍ର, ରୋକଶ ସିଂ, ବିପ୍ଳବ ଭଂଜନ ବୁଗୁେଡଇ, ସତ୍ୟଜିତ ସୋମ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଖବରକାଗଜ ବିତରକଙ୍କ ମାତୃ ବିୟୋଗ

ନୀଳଗିରି, ୧୧/୦୫ (ନି.ପ୍ର): ନୀଳଗିରି ବ୍ଲକ ଅଧୀନ ମହିଷାପଟା ଗ୍ରାମର ଖବରକାଗଜ ବିତରକ ନୀଳମଣି ନାୟକଙ୍କ ମା ସରସ୍ୱତୀ( ୭୦)ଙ୍କ ପରଲୋକ ଘଟିଛି। କିଛିଦିନ ପୂର୍ବରୁ ସରସ୍ୱତୀ ରୋଗାକ୍ରାନ୍ତ ହୋଇ ଘରେ ଚିକିତ୍ସିତ ହେଉଥିଲେ । କିନ୍ତୁ ହଠାତ ତାଙ୍କ ଦେହାନ୍ତ ଅଂଚଳବାସୀ ଙ୍କୁ ଦୁଃଖ ଭରି ଦେଇଛି । ସମ୍ପୃକ୍ତ ମହିଳା ଜଣେ ପରୋପକାରୀ, ମେଳାପୀ ତଥା ଧର୍ମପରାୟଣା ଥିଲେ । ତାଙ୍କ ମୃତ୍ୟୁରେ ନୀଳଗିରି ଅଂଚଳର ମନୋରଞ୍ଜନ ଦାସ, ଦୀନବନ୍ଧୁ ଦାସ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି ।

## ବିହାରରେ କୁଳପତି ଆଚାର୍ଯ୍ୟ ଶିବପୂଜନ ସହାୟ ସ୍ମୃତି ସମ୍ମାନରେ ସମ୍ମାନିତ

ଜୟପୁର, ୧୧/୦୫ (ନି.ପ୍ର): ପାଟନାଠାରେ ଅନୁଷ୍ଠିତ ବିହାର ହିନ୍ଦୀ ସାହିତ୍ୟ ସମ୍ମିଳନୀର ୪୨ତମ ସମ୍ମିଳନୀ ଅବସରରେ ବିହାର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କ ଦ୍ୱାରା ସମ୍ମାନିତ ପ୍ର. ଚକ୍ରଧର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଗତ ୧୦ ମଇ ରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ଏକାଡେମିକ ଓ ପ୍ରଶାସନ ଉପଦେଷ୍ଟା ପ୍ରଫେସର ସୁଧେନ୍ଦୁ ମଣ୍ଡଳଙ୍କ ଅଧକ୍ଷତାରେ କ୍ୟାମ୍ପସରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିନ୍ଦୀ ଭାଷା ଓ ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ତାଙ୍କର ମୂଲ୍ୟବାନ ଅବଦାନ ପାଇଁ ପ୍ରଫେସର ତ୍ରିପାଠୀଙ୍କୁ ସମ୍ମିଳନୀର ଅଧକ୍ଷ ଡ. ଅନିଲ ସୁଲଭ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ମାନ୍ୟବର ରାଜ୍ୟପାଳ ସମ୍ମାନଜନକ ଆଚାର୍ଯ୍ୟ ଶିବପୂଜନ ସହାୟ ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ। ଉକ୍ତ ସମ୍ମିଳନୀ ରେ ମଧ ବିଶ୍ୱବିଦ୍ୟାଳୟର ଦୁଇ ଅତିଥି ପ୍ରଫେସର ଡ. ଜେବି ପାଣ୍ଡେ ଓ ଡ. ହେମରାଜ ମୀନାଙ୍କୁ ଯଥାକ୍ରମେ ଆଚାର୍ଯ୍ୟ ଦେବେନ୍ଦ୍ର ନାଥ ଶର୍ମା ଓ ରାଜା ରାଧିକା ରମଣ ପ୍ରସାଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରଫେସର ମଣ୍ଡଳ ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ପ୍ରଫେସର ଏସ୍ କେ ପାଲିତା ଡ. ଜେବି ପାଣ୍ଡେଙ୍କୁ ଓ ପ୍ରଫେସର ଏନ୍ ସି ପଣ୍ଡା ଡ. ହେମରାଜ ମୀନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପ୍ର. ମଣ୍ଡଳ କହିଥିଲେ ଯେ କୁଳପତି ପ୍ର. ତ୍ରିପାଠୀ, ଡ. ଜେବି ପାଣ୍ଡେ ଓ ଡ. ହେମରାଜ ମୀନାଙ୍କ ସମ୍ମାନ ବିଶ୍ୱବିଦ୍ୟାଳୟର ସମ୍ମାନ। ବିହାର ମାଟିରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଏହି ତିନି ବିଶିଷ୍ଟ ଶିକ୍ଷାବିତ ତଥା ସାହିତ୍ୟିକ ଓଡ଼ିଶାର ଗାରିମା ଆଣିଥିବାରୁ ଆଜି ଏହା ଅମପାଇଁ ଏକ ଗର୍ବ ଓ ଗୌରବର ଦିନ ଅଟେ । କୁଳପତି ଓ ଅନ୍ୟ ଦୁଇ ଜଣ ଶିକ୍ଷକଙ୍କ ସମ୍ମାନରେ ଆମେ ଆନନ୍ଦିତ ଓ ଉତ୍ସାହିତ ବୋଲି ଡ. ଏସ୍ କେ ପାଲିତା କହିଥିଲେ । ପ୍ର. ଏନ୍ ସି ପଣ୍ଡା ମଙ୍ଗଳାଚରଣ ପାଠ କରି ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏହା ସମଗ୍ର ରାଜ୍ୟ ପାଇଁ ଗୌରବର ମୁହୂର୍ତ୍ତ ବୋଲି କହିଥିଲେ। ପ୍ର. ହିମାଂଶୁ ମହାପାତ୍ର କହିଥିଲେ ଯେ, ପ୍ରଫେସର ତ୍ରିପାଠୀଙ୍କ ଏକାଡେମିକ ଉତ୍କର୍ଷତା ଦ୍ୱାରା ବିଶ୍ୱବିଦ୍ୟାଳୟ ସମୁଦାୟ ବହୁତ ପ୍ରେରିତ ହୋଇଛି। ଏହି ଖୁସିର ମୁହୂର୍ତ୍ତରେ ପ୍ରଫେସର ତ୍ରିପାଠୀ କହିଥିଲେ ଯେ ଜଣେ ମଣିଷ ତାର ସାଙ୍ଗ-ସାଥୀଙ୍କ ଦ୍ୱାରା ଚିହ୍ନି ହୁଏ । ଏହି ଚତୁରପାର୍ଶ୍ୱ ମଣିଷର ଜୀବନ ଏବଂ ବ୍ୟକ୍ତିତ୍ୱ ଏବଂ ଭବିଷ୍ୟତର ଖ୍ୟାତିକୁ ପ୍ରଭାବିତ କରିଥାଏ । ତେଣୁ ସମସ୍ତେ ସାଂସ୍କୃତିକ ମୂଲ୍ୟବୋଧ ସହିତ ଏକ ଭଲ ସାଙ୍ଗ-ସାଥୀରେ ଜୀବନ ବିତାଇବା ସହ ଦେଶ ନିର୍ମାଣରେ ଯୋଗଦାନ କରିବାକୁ ସେ ପରାମର୍ଶ ଦେଇଥିଲେ। "ଆମକୁ ଏକାଠି ହୋଇ ସମଗ୍ର ହୃଦୟ ଓ ଆତ୍ମା ସହିତ ବିଶ୍ୱବିଦ୍ୟାଳୟର ବିକାଶ କରିବାକୁ ହେବ ଏବଂ ଯେତେବେଳେ ଆମେ ଆଉ ଜଣେ ମହାନ ହୋଇପାରିବା, ସେତେବେଳେ ଆମେ ସଫଳତାର ଶୀର୍ଷରେ ରହିବୁ" ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବିଭାଗ ଓଡ଼ିଶାର ବିକାଶରେ ନେତୃତ୍ୱ ନେବାକୁ ସେ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ ସମୁଦାୟଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ସେ ଘୋଷଣା କରିଥିଲେ ଯେ ବିଶ୍ୱବିଦ୍ୟାଳୟ କୃଷି, ଜଙ୍ଗଲ ପରିଚାଳନା ଏବଂ ଗୋପାଳନ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ଯଥାଶୀଘ୍ର ଆରମ୍ଭ କରିବ ।

## ଗୋଚର ସ୍ଥାନରେ କଲ୍ୟାଣ ମଣ୍ଡପକୁ ବିରୋଧ : ସ୍ଥାନ ପରିବର୍ତ୍ତନ ଦାବି

ଜଳେଶ୍ୱର , ୧୧/୦୫ (ନି.ପ୍ର): ଜଳେଶ୍ୱର ବ୍ଲକର ବର୍ତ୍ତନା ପଂଚାୟତର ୬ଟି ଗ୍ରାମ ମଧ୍ୟରୁ ବର୍ତ୍ତନା ଠାରେ ଏକ କଲ୍ୟାଣ ମଣ୍ଡପ ଲାଗି ପଂଚାୟତ ପକ୍ଷରୁ ଗ୍ରାମ ସଭାରେ ସିଦ୍ଧାନ୍ତ ହୋଇଥିଲା । ଏ ସଂପର୍କରେ ଜଳେଶ୍ୱର ବିଡିଓଙ୍କୁ ଜଣାଇ ଦିଆଯାଥିଲେ ମଧ୍ୟ ପରେ ତାହା କସିଦା ଗ୍ରାମରେ ହେବ ବୋଲି ସ୍ଥିର ହୋଇଛି । ଏହାକୁ ବିରୋଧ କରି ପଂଚାୟତବାସୀଙ୍କ ପକ୍ଷରୁ ବିଡିଓ, ତହସିଲଦାର, ପିଡି ଡିଆର୍‌ଡିଏ, ଜିଲାପାଳ ଓ ପଂଚାୟତରାଜ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ବର୍ତ୍ତନା ଗାଜିଆଣି ପୋଖରୀ ନିକଟରେ ପଂଚାୟତ କାର୍ଯ୍ୟାଳୟ, ରାଜୀବଗାନ୍ଧୀ ଗ୍ରାମିଣ ସେବାକେନ୍ଦ୍ର, ଗୋଦାମ ଗୃହ, ଜିପିଏଲଏଫ, ମିଶନଶକ୍ତି ଗୃହ, କମୁନିଟି ପାଇଖାନା, ରୋଷେଇଶାଳ, ଉତ୍ସବଚରଣ ଗାଜିଆଣିଚଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଜାରଗୃହ ଇତ୍ୟାଦି ରହିଥିବାରୁ ସେଠାରେ ଏକ କଲ୍ୟାଣ ମଣ୍ଡପଲାଗି ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ଏବେ କସିଦା ଗାଁରେ ନିର୍ମାଣ କରାଯିବାକୁ ସରକାରୀ ନିଷ୍ପତ୍ତି ହୋଇଥିବାରୁ ପଂଚାୟତର ପଦ୍ମଲୋଚନ ବେହେରା, ତ୍ରିଲୋଚନ ଦାସ, ସମ୍ଭୁନାଥ ଜେନା, କାଳିଚରଣ ପାଳ, ବିଭୁତି ବିର, ଗଣେଶ ସାମଲ, କବିର ଜେନା, ତ୍ରିଲୋଚନ ସେଠୀ ପ୍ରମୁଖ ବହୁ ବ୍ୟକ୍ତି ଜଣାଇଛନ୍ତି ।

## ରୂପସା ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭବତୀଙ୍କୁ ରନ୍ଧା ଖାଦ୍ୟ ବାଣ୍ଟିଲେ ସ୍ୱୟଂ ସହାୟିକା ଗୋଷ୍ଠି



ବସ୍ତା ୧୧/୫(ନିପ୍ର): ରୂପସା ଆଘିରିଆ ଉଗ୍ରେଶ୍ୱର ମହିଳା ସ୍ୱୟଂସହାୟକା ଗୋଷ୍ଠି ପକ୍ଷରୁ ଗୁରୁବାର ରୂପସା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିବା ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଦିବସ ।ଆଜି ଚିକିତ୍ସିତ ହେଉଥିବା ୩ଜଣ ଗର୍ଭବତୀ ମା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନ୍ତଃବିଭାଗରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିଲା । ସଦର ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ନରେନ୍ଦ୍ର ଖମାରୀ ଯୋଗ ଦେଇଥିବାବେଳେ ଉକ୍ତ କାର୍ଯ୍ୟକ୍ରମରେ ସଦର ବ୍ଲକର ସମନ୍ୱିତ ଶିଶୁ ପ୍ରକଳ୍ପ ସୁଜାତା ପଟ୍ଟନାୟକ ଏବଂ ସି ଡି ପି ଓ ଜୁଥିକା ରଣା, ରୂପସା ଗୋଷ୍ଠୀସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀଯୁକ୍ତ ବିନୟ କୁମାର ଦାସ ମହାପାତ୍ର, ମିଶନ ଶକ୍ତି ଅଧିକାରୀ ଗଜେନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଯୋଜନା ସଞ୍ଚାଳନ ଅଧିକାରୀ ସତ୍ୟସୁନ୍ଦର ଗୋସ୍ୱାମୀ ପରିଚାଳନା କରିଥିଲେ। ଏବେ ଅନ୍ତଃବିଭାଗରେ ଚିକିତ୍ସିତ ହେଉଥିବା ସମସ୍ତ ରୋଗୀଙ୍କୁ ଏହି ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଦୈନିକ ସକାଳର ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ରାତ୍ର ଭୋଜନ ଯୋଗାଇବାକୁ ଚୁକ୍ତି ବନ୍ଧ କରାଯାଇଛି ବୋଲି ମେଡିକେଲ ଅଧିକାରୀ ଶ୍ରୀଯୁକ୍ତ ବିନୟ କୁମାର ଦାସ ମହାପାତ୍ର ପ୍ରକାଶ କରିଛନ୍ତି ।

## ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ସମୀକ୍ଷା ବୈଠକ

ଛତ୍ରପୁର , ୧୧/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲାର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ସମୀକ୍ଷା ବୈଠକ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଓସ୍ୱାନ୍ ହଲ ଠାରେ ସମୀକ୍ଷା ବୈଠକ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ଦ୍ୱାରା ୩୦୦ କୋଟି ଟଙ୍କା ଅନୁଦାନ ପ୍ରାପ୍ତ ହୋଇଛି । ଜିଲ୍ଲାରେ ଥିବା ୪୬୦ ଗୋଟି ସବ୍ ସେଣ୍ଟର ମଧ୍ୟରୁ ୩୬୭ ଗୋଟି ସବ ସେଣ୍ଟରକୁ ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ର ଭାବରେ ରୂପାନ୍ତରିତ କରାଯାଇଥିବା ବେଳେ ଅବଶିଷ୍ଟ ୧୨୩ ଗୋଟି ସବ୍ ସେଣ୍ଟରକୁ ଚଳିତ ବର୍ଷ ରୂପାନ୍ତରିତ କରିବା ନିମନ୍ତେ ବୈଠକରେ ସ୍ଥିର କରାଯାଇଛି । ଏତତ୍ ବ୍ୟତୀତ ୨୯୩ ଗୋଟି ଅତିରିକ୍ତ ସବ୍ ସେଣ୍ଟର ସୃଷ୍ଟି କରିବା ନିମନ୍ତେ ସରକାରୀ ସ୍ତରରେ ଅନୁମୋଦନ ମିଳିଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଜମି ଚିହ୍ନଟ ପ୍ରକ୍ରିୟା କାର୍ଯ୍ୟକୁ ତ୍ୱରାନ୍ୱିତ କରି ଯଥାଶୀଘ୍ର ନିର୍ମାଣ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ଜାତୀୟ ଗୁଣବତ୍ତା ସାର୍ଟିଫିକେଟ୍ ସକାଶେ ୩୧ ଗୋଟି ସବ୍ ସେଣ୍ଟର୍ ଏବଂ ୭ ଗୋଟି କୁ ରାଜ୍ୟସକାର ଚୟନ କରିଛନ୍ତି ଯାହାକି ରାଜ୍ୟରେ ସର୍ବାଧିକ ।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ କମିଟି ବୈଠକ

ଛତ୍ରପୁର , ୧୧/୦୫ (ନି.ପ୍ର): ସମ୍ଭାବ୍ୟ ବାତ୍ୟାର ମୁକାବିଲା ନିମନ୍ତେ ଜିଲ୍ଲା ସ୍ତରୀୟ କମିଟି ବୈଠକ ଆଭାସୀ ମାଧ୍ୟମରେ ଗୁରୁବାର ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଗଞ୍ଜାମ ଜିଲ୍ଲା ସଦାସର୍ବଦା ସଜାଗ ରହିଛି । ବିଶେଷ କରି ବିଜୁଳି, ଘଡଘଡି ଆଘାତ ଜନିତ କ୍ଷୟକ୍ଷତି ଯେପରି ହେବ ନାହିଁ ସେ ଦିଗରେ ତତ୍ପର ରହିବାକୁ ସମସ୍ତ ସଂପୃକ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ । ପୂର୍ବ ବର୍ଷ ମାନଙ୍କରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରି ଏହି ଜିଲ୍ଲା ସୁନାମ ଆଣି ଜାତୀୟ ସ୍ତରରେ ସମ୍ମାନୀତ ହୋଇଛି । ପ୍ରାକୃତିକ ବିପର୍ଯ୍ୟୟର ପୂର୍ବ ଅଭିଜ୍ଞତାକୁ ନେଇ ଏହି ଜିଲ୍ଲା ଆଗାମୀ ଭବିଷ୍ୟତରେ ଆସୁଥିବା ବିପର୍ଯ୍ୟୟକୁ ମଧ ମୁକାବିଲା କରିବାରେ ସକ୍ଷମ ହୋଇ ପାରିବ ବୋଲି ଗଞ୍ଜାମ ଜିଲ୍ଲାପାଳ ବ୍ୟକ୍ତ କରିଥିଲେ । ପାଣିପାଗ ବିଶେଷଜ୍ଞ ମାନଙ୍କ ଆକଳନ ଅନୁଯାୟୀ ସମ୍ଭାବ୍ୟ ବାତ୍ୟା ଓଡିଶା ପ୍ରତି ବିପଦ ନାହିଁ । ତଥାପି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସଦା ସର୍ବଦା ପ୍ରସ୍ତୁତ ରହିବା ଅପରିହାର୍ଯ୍ୟ । ଏହି ଆଭିମୁଖ୍ୟ ନେଇ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କମିଟିରେ ଜିଲ୍ଲାର ସମସ୍ତ ସାଂସଦ, ବିଧାୟକ, ଲାଇନ୍ ବିଭାଗୀୟ ଅଧିକାରୀଗଣ ନିଜ ନିଜ ବକ୍ତବ୍ୟରେ ମୁକାବିଲା ସକାଶେ ସଜାଗ ଥିବା ଜଣାଇଥିଲେ । ପ୍ରାରମ୍ଭରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗୀୟ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ନିଜ ବକ୍ତବ୍ୟରେ ଜିଲ୍ଲାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ଭୂୟସୀ ପ୍ରଶଂସା କରି ସମ୍ଭାବ୍ୟ ବନ୍ୟା, ବାତ୍ୟା ସକାଶେ ସମସ୍ତ ପ୍ରସ୍ତୁତି ଯୋରଦାର କରିବାକୁ ଜଣାଇଥିଲେ । ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ନିଜ ବକ୍ତବ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଯୋଗୁଁ ଓଡିଶା ଦେଶ ବିଦେଶରେ ସୁନାମ ଆଣିଛି । ଗଞ୍ଜାମ ଜିଲ୍ଲା ଏହାର ପରିଚାଳନା କ୍ଷେତ୍ରରେ ଓଡିଶାରେ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକରିଛି । ବିଶେଷ ଭାବରେ ବ୍ରହ୍ମପୁର ସହରରେ ଜମି ରହୁଥିବା ବନ୍ୟାଜଳର ନିଷ୍କାସନ ଦିଗରେ ପଦକ୍ଷେପ ନେବା ସମ୍ପର୍କରେ ମତ ରଖି ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଇତ୍ୟାଦି ବିଷୟରେ ଗୁରୁତ୍ୱ ଦେବାକୁ ଜଣାଇଥିଲେ । ଆସ୍କା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ ପ୍ରମୁଖ ଲୋକ ପ୍ରତିନିଧିଗଣ ନିଜ ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ତାହାକୁ ପ୍ରଶଂସା କରି ନଦୀ ବନ୍ଧ ଗୁଡିକର ମରାମତି, ଜନ ସାଧାରଣଙ୍କ ଜୀବନ କିଭଳି ସୁରକ୍ଷିତ ରହିବ, ବିପର୍ଯ୍ୟୟର ମୁକାବିଲା ସକାଶେ ନିୟୋଜିତ ଜାତୀୟ ବିପର୍ଯ୍ୟୟ ରାପିଡ୍ ଫୋର୍ସ ଏବଂ ଅଗ୍ନିଶମ ନିର୍ବାପକ କର୍ମଚାରୀଙ୍କ ରହଣୀ ସ୍ଥାନ ଠାରୁ ବାତ୍ୟା ପ୍ରଭାବିତ ଅଞ୍ଚଳକୁ କିଭଳି ସଠିକ୍ ସମୟରେ ପହଞ୍ଚି ପାରିବେ ସେହି ରାସ୍ତାର ଗମନାଗମନ ସୁବିଧା କରିବା,. ଜିଲ୍ଲାରେ ଥିବା ଶିଳ୍ପ ସଂସ୍ଥା ଗୁଡିକୁ ପୂର୍ବରୁ ସତର୍କ ଓ ସଜାଗ କରି ରଖିବା, ଚିଲିକା ନିକଟବର୍ତ୍ତି ଖରଖରୀ ନାଳକୁ ଜଳ ନିଷ୍କାସନ ହୋଇ ପାରିଲେ ଚାଷୀକୁଳ ଉପକୃତ ହେବା ଇତ୍ୟାଦି ବିଷୟ ନେଇ ପ୍ରସ୍ତୁତି କରିବାକୁ ଅବଗତ କରାଇଥିଲେ । ଗୋଳନ୍ଥରା ଓ ଗୋପାଳପୁର ଥାନା ଠାରେ ପୂର୍ବରୁ କ୍ରେନ୍ ରଖିବାର ବ୍ୟବସ୍ଥା କଲେ ସୁବିଧା ହେବ ବୋଲି ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଶ୍ରବଣ ବିବେକ ଏମ୍. ଅବଗତ କରାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ପ୍ରିୟ ରଞ୍ଜନ ପୃଷ୍ଟି ବିଭିନ୍ନ ଲାଇନ୍ ବିଭାଗ କିଭଳି ସମ୍ଭାବ୍ୟ ବାତ୍ୟାର ମୁକାବିଲା ନିମନ୍ତେ ପୂର୍ବ ପ୍ରସ୍ତୁତ କରିରଖିଛନ୍ତି ତାହା ପଚାରି ବୁଝିଥିଲେ ।

# ଚାନ୍ଦୁଆଠାରେ ତୃଣମୂଳସ୍ତରୀୟ ହକି ତାଲିମ କେନ୍ଦ୍ର ଉଦ୍‌ଘାଟିତ

ବାରିପଦା , ୧୧/୦୫ (ନି.ପ୍ର): ଆଜି ଓଡିଶା ନାଭାଲ ଟାଟା ଏବଂ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ମିଳିତ ଉଦ୍ୟମରେ ଏକ ହକି ତାଲିମ କେନ୍ଦ୍ର ଚାନ୍ଦୁଆ ଏସଏସଡି ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରାଯାଇଛି ଓ ଏହି ତାଲିମ କେନ୍ଦ୍ରକୁ ଭିଡ଼ିଓ କନଫରେସିଂ ମାଧ୍ୟମରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଉଦଘାଟନ କରିଥିଲେ. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଓସ୍ୱାନ ହଲରେ ଅନୁଷ୍ଠିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଯୋଗ ଦେଇ ଆଗାମୀ ଦିନରେ ବହୁ ଯୁବ ଖେଳାଳି ଏଠାରେ ତାଲିମ ନେଇ ଭବିଷ୍ୟତରେ ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଖେଳିପାରିବେ ବୋଲି କହିଥିଲେ. ତାଲିମ ପାଇଁ ଆବଶ୍ୟକୀୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶୃତି ଦେଇଛନ୍ତି ଓ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମସାଗର ନାଏକ ତଥା ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।




# ଜଳେଶ୍ୱରରେ ତାପମାତ୍ରା ୪୦ ଡିଗ୍ରୀ : ଅଂଶୁଘାତରେ ୧ ମୃତ ୧ ଆହତ

ଜଳେଶ୍ୱର , ୧୧/୦୫ (ନି.ପ୍ର): ଜଳେଶ୍ୱରରେ ଗତ କିଛିଦିନ ଧରି ତାପମାତ୍ର ୪୦ ଡିଗ୍ରୀ ରହୁଥିବାରୁ ବିଭିନ୍ନ ସ୍ଥାନରେ ଅଂଶୁଘାତ ସଂପର୍କରେ ଖବର ମିଳିଛି। ଏଥିରେ ଜଣେ ଚାଷୀର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଚାଷୀ ବାଲେଶ୍ୱରରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଜଳେଶ୍ୱର ଥାନା ଅନ୍ତର୍ଗତ ଅଲାଲପୁରର ମଇତ ନଗରର ଖେଲା ହାଁସଦା ନାମକ ଜନୈକ ଚାଷୀ ବିଲକୁ ଯାଇଥିବା ବେଳେ ତାର ମୃତ ଦେହ ବିଲାରୁ ଉଦ୍ଧାର କରାଯାଇଛି । ଘଟଣାରୁ ପ୍ରକାଶ ନିଜ ଜମି ନ ଥିବାରୁ ଚଳିତବର୍ଷ ଭାଗଚାଷ କରିଥିଲା । ଏକମାତ୍ର ପୁଅ ଗୁଜୁରାଟର ଏକ ଟାଇଲ ଫେକ୍ଟରୀରେ ପେଟପୋଷଣ କରୁଥିବା ବେଳେ ବାପା ଖେଲା ହାଁସଦା (୭୮) ଚାଷ କାମ କରି ଆସୁଥିଲା। ଧାନକଟା ଯନ୍ତ୍ର ଜମିକୁ ଆସିବାର ଥିବାରୁ ସେ ସେଠାରେ ଜଗିଥିଲା । ଦିନ ୧୦ଟାରେ ଜମି ନିକଟରେ ଜଗିଥିଲେ ମଧ୍ୟ ଦିନ ୨ଟା ସୁଦ୍ଧା ଘରକୁ ନ ଫେରିବାରୁ ସମ୍ପର୍କୀୟମାନେ ଖୋଜାଖୋଜି କରିଥିଲେ। ଶେଷରେ ଜମି ହିଡରେ ୩.୩୦ ମି. ସମୟରେ ଖେଲାର ମୃତ ଦେହ ପାଇଥିଲେ । ଗାଁ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଜିକେଭଟ୍ଟର ହସ୍‌ପିଟାଲକୁ ନେଇଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ୨ ଦିନ ତଳେ ଜଳେଶ୍ୱର ଥାନା ଅନ୍ତର୍ଗତ ବିରିଶପୁର ଗାଁର ସନିଆ ସିଂ (୩୫) ଟ୍ରାକ୍ଟରରେ ଘରକୁ ଧାନ ଆଣୁଥିବା ବେଳେ ହଠାତ୍ ବିଲରେ ଅଚେତ ହୋଇଥିଲେ । ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତାରେ ତାକୁ ପ୍ରଥମେ ଜିକେଭଟ୍ଟର ହସ୍‌ପିଟାଲରେ ଚିକିତ୍ସା କରାଯାଇ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ କରାଇଛନ୍ତି।

# ଟ୍ରାନ୍ସଫର୍ମରରୁ କଏଲ ଚୋରି ନେଇ ରାଇରଙ୍ଗପୁର ଏସଡିପିଓଙ୍କ ସାମ୍ବାଦିକ ସମ୍ମିଳନୀ

## ■ଚୋରି ଘଟଣାରେ ୯ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ
## ■ମାଷ୍ଟର ମାଇଣ୍ଡ ଇଲେକ୍ଟ୍ରିକାଲ ଠିକାଦାର

ବାରିପଦା , ୧୧/୦୫ (ନି.ପ୍ର): ବିଶୋଇ ଥାନା ମଣଦା ଫାଣ୍ଡି ଅନ୍ତର୍ଗତ ଶ୍ରୀରାମପୁରର ଟ୍ରାନ୍ସଫର୍ମରରୁ କଏଲ ଚୋରି ନେଇ ରାଇରଙ୍ଗପୁର ଉପଖଣ୍ଡ ଥାନାଅଧିକାରୀଙ୍କ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି. ସୂଚନା ଅନୁଯାୟୀ ଗତ ମାସ ଏପ୍ରିଲ ୨ ତାରିଖ ବିଶୋଇ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ସମୀର କୁମାର ଆଚାର୍ଯ୍ୟଙ୍କ ରିପୋର୍ଟକୁ ଭିତ୍ତି କରି ବିଶୋଇ ଥାନା ରେ କେସ ନଂ ୨୬/୨୩ ଆଇପିସି ଦଫା ୩୭୯ ପଞ୍ଜୀକୃତ କରାଯାଇଥିଲା. ପୋଲିସର ତଦନ୍ତ ସମୟରେ , ବାରିପଦା ସାଇବର ସେଲର ସହାୟତା ନେଇ ସନ୍ଦିଗ୍ଧ ନମ୍ବର ମାନଙ୍କର ନିରୀକ୍ଷଣ କରିବାରୁ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଗୋଷାଣିପାଳ ଗ୍ରାମର ଅସିତ କୁମାର ସାହୁ ନାମକ ଜଣେ ଇଲେକ୍ଟ୍ରିକାଲ କଣ୍ଟ୍ରାକ୍ଟରଙ୍କ ସଂପୃକ୍ତି ଥିବା ଜଣାପଡିଥିଲା। ତାଙ୍କୁ ଧରିବା ପରେ ସେ ଦୋଷ ସ୍ୱିକାର କରି ଅନ୍ୟମାନେ ଚୋରି କରିବା ସ୍ୱୀକାର କରିଥିଲେ ,ଚଢେଇଭୋଳର ସ୍କ୍ରାପ୍ ଡିଲର ଏମ.ଡି. ଇମାମିନ୍ ଖାଁ ପାଖରେ ବିକ୍ରି କରିଥିବାର ପ୍ରକାଶ କରିଥିଲା। ଚଢେଇଭୋଳର ଇମାମିନ୍ ଖାଁ ଓ ଜାଭେଦ୍ ଖାଁ ପାଖରୁ ଚୋରି ହୋଇଥିବା ଟ୍ରାନ୍ସଫାର କଏଲ୍ ଜବତ୍ କରାଯାଇଥିଲା । ଅଭିଯୁକ୍ତ ମାନେ ବିଭିନ୍ନ ଜିଲ୍ଲା ତଥା ଦେଓଗଡ, କେନ୍ଦୁଝରର, ପାଟଣାଥାନା, ବିଶୋଇ ଓ ରରୁଆଁ ଥାନା ଅଞ୍ଚଳରେ ଚୋରି କରିଥିବା ସ୍ୱୀକାର କରିଥିଲେ । ତାଙ୍କ ସ୍କ୍ରାପ୍ ଗୋଦାମ ଚଢାଉ କରିବାରୁ ସେଠାରେ ପ୍ରାୟ ୨୦ ଲକ୍ଷରୁ ଅଧିକ ଟଙ୍କାର ଆଲୁମିନିୟମ୍ ଓ ତମ୍ବାତାର ଗଛିତ ଥିବାର ମିଳିଥିଲା। ଏହି ଘଟଣାରେ ସର୍ବମୋଟ ୯ ଜଣ ଅଭିଯୁକ୍ତକୁ ବିଶୋଇ ପୋଲିସ ଗିରଫ କରି ଆଲୁମିନିୟମ୍ ଓ ତମ୍ବାତାର ,ଦୁଇଗୋଟି ପିକ୍‌ଅପ୍ ଭ୍ୟାନ୍ ,ଏକ ସୁଇଫ୍ଟ ଡିଯାୟାର କାର, ପାଞ୍ଚଗୋଟି ମୋବାଇଲ ଫୋନ୍ ଜବତ୍ ହୋଇଛି। ଆଜି ସମସ୍ତ ମୁଦାଲାମାନଙ୍କୁ କୋର୍ଟ ଚାଲାଣ କରାଯାଇଛି. ସେମାନେ ହେଲେ ଅସିତ କୁମାର ସାହୁ, ଚନ୍ଦନ କୁମାର ସାହୁ, ବାପୁନ ମାଣ୍ଡି,ଜିତେନ୍ ସିଂ, ସୁକୁନ୍ ସିଂ,ରୁଇତୁ ସିଂ, ଆଶିଷ ସିଂ, ଏମ୍ ଡି ଇମାମିନ୍ ଖାଁ ଓ ଜାଭେଦ୍ ଖାନ୍। ଏହି ଘଟଣା ନେଇ ସାମ୍ବାଦିକ ସମ୍ମିଳନୀରେ ରାଇରଙ୍ଗପୁର ଉପଖଣ୍ଡ ଅଧିକାରୀ ଗୋକୁଳାନନ୍ଦ ସାହୁ ଏବଂ ଅନ୍ୟ ସହଯୋଗୀ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ ।




# ପୂର୍ବତନ ସରପଂଚଙ୍କୁ ଗୁଳିକରି ନିର୍ମମ ହତ୍ୟା

କନ୍ଧମାଳ , ୧୧/୦୫ (ନି.ପ୍ର): କିଛି ଦିନର ନୀରବତା ପରେ ପୁଣି ସକ୍ରିୟ ଲାଲ ବାହିନୀ । ବୁଧବାର ବିଳମ୍ବିତ ରାତିରେ ଦଶରୁ ଅଧିକ ମାଓବାଦୀ ଘରୁ ଡ଼ାକିନେଇ ତାଙ୍କର ବାରି ପଟରେ ହିଁ ଗୁଳିକରି ନିର୍ମମ ହତ୍ୟା କରିଛନ୍ତି ମାଓବାଦୀ । ଫିରିଙ୍ଗିଆ ଥାନା ଅନ୍ତର୍ଗତ ସୁମରବନ୍ଧ ପଂଚାୟତର ସାଉଲ୍ ପଡ଼ାଠାରେ ଘଟିଛି ଘଟଣା । ମୃତକ ହେଉଛନ୍ତି ପୂର୍ବତନ ସରପଂଚ ସୁବଳ କହଁର। ସୁବଳ ଘରେ ଶୋଇଥିବା ସମୟରେ ମାଓବାଦୀ ଘରୁ ଡାକି ନେଇ ତାଙ୍କ ଘରଠାରୁ ୨୦୦ ମିଟର ଦୂରରେ ପାଖାପାଖି ପାଂଚ ରାଉଣ୍ଡ ଗୁଳି କରି ହତ୍ୟା କରିଛନ୍ତି। ଆଗରୁ ସେ ମାଓବାଦୀଙ୍କ ଟାର୍ଗେଟରେ କୁଆଡେ ଥିଲେ । କେଉଁ କାରଣରୁ ସୁବଳକୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ ।

# ଦୁଇ ଭାଲୁ ଆକ୍ରମଣରେ ଦୁଇ ଜଣ ଗୁରୁତର: ଗୁରୁତର ଦୁଇ ଜଣଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର

ନୀଳଗିରି , ୧୧/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧିନ ଅଯୋଧ୍ୟା ଅଞ୍ଚଳରେ ୨ଟି ଭାଲୁ ଆକ୍ରମଣରେ ଜଣେ ମହିଳା ସମେତ ଜଣେ ପୁରୁଷ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ ଘଟିକା ସମୟରେ ଭଉଁରିଆବାଡ ପଞ୍ଚାୟତ ଆନନ୍ଦପୁର ଗ୍ରାମର ଶ୍ରୀନାଥ ଖଟୁଆ (୫୭) ଛେଳି ଚରାଇବାକୁ ଗୋପାଳପୁର ଗ୍ରାମ ନିକଟସ୍ଥ ଘାଗରା ନଦୀ ପଠାକୁଯାଇଥିଲେ । ପାଖ ଆମ୍ବଗଛରୁ ଆମ୍ବ ତୋଳିବାକୁ ଦୁଇ ଜଣ ସ୍ତ୍ରୀ ଲୋକ ଯାଇ ଆମ୍ବ ତୋଳିବା ଉଦ୍ଦେଶ୍ୟରେ ଜଣେ ଗଛକୁ ଚଢିଥିବା ବେଳେ ଗୋପାଳପୁର ଗ୍ରାମର ରତିକାନ୍ତ ନାୟକଙ୍କ ସ୍ତ୍ରୀ ଭାମା ନାୟକ (୩୫) ତଳେ ଆମ୍ବ ଗୋଟାଉଥିବା ସମୟରେ ନଦୀ ପାର ହୋଇ ହଠାତ୍ ଦୁଇଟି ଭାଲୁ ତଳେ ଆମ୍ବ ଗୋଟାଉ ଥିବା ଭାମାକୁ ଆକ୍ରମଣ କରିଥିଲା। ପାଖରେ ଛେଳି ଚରାଉଥିବା ଶ୍ରୀନାଥ ଏହି ମହିଳାଙ୍କ ଚିତ୍କାର ଶୁଣି ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉକ୍ତ ଭାଲୁ ଦୁଇଟି ଶ୍ରୀନାଥଙ୍କୁ ପାଲଟା ଆକ୍ରମଣ କରିଥିଲେ। ଫଳରେ ତାଙ୍କର ଗୋଡ ଦୁଇଟି ଗଭୀର ଆଘାତ ହୋଇଥିବା ବେଳେ ମହିଳା ଜଣଙ୍କ ମୁଣ୍ଡରେ ମଧ ଗଭୀର ଆଘାତ ହୋଇଥିବା ଦେଖିବାକୁ ମିଳିଛି। ପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲକୁ ଆଣି ଚିକିତ୍ସା କରିଥିବା ବେଳେ ଶ୍ରୀନାଥଙ୍କ ସମେତ ଭାମା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।



# ଗୋଚର ସ୍ଥାନରେ କଲ୍ୟାଣ ମଣ୍ଡପକୁ ବିରୋଧ : ସ୍ଥାନ ପରିବର୍ତ୍ତନ ଦାବି

ଜଳେଶ୍ୱର , ୧୧/୦୫ (ନି.ପ୍ର): ଜଳେଶ୍ୱର ବ୍ଲକର ବର୍ତ୍ତନା ପଂଚାୟତର ୬ଟି ଗ୍ରାମ ମଧ୍ୟରୁ ବର୍ତ୍ତନା ଠାରେ ଏକ କଲ୍ୟାଣ ମଣ୍ଡପ ଲାଗି ପଂଚାୟତ ପକ୍ଷରୁ ଗ୍ରାମ ସଭାରେ ସିଦ୍ଧାନ୍ତ ହୋଇଥିଲା । ଏ ସଂପର୍କରେ ଜଳେଶ୍ୱର ବିଡିଓଙ୍କୁ ଜଣାଇ ଦିଆଯାଥିଲେ ମଧ୍ୟ ପରେ ତାହା କସିଦା ଗ୍ରାମରେ ହେବ ବୋଲି ସ୍ଥିର ହୋଇଛି । ଏହାକୁ ବିରୋଧ କରି ପଂଚାୟତବାସୀଙ୍କ ପକ୍ଷରୁ ବିଡିଓ, ତହସିଲଦାର, ପିଡି ଡିଆର୍‌ଡିଏ, ଜିଲାପାଳ ଓ ପଂଚାୟତରାଜ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ବର୍ତ୍ତନା ଗାଜିଆଣି ପୋଖରୀ ନିକଟରେ ପଂଚାୟତ କାର୍ଯ୍ୟାଳୟ, ରାଜୀବଗାନ୍ଧୀ ଗ୍ରାମିଣ ସେବାକେନ୍ଦ୍ର, ଗୋଦାମ ଗୃହ, ଜିପିଏଲଏଫ, ମିଶନଶକ୍ତି ଗୃହ, କମୁନିଟି ପାଇଖାନା, ରୋଷେଇଶାଳ, ଉସ୍ୱବଚରଣ ଗାଜିଆଣିଚଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଜାରଗୃହ ଇତ୍ୟାଦି ରହିଥିବାରୁ ସେଠାରେ ଏକ କଲ୍ୟାଣ ମଣ୍ଡପଲାଗି ପ୍ରସ୍ତାବ ଦିଆଯାଇଥିଲା । କିନ୍ତୁ ଏବେ କସିଦା ଗାଁରେ ନିର୍ମାଣ କରାଯିବାକୁ ସରକାରୀ ନିଷ୍ପତ୍ତି ହୋଇଥିବାରୁ ପଂଚାୟତର ପଦ୍ମଲୋଚନ ବେହେରା, ତ୍ରିଲୋଚନ ଦାସ, ସମ୍ଭୁନାଥ ଜେନା, କାଳିଚରଣ ପାଳ, ବିଭୁତି ବିର, ଗଣେଶ ସାମଲ, କବିର ଜେନା, ତ୍ରିଲୋଚନ ସେଠୀ ପ୍ରମୁଖ ବହୁ ବ୍ୟକ୍ତି ଜଣାଇଛନ୍ତି ।

# ମାଇନିଂ ଆକ୍ଟ ସତ୍ତ୍ୱେ ବ୍ୟାପକ ଚୋରାବାଲି ଚାଲାଣ

## ଜଳେଶ୍ୱର ତହସିଲଦାରଙ୍କ ଦ୍ୱାରା ୫ ଡମ୍ଫର ୨ ଟ୍ରାକ୍ଟର ଜବତ୍ : ୨ ଲକ୍ଷ ଟଙ୍କା ଜୋରିମାନା ଆଦାୟ

ଜଳେଶ୍ୱର ୧୧/୫ (ନି.ପ୍ର): ଏନ୍‌ଜିଟି ପକ୍ଷରୁ ବିଭିନ୍ନ ଆଇନ୍‌ଗତ ସମସ୍ୟା ଦ୍ୱାରା ଚୋରାବାଲି ଚାଲାଣରେ ରୋକ ଲଗାଇବାକୁ ଚେଷ୍ଟାକରାଯାଉଥିଲେ ମଧ୍ୟ ତାହା ବନ୍ଦ କରାଯାଇପାରୁନାହିଁ। ଫଳରେ ପ୍ରତିଦିନ ସୁବର୍ଣ୍ଣରେଖା ନଦୀର ବାଲି ଚୋରାରେ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି । ଆଜି ତହସିଲଦାର ହଠାତ୍ ଚଢାଉ କରିବାରୁ ୫ଟି ଡମ୍ଫର ଓ ୨ ଟ୍ରାକ୍ଟର ଜବତ୍ କରିବା ସହ ପ୍ରାୟ ୨ଲକ୍ଷ ଟଙ୍କାର ଜୋରିମାନା ଆଦାୟ କରାଯାଇଛି । ୯୦ ଦଶକରୁ ସୁବର୍ଣ୍ଣରେଖା ବାଲିକୁ ସ୍ୱର୍ଣ୍ଣ ପର୍ଣ୍ଣ, ଜେସିବି ଦ୍ୱାରା ଉତ୍ତଳନ କରି ବାଲି ମାଫିଆମାନେ କୋଟି କୋଟି ଟଙ୍କା ଆଦାୟ କରୁଥିବାରୁ କେତେକ ବ୍ୟକ୍ତି ଏନ୍‌ଜିଟିର ଦ୍ୱାରାସ୍ଥ ହୋଇଥିଲେ । ଏ ସଂପର୍କରେ ଏନ୍‌ଜିଟି ଓଡିଶା ଓ ପଶ୍ଚିମବଂଗ ସରକାର ବିଶେଷ କରି ବାଲେଶ୍ୱର ଓ ମେଦିନୀପୁର ଜିଲା ପ୍ରଶାସନକୁ ବାରମ୍ବାର ତାଗିଦ୍ କରି ଆସିଥିଲେ । ପୁଣି ରାଜସ୍ୱ ବିଭାଗ ବାଲି ନିୟନ୍ତ୍ରଣ ହରାଇଥିବା ବେଳେ ଏଣିକି ମାଇନିଂ (ଖଣି)ବିଭାଗ ତଦାରଖ କରିବା ଆରମ୍ଭ ହୋଇଛି । ବାଲି ମାଫିଆମାନେ ବିଭିନ୍ନ ତଥ୍ୟ ହାସଲ କରି ପ୍ରଶାସନକୁ ଚକମାଦେଇ ବାଲି ଚୋରା ଚାଲାଣ କରି ଆସୁଛନ୍ତି । ତହସିଲଦାର କୌଣସି ବାଲି ଖାଦାନ ଚଢାଉ ଲାଗି ତହସିଲରୁ ବାହାରିଲା ବେଳକୁ ଚୋରା ବାଲି ମାଫିଆମାନେ ସଜାଗ ହୋଇଯାଉଛନ୍ତି। ତଥାପି ଜଳେଶ୍ୱର ତହସିଲଦାର ମିହିର ରଂଜନ ବେହେରା ଚଢାଉ ଜାରି ରଖିଛନ୍ତି। ଆଜି ଦ୍ୱି ପ୍ରହରରେ ସେ ୧ଟି ମୋରମ, ୪ଟି ବାଲି ଡମ୍ଫର ଡମ୍ଫର ଓ ୨ଟି ଟ୍ରାକ୍ଟର ବାଲି ସହ ଜବତ୍ କରିଛନ୍ତି । ସେ ଗୁଡିକ ହେଲା ଡବ୍ଲୁ ବି ୩୧ ଏ-୩୭୩୬, ଓଡି ୦୧ ଏଏସ୍-୭୯୯୯, ଡଇ ୦୧ ଏଏଲ୍-୯୭୬୪, ଡବ୍ଲୁବି୩୧-୩୭୨୬ ଡମ୍ଫର ଗୁଡିକୁ ସୁଗୋଠାରେ ଜବତ୍ କରାଯାଇଛି । ସେମାନଙ୍କ ଠାରୁ ୨ ଲକ୍ଷ ଟଙ୍କାର ଫାଇନ୍ ଆଦାୟ କରାଯିବା ସଂପର୍କରେ ଶ୍ରୀ ବେହେରା ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ସୂଚନାରୁ ପ୍ରକାଶ, ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ତହସିଲ ଅଧିନରେ ୨୩ଟି ବାଲି ସୈରାତ ଥିବା ବେଳେ ଏବେ ଆଇନତଃ କୌଣସିଟିରୁ ବାଲି ଉତ୍ତୋଳନ ଲାଗି ନିର୍ଦ୍ଦେଶ ମିଳିନାହିଁ। ଫଳରେ ବାଲି ଉତ୍ତୋଳନ ଠପ୍ ହୋଇଥିବା ବେଳେ ଚାହିଦାକୁ ଲକ୍ଷ୍ୟ କରି ମାଫିଆମାନେ ଚଳଚଞ୍ଚଳ ହୋଇ ଉଠିଛନ୍ତି। ନିକଟରେ ରାଜନଗର ଓ ଚୁରମରା ସୈରାତ ନିଲାମ ଶେଷ ହୋଇଥିଲେ ମଧ୍ୟ ବାଲି ଉତ୍ତୋଳନ ଆରମ୍ଭ ହୋଇନାହିଁ । ଆର୍‌ଆର୍‌ପୁର ସୈରାତରୁ ବାଲି ଉତ୍ତୋନ ହେବା ସଂପର୍କରେ ଶ୍ରୀ ବେହେରା ସୂଚନା ଦେଇଛନ୍ତି । ଚଳିତବର୍ଷ ଶିଖରପୁରରେ ମଧ୍ୟ ବାଲି ଉତ୍ତୋନ ହେବା ସଂପର୍କରେ କହିଛନ୍ତି । ଆଜିର ଚଢାଉରେ ଅତିରିକ୍ତ ତହସିଲଦାର ଅମ୍ଳାନ ନାୟକ, ସାଗର ବାସ୍କେ, ଦେବଞ୍ଜନ ମହାନ୍ତି, ସୃଷ୍ଟିଧର ପଟ୍ଟାୟତ ଓ ରାଜସ୍ୱ ନିରିକ୍ଷକ ଶରତ ବେହେରା ପ୍ରମୁଖ ସାମିଲ ଥିଲେ । ଅତିଶୀଘ୍ର ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସୈରାତକୁ ଆଇନଗତଭାବେ ନିଲାମ ଦିଆଯାଇପାରିଲେ ଚୋରା ବାଲି ଚାଲାଣକୁ ରୋକ ଲଗାଯାଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଅଦ୍ୟାବଧି ଖଣି ବିଭାଗର କୌଣସି କାର୍ଯ୍ୟାଳୟ ଖୋଲା ଯାଇନଥିବା ବେଳେ କର୍ତ୍ତୃପକ୍ଷ ଅତିଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ବାପ ଛେଉଣ୍ଡ ଛାତ୍ର ରଘୁନାଥ



ଉଦଳା, ୧୧/୦୫ (ନି.ପ୍ର):- ଉଦଳା ବ୍ଲକର ବଡ଼ସିଙ୍ଗାରିଆ ପଂଚାୟତ ଅନ୍ତର୍ଗତ ସାନସିଙ୍ଗାରିଆ ଗ୍ରାମର ବାସିନ୍ଦା ୰ ପୃଥିରାଜ ହାଁସଦାଙ୍କ ପୁତ୍ର ରଘୁନାଥ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । କରୋନା ସମୟରେ ବିଦ୍ୟାଳୟ ଛୁଟି ରହିବା ଫଳରେ ସେ ପାଠ ଠାରୁ ଦୁରେଇ ଯାଇଥିଲେ । ବିଦ୍ୟାଳୟ ଖୋଲିବା ପରେ ସେ ପୁଣି ଥରେ କିପରି ବିଦ୍ୟାଳୟକୁ ଯିବେ ଓ ପାଠ ପଢ଼ିବେ ସେଥିପାଇଁ କୌଣସି ମହଲରେ କିଛି ତତ୍ପରତା ପ୍ରକାଶ ପାଇଲା ନାହିଁ । ଫଳରେ ସେ ପାଠ ପଢ଼ା ଛାଡ଼ିଦେବାକୁ ବାଧ ହେଲେ । ସେ ନିକଟରେ ଥିବା ଦୁଗୁଧା ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ବୟସ ତାଙ୍କୁ ବର୍ତ୍ତମାନ ୧୫ ଛୁଇଁଲା । ପାଠ ପଢ଼ଇବା ପାଇଁ ତାଙ୍କର ଆଗ୍ରହ ରହିଛି , କତୃପକ୍ଷ ତାଙ୍କୁ ସହଯୋଗର ହାତ ବଢ଼ାନ୍ତୁ ବୋଲି ବିଭିନ୍ନ ମହଲରେ ଦାବୀ ହେଉଛି ।

# ବି.ଜେ.ବି.ନଗର ଭୁବନେଶ୍ୱରରେ ମୁନି ସମାଜର ବ୍ରହ୍ମଯଜ୍ଞ

ଭୁବନେଶ୍ୱର, ୧୧/୦୫ (ନି.ପ୍ର): ସନ୍ଧ୍ୟା ୭ ଘଟିକା ସମୟରେ, ବି.ଜେ.ବି. ନଗର ଭୁବନେଶ୍ୱର ଠାରେ, ହାତିଆଡିହା, ରୂପସା, ବାଲେଶ୍ୱର, ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀଙ୍କ ସଭାପତିତ୍ୱରେ, ଦିବଙ୍ଗତ, ବାନପ୍ରସ୍ତୀ ମହାନ ତପସ୍ୱୀ ମାର୍କଣ୍ଡ ବଳଙ୍କର ସୁପୁତ୍ର ଶ୍ରୀଯୁକ୍ତ ଗୋପବନ୍ଧୁ ବରଙ୍କର୪୭ତମ ଶୁଭ ଜନ୍ମଦିନ ମହା ସମାରୋହରେ, ପରିବାରର ସମସ୍ତ ସଦସ୍ୟ ସଦସ୍ୟା, ବନ୍ଧୁବାନ୍ଧବ ମାନଙ୍କ ଗହଣରେ ପାଳିତ ହୋଇଯାଇଛି । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ, କରାଯାଇ,ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଆଶୀର୍ବଚନ ପ୍ରଦାନ କରାଯାଇଥିଲା । ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ଯିଏ ପ୍ରତିଦିନ ଯୋଗ ସାଧନ କରି ଚାଲିବ,ସେ ସୁଖ-ଶାନ୍ତି-ଆନନ୍ଦରେ ଜୀବିକା ନିର୍ବାହ କରିବା ସହିତ , ଦିନେ ଆତ୍ମ ଦର୍ଶନ ନିଶ୍ଚୟ କରିବ,ଏ ଥିରେ ସନ୍ଦେହ କରି ବାର ଅବକାଶ ନାହିଁ ବୋଲି ସଭାପତି ଉପସ୍ଥିତ ସମସ୍ତଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଉପସ୍ଥିତ ଥିଲେ ,ଶ୍ରୀଯୁକ୍ତ ହରିମୋହନ ବେହେରା, ଶ୍ରୀମତୀ ମମତା ବେହେରା, ଶ୍ରୀଯୁକ୍ତ ଶୁଭମ ଶେଖର ବାରିକ,ଶ୍ରୀମତୀ ପ୍ରମୋଦିନୀ ବାରିକ,ଶ୍ରୀଯୁକ୍ତ ପଙ୍କଜ ପ୍ରଭାକର ବାରିକ,ଶ୍ରୀମତୀ ସୁଶ୍ରୀ ସଙ୍ଗୀତା ବାରିକ, ଏବଂ କୁମାରୀ ସୁନୟନା ବାରିକ ଇତ୍ୟାଦି ବହୁ ସଦସ୍ୟ-ସଦସ୍ୟା ବୃନ୍ଦ । ଶେଷରେ ଗୃହକର୍ତ୍ତୀ ପ୍ରମୋଦିନୀ ବାରିକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ଭୋଜନରେ ଆପ୍ୟାୟିତ କରିଥିଲେ।



# ତିନି ମାସ ପରେ ହତ୍ୟାକାରୀ ଧରା ପଡିଲା

ଭଦ୍ରକ, ୧୧/୦୫ (ନି.ପ୍ର): ଗତ ଫେବୃଆରୀ ଦୁଇ ତାରିଖ ଦିନ ୧୬ ନମ୍ବର ଜାତୀୟ ରାଜପଥ ଧାମରା ବ୍ରିଜ ନିକଟରେ ଘଟିଥିବା ବିଭତ୍ସ ହତ୍ୟାକାଣ୍ଡ ଘଟଣା ର ମୁଖ୍ୟ ଅଭିଯୁକ୍ତ କୁ ତାମିଲନାଡୁ ରୁ ଗିରଫ କରିଛି ଗ୍ରାମାଞ୍ଚଳ ପୋଲିସ । ପୋଲିସର ସୂଚନା ଅନୁଯାଇ ପୂର୍ବ ଶତ୍ରୁତା କୁ କେନ୍ଦ୍ରକରୀ ଅଭିଯୁକ୍ତ ସାଗର ଦାସ ଟାଉନ ଥାନା ନିକଟ ପୂଝାରୀ ସାହି ଗ୍ରାମର ନୀଳକଣ୍ଠ ଦାସଙ୍କୁ ମଧ ରାତିରେ ଅଭିଯୁକ୍ତ ସାଗର ନିଜ ଅଟୋ ରେ ବସାଇ ନେଇ ମଦ ପିଆଇବା ପରେ ଏକ ଧାରୁଆ ମାରଣାସ୍ତ୍ର ରେ ମୁହଁକୁ ହାଣି ହତ୍ୟା କରି ଘଟଣା ସ୍ଥଳରୁ ଫେରାର ହେଇ ଜାଇ ଥିଲା ! ଏହି ଘଟଣା ରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କ ପରିବାର ସଦସ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସାଗର କୁ ପୋଲିସ ତାମିଲନାଡୁ ରୁ ଗିରଫ କରିବାରେ ସଫଳ ହୋଇଥିବା ବେଳେ ହାତ୍ୟକାଣ୍ଡ ରେ ବ୍ୟବହୃତ ମରଣାସ୍ତ୍ର କୁ ପୋଲିସ ଜବତ କରିଥିବା ର ସୂଚନା ଦେଇଛନ୍ତି ଏସଡିପିଓ ଭଦ୍ରକ ଗ୍ରାମାଞ୍ଚଳ ।

# ଉଦଳାରେ ନାଗରିକ ମଂଚର ମୌନ ପ୍ରତିବାଦ ଓ ଗଣଧାରଣା



ଉଦଳା, ୧୧/୦୫ (ନି.ପ୍ର):- ନିକଟରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର ମୟୂରଭ ଗସ୍ତରେ ବାରିପଦା ଠାରେ ତାଙ୍କର ଭାଷଣ ଚାଲିଥିବା ସମୟରେ ୯ ମିନିଟ ବିଦ୍ୟୁତ କାଟ ଘଟଣା ମୟୂରଭବାସୀଙ୍କ ମାନସିକତାକୁ ଗଭୀର ଆଘାତ ଦେଇଛି । ଏଥିପାଇଁ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଢ଼ଙ୍ଗରେ ପ୍ରତିବାଦର ସ୍ୱର ଉଠୁଛି । ଏହାକୁ କେନ୍ଦ୍ର କରି ଉଦଳା ଠାରେ ଚଳିତ ମଇ ୧୦ ତାରିଖ ବୁଧବାର ଦିନ କପ୍ତିପଦା ଉପଖଣ୍ଡ ସ୍ତରୀୟ ନାଗରିକ ମଂଚ ତରଫରୁ ମୌନ ପ୍ରତଦିବାଦ ଓ ଗଣ ଧାରଣାର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ମୁହଁରେ କଳାପଟି ବାନ୍ଧି ହାତରେ 'ଜିଲ୍ଲାପାଳ, ଏସ୍.ପି. ଓ କୁଳପତିଙ୍କର ଅନ୍ୟତ୍ର ସ୍ଥାନା'ର ଆମର ଦାବୀ', 'ଏ ମାଟିର ଆଦିବାସୀ ଝିଅ ଦ୍ରୌପଦୀ ଦିଦିଙ୍କୁ ଅସମ୍ମାନ ଆମେ ସହିବୁ ନାହିଁ' ଇତ୍ୟାଦି ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡ଼ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉଦଳା ଏନ୍.ଏ.ସି. ଅଧକ୍ଷା ପ୍ରମିଳା ପଣ୍ଡା, ନିହାର ମୋଦି, ପ୍ରଭାତ ପରିଡ଼ା, କମଳ ଧଳ, ଶରତ ଦାସ, ମମତା ସାହୁଙ୍କ ସମେତ ଶତାଧିକ ବ୍ୟକ୍ତି ଅଂଶ ଗ୍ରହଣ କରିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo